

ସୁଗ୍ରୀବ ଭୂମିକାରେ ଅମିତ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-59 ◆SATURDAY ◆23 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୯ ◆ଶନିବାର ◆୨୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେ ଗିରଫ



■ କଲମ୍ବୋ, ୨୨।୮ (ଏଜେନ୍ସି): ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଙ୍ଘେଙ୍କୁ ଶୁକ୍ରବାର ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ବାଟମାରଣ ଓ ଦୁର୍ନୀତି ଅଭିଯୋଗରେ ଶ୍ରୀଲଙ୍କା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲା ୨୦୨୩ର। ସେ ରାଷ୍ଟ୍ରପତି ଥିବା ବେଳେ ଏହି ସମୟରେ ପତ୍ନୀ ତଥା ପ୍ରଫେସର ମୈତ୍ରୀ ବିକ୍ରମାସିଙ୍ଘେଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଲଣ୍ଡନ ଯାଇଥିଲେ। ଦୁହେଁ ଉଲଭରହାମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେ ସିଧା ଶ୍ରୀଲଙ୍କାରୁ ଲଣ୍ଡନ ଯାଇ ନ ଥିଲେ। ସେ ହାଭାନାରେ ଜି-୭୭ ସମ୍ମିଳନୀରେ ଯୋଗ ଦେଇ ଲଣ୍ଡନ ବାଟେ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ବ୍ୟକ୍ତିଗତ ଗସ୍ତ ଥିଲା। ମାତ୍ର ସେ ଏଥିରେ ସରକାରୀ ଅର୍ଥର ଅପବ୍ୟବହାର କରିଥିଲେ। ଏହା ଛଡା ସେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ସରକାରୀ ପାଣ୍ଠିରୁ ଦରମା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

ଶୁକ୍ରବାର ସକାଳେ ରାନିଲଙ୍କୁ ଆର୍ଥିକ ଅପରାଧ ଯାଞ୍ଚ ବିଭାଗ (ଏଫ୍‌ସିଆଇଡି)ରେ ହାଜର କରାଯାଇଥିଲା। ତାଙ୍କୁ ଦୀର୍ଘ ୪ ଘଣ୍ଟାର ଧରି ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ୭୬ ବର୍ଷୀୟ ରାନିଲ ଶ୍ରୀଲଙ୍କାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ▶ପୃଷ୍ଠା-୭

## ୧୨ ହଜାର ଫୁଟ ଉଚ୍ଚରେ ଭାଙ୍ଗିଲା ବୋଇଂ ବିମାନ ଡେଣା

**୬୨ ଯାତ୍ରୀଙ୍କ ସହ ଟେକ୍ସାସରେ ସୁରକ୍ଷିତ ଅବତରଣ**

■ ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକାରେ ଡେଲ୍ଟା ଏୟାର ଲାଇନ୍ସର ଏକ ବୋଇଂ ୭୩୭ ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଗତ ୧୯ ତାରିଖରେ ବିମାନ ୧୨,୦୦୦ ଫୁଟ ଉଚ୍ଚରେ ଉଡୁ ଥିବାବେଳେ ଏହାର ବାମପଟ ଡେଣା ଭାଙ୍ଗି ଅଲଗା ହୋଇ ଯାଇଥିଲା। ଏହାପରେ ବିମାନକୁ ଟେକ୍ସାସର ଅଷ୍ଟିନ୍-ବେର୍ଗଷ୍ଟ୍ରମ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ଏହି ବିମାନ ଫ୍ଲୋରିଡାର ଅର୍ଲାଣ୍ଡୋ ବିମାନ ବନ୍ଦରରୁ ଟେକ୍ସାସକୁ ଯାଉଥିଲା। ଏଥିରେ ୬୨ ଯାତ୍ରୀଙ୍କ ସହ ୬ ଜଣ କ୍ରୁ ମେମ୍ବର ଥିଲେ। ଡେଣା ଭାଙ୍ଗିବା ପରେ ବିମାନ ଜୋରରେ ଦୋହଲିବାରେ ଲାଗିଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ। ଜଣେ ଯାତ୍ରୀ ଡେଣା ଭାଙ୍ଗିବା ଘଟଣାର ଫୁଟେଜ ରେକର୍ଡ କରିଥିଲେ। ଅବତରଣ ପରେ ଡେଲ୍ଟା ଏୟାର ଲାଇନ୍ସ ଯାତ୍ରୀମାନଙ୍କୁ କ୍ଷମା ମାଗିଛି। ଏହି କମ୍ପାନୀ ଆମେରିକାର ଏକ ବହୁ ପୁରୁଣା ଏୟାର ଲାଇନ୍ସ ଓ ଏହାକୁ ୧୯୨୫ରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଡେଲ୍ଟା ଏୟାର ଲାଇନ୍ସର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଗତ ଫେବୃଆରୀରେ କାନାଡାର ଟରଣ୍ଟୋରେ ଏହି କମ୍ପାନୀର ଏକ ବିମାନ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୧ ଜଣ ଆହତ ହୋଇଥିଲେ।

### ୧୨ ଦିନ ହେଲା ଆନ୍ଦୋଳନରେ ୧୦ ହଜାର ରାଜସ୍ୱ ଅମଲା

# ସରକାର ବେଫିକର; ସଂଘ ଅଟଳ

**▶ ସାରା ରାଜ୍ୟରେ ରାଜସ୍ୱ ସେବା ଅଚଳ**

**▶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ**

■ ଭୁବନେଶ୍ୱର, ୨୨।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଶନିବାର ଓ ରବିବାରକୁ ମିଶାଇଲେ ଏହା ୧୪ ଦିନ ହେବ। ଏତେ ଦିନ ହେବ ନିଜ ଜିଦ୍‌ରେ ଅଟଳ ଥିବା ଅମଲା ସଂଘ ସରକାରଙ୍କ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛି। ଖରା ବର୍ଷାରେ ରାଜସ୍ୱ ଅମଲାମାନେ ନିଜ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଛକୁ ହଟିବାର ପ୍ରଶ୍ନ ଉଠୁନି ବୋଲି ସଂଘ କହିଛି। ଅନ୍ୟପଟେ ଆନ୍ଦୋଳନକୁ ୧୨ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ସେମାନଙ୍କ ଦାବି ପୂରଣ କରିବା ଦୂରର କଥା, ସେମାନଙ୍କ ସହ କୌଣସି ଆଲୋଚନା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରି ନାହାନ୍ତି। ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ସକାରୀ ସେବା ପାଇବାରୁ ବଞ୍ଚିତ ହେଉଥିବା ସତ୍ତ୍ୱେ ସରକାର କାହିଁକି ଆଲୋଚନା ପାଇଁ ସଂଘକୁ ଡାକୁ ନାହାନ୍ତି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଆଦିରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ମୁଖ୍ୟତଃ ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ, ଜମିଜମା ପଟ୍ଟା ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଲାଙ୍କ ଦାବି ପୂରଣ କିମ୍ବା ସେମାନଙ୍କୁ ଆନ୍ଦୋଳନରୁ ଓହରିବା ନେଇ ପ୍ରକ୍ରିୟା ନ କରାଇଲେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ି ବଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ସରକାର ଏହି ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ରାଜସ୍ୱ ଅମଲାଙ୍କୁ ଡରାଇବା ସାଧାରଣ ଲୋକଙ୍କ ପାଇଁ ଆହୁରି ସମସ୍ୟା ବଢ଼ାଇଛି। ସରକାର ▶ପୃଷ୍ଠା-୭

### କୁକୁର ପ୍ରେମୀଙ୍କ ପାଇଁ ନିଷ୍ପତ୍ତି ବଦଳାଇଲେ ସୁପ୍ରିମକୋର୍ଟ

## ବନ୍ଧ୍ୟାକରଣ କରି ଛାଡ଼; ହିଂସ୍ରଙ୍କୁ ରଖ



**ସାର୍ବଜନୀନ ସ୍ଥାନରେ ଖାଦ୍ୟ ଦେବା ମନା**

**ଦିଲ୍ଲୀ ସମେତ ସାରା ଦେଶରେ ଲାଗୁ ହେବ**

**କୁକୁର ପ୍ରେମୀଙ୍କୁ ୨୫ ହଜାର, ଏନ୍‌ଜିଓଙ୍କୁ ୨ ଲକ୍ଷ ଦେବାକୁ ନିର୍ଦ୍ଦେଶ**

**ଜାତୀୟସ୍ତରୀୟ ନୀତି ପ୍ରସ୍ତୁତି କରିବା ଜରୁରୀ**

■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): କୁକୁର ପ୍ରେମୀଙ୍କ ପାଇଁ ସୁପ୍ରିମକୋର୍ଟ ନିଜ ରାୟ ପରିବର୍ତ୍ତନ କରିଛନ୍ତି। ଗତ ୧୧ ତାରିଖରେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସେଲିବ୍ରିଟିଙ୍କଠାରୁ ନେଇ ପୂର୍ବତନ ସାଂସଦ, ବିରୋଧୀ ଦଳ ନେତା, ଏନ୍‌ଜିଓ, କିଛି ସାଧାରଣ ଲୋକେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି କୁକୁର ପ୍ରେମୀ ଗିରଫ ମଧ୍ୟ ହୋଇଥିଲେ। ପରେ ରାୟର ସମୀକ୍ଷା ଆବେଦନକୁ ସିଜେଆଇ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଜଷ୍ଟିସ ବିକ୍ରମ ନାଥଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବ ନିର୍ଦ୍ଦେଶକୁ ଅତ୍ୟନ୍ତ କଠୋର କହି ଏହାକୁ ବଦଳାଇ ଦେଇଛନ୍ତି। ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ବୁଲା କୁକୁରଙ୍କୁ ଛାଡ଼ିଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ତେବେ ହିଂସ୍ର ଏବଂ ରେବିଜ୍ ସଂକ୍ରମିତ କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

### ବିହାର ଏସ୍‌ଆଇଆର ମାମଲା

## ଆଧାର କାର୍ଡକୁ ବୈଧ କହିଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସଆଇଆର)କୁ ନେଇ ହଙ୍ଗାମା ଜାରି ରହିଛି। ବିରୋଧୀ ଏହାକୁ ପ୍ରତ୍ୟାହାର ଦାବି କରୁଥିବାବେଳେ ଚିଠା ଭୋଟର ତାଲିକାରୁ ଅନେକ ଲୋକ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି।


**ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ**

**ରାଜନୈତିକ ଦଳଙ୍କୁ ଭର୍ତ୍ସନା କଲେ ସର୍ବୋଚ୍ଚ ନ୍ୟାୟାଳୟ**

ପରିଚୟପ୍ରମାଣ ଭାବେ ଆଧାର କାର୍ଡକୁ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଅନ୍ୟ ପ୍ରମାଣପତ୍ର ସହ ଆଧାରକୁ ସାମିଲ କରିବାକୁ ସରକାରଙ୍କୁ କହିଛନ୍ତି। ଏହା ସହିତ ହଟିଥିବା ନାମକୁ ତାଲିକାରେ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଚୁପ୍ ରହିବାକୁ ନେଇ ସୁପ୍ରିମକୋର୍ଟ ରାଜନୈତିକ ଦଳଙ୍କୁ ଭର୍ତ୍ସନା କରିଛନ୍ତି। ▶ପୃଷ୍ଠା-୭

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ



■ ଭୁବନେଶ୍ୱର, ୨୨।୮ (ସମିସ): ଡିହାଇଡ୍ରେସନ୍ ଜନିତ ଅସୁସ୍ଥତାରୁ ମୁକ୍ତ ହୋଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାସଭବନକୁ ଫେରିବା ପରେ ପୁଣି ନବୀନ ନିବାସରେ ଆରମ୍ଭ ହୋଇଛି ଗହଳି। ଦଳର ବରିଷ୍ଠ ନେତାମାନେ ନବୀନଙ୍କୁ ଭେଟିଥିବାବେଳେ ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକ ଆଜି ନବୀନ ନିବାସରେ ପହଞ୍ଚିଛନ୍ତି। ସେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓ ଚିକିତ୍ସା କରୁଥିବା ଡାକ୍ତର ପ୍ରଫେସର ସମୀର ସାହୁ ଓ ଡାକ୍ତର ଅଲୋକ କୁମାର ପାଣିଗ୍ରାହୀଙ୍କ ସହ ମଧ୍ୟ ▶ପୃଷ୍ଠା-୭

### ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ



**ନିମ୍ନମାନର କାମ ପାଇଁ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ**

**ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ**

■ ଭୁବନେଶ୍ୱର, ୨୨।୮ (ସମିସ): ବିଭିନ୍ନ ଯୋଜନା ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ ପାଇଁ ଆସନ୍ତା ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ହେବ। ଶୁକ୍ରବାର ▶ପୃଷ୍ଠା-୭

# ସରକାରଙ୍କ ଗଳାରେ 'ଏନ୍‌ଏସି' କଣ୍ଟା

### ୧୨କୁ ମିଳିଛି ମାନ୍ୟତା, ଆଉ ୯ ପାଇଁ ପ୍ରକ୍ରିୟା ଜାରି

**୫୭ ନୂଆ ଏନ୍‌ଏସି ଘୋଷଣା କରିଥିଲେ ପୂର୍ବ ସରକାର**

**ବାକି ଜିଲ୍ଲାରେ ବିକ୍ଷୋଭ ପ୍ରତିବାଦ ସହ ତେଜୁଛି ଅସନ୍ତୋଷ**

**ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ବି ଶୀତଳଭଣ୍ଡାରରେ**

■ ଭୁବନେଶ୍ୱର, ୨୨।୮ (ସମିସ): ନିକଟରେ ରାଜ୍ୟ ସରକାର ୧୨ ଟି ସହରାଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ଦେଇଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତଶାସନ ଦିବସରେ ଆଉ ୯ ସହରାଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ କଥା ସତ ହେଲେ ରାଜ୍ୟରେ ମୋଟ ୨୧ଟି ନୂଆ ସହରାଞ୍ଚଳ ଏନ୍‌ଏସି ମାନ୍ୟତା ପାଇବ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୧ଟି ନୂଆ ଏନ୍‌ଏସି ଘୋଷଣା ସରକାରଙ୍କ ପାଇଁ ପରୋକ୍ଷରେ ବୁମେରାଂ ପାଲଟିଛି । ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ୫୭ ଟି ନୂଆ ଏନ୍‌ଏସି ନେଇ ଘୋଷଣା ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସହରଗୁଡ଼ିକ ସାମିଲ ରହିଥିଲା। ମାତ୍ର ବିଜେପି ସରକାର ଏହି ସଂଖ୍ୟାକୁ ହ୍ରାସ କରିବା ଯୋଗୁଁ ଅବଶିଷ୍ଟ ୩୬ଟି ସହରାଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ଏକାଧିକ ସ୍ଥାନ ଯଥା ବେଗୁନିଆ, ଚଣ୍ଡିଖୋଲ୍ ଓ ଜୟପାଟଣା ଆଦିରେ ଏନ୍‌ଏସି ମାନ୍ୟତା ଦାବି କରି ଧାରଣା ଓ ବନ୍ଦ ଡାକରା ଦିଆଯାଇଛି। ଏଠାରେ ସ୍ଥାନୀୟ ବାସିନ୍ଦା ପୂର୍ବ ସରକାରଙ୍କ ଘୋଷଣାକୁ ମନେ ପକାଇ ସେମାନଙ୍କୁ କାହିଁକି ଏନ୍‌ଏସି ମାନ୍ୟତାରୁ ବାଦ୍ ଦିଆଗଲା ବୋଲି ଡବଲ ଇଂଜିନ ସରକାରକୁ ପ୍ରଶ୍ନ କରିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫୭ ଟି ନୂତନ ଏନ୍‌ଏସି ଘୋଷଣା କରିବା ପରେ ସଂପୃକ୍ତ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ସହରକୁ ଏନଏସି ମାନ୍ୟତା ମିଳିବା ପରେ ଦୀର୍ଘ ବର୍ଷ ଧରି ହେଉଥିବା ଦାବି ସାକାର ହୋଇଥିଲା। ▶ପୃଷ୍ଠା-୭


On the occasion of Dussehra Presenting

ସିଲ୍କ ଇଣ୍ଡିଆ

New Crafts Silk India® 2025

3 Days Only

Don't miss it !

Pure Silk Products directly Purchase by Weavers from Across India

NEW MARRION HOTEL

Janpath, Opp. Ram Mandir, Bhubaneswar

From : 14th to 25th Aug. 2025

Full A/c

Products on Display - Orissa : Sambhalpuri Ikkat Silk Saree, Bihar : Oragnic Tassar Silk Sarees, Suit & Stoles, Assam : Muga & Eri Silk Sarees, Karnataka : Creap Silk, Georgette Silk, Arini Silk & Printed Sarees, Tamilnadu : Kanjeevaram Silk Sarees & Designer Fancy Sarees, Andra Pradesh : Dharmavara, Uppada, Gadwal, Mangalagiri & Pochampalli Sarees, Uttar Pradesh : Mulbari Silk, Jamdani, Jamawar Silk Sarees & Chiffon Silk, Maharashtra : Designer Dress materials, Chhatisgarh : Exclusive Raw Silk Sarees, Kosa Silk, Tassar Suit & Duppatta, Madhya Pradesh : Maheswari, Chanderi Silk Sarees & Suit, West Bengal : Baluchari, Dhaka Masli, Gicha Sarees, Boutique Sarees, Kantha Sarees, Zordoshi, Jammu & Kashmir : Chinon Silk, Tady Silk Printed Sarees, Pashmina Shawls & Suit, Rajasthan : Kota Silk, Hand Block Print Dress & Sarees, Punjab : Fulkari Dress and many more...

R/o By: MINISTRY OF TEXTILES GOVT. OF INDIA

Time : 10.30 am - 8.30 pm

All Credit & Debit Cards Accepted Call: 09411650346

Entry & Parking Free

Org. by : O.A & C.



SINCE 1999 SYNERGY

SYNERGY

Celebrating 25 Glorious Years

Accredited by NBA, New Delhi

(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)

Dhenkanal & Bhubaneswar (Phulnakhara)

Celebrating Glorious 25 Years

Spot Admission 2025

For B.Tech. (Regular) | Lateral Entry (CSE) | & for Working Professional

Apply Now > Through the website synergyinstitute.net/admission

OUR ACADEMIC PARTNERS: coursera, futureskills prime, campus connect

B.Tech.

A Few Seats are Vacant

(4 years) Regular course in CSE,ME,CE, EE & Lateral Entry (3 Years) in CSE Branch at Bhubaneswar & Dhenkanal & Working Professional at Dhenkanal.

Providing Professional Certificate Courses along with B.Tech Programs (Collaboration with COURSERA ).

Google IBM Meta INTUIT HubSpot salesforce

We provide PLACEMENT opportunities to eligible students those who have minimum 60% career, 90% attendance & no back papers

B.Sc. NURSING — Approved by DMET, Health & Family Welfare Dept., Govt. of Odisha

B.Sc. (ALL HONS.) — (Recognised by Higher Education Department, Govt. of Odisha)

OUR RECRUITERS:

- Jindal Steel Power Limited
- TATA Steel
- KIA Motors
- Bajaj Motors
- TVS Motors
- Motherson's Polymer
- Radiant Appliances
- BEWL
- Royal Enfield
- Minda
- Shyam Metalics
- Ashokleyland
- Ceat Tyres
- Ambuja Cement.
- Gayatree Construction
- Dalmia Cement Ltd.
- Runguta Mines Ltd.
- JK Laxmi Cement
- Tareni Earth Movers
- Shakti Auto Components

Govt. Approved Course Fees

GOVT. SCHOLARSHIPS for the Meritorious / SC / ST / OBC Students.

We invite you to visit to our institute & discover our potentiality. SEEING IS BELIEVING


Contact Details DKL - 7978909283, 9337201611, 8093626591 BBSR - 9348352445, 9861575524, 9437169419

# ଗୋବିନ୍ଦା-ସୁନିତାଙ୍କ ଛାଡ଼ପତ୍ର !




ମୁମ୍ବାଇ, ୨୨।୮ (ଏଜେନ୍ସି): ଦୀର୍ଘ ଦିନ ଧରି ବି-ଟାଉନରେ ଚାଲିଥିବା ଚର୍ଚ୍ଚା ସତ ହୋଇଛି। ଶେଷରେ ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର ହେବାକୁ ଯାଉଛି। ପତ୍ନୀ ସୁନିତା ଏହି ଅଭିନେତାଙ୍କ ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ବାନ୍ଦ୍ରା ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଆଉ ସ୍ୱାମୀ ଗୋବିନ୍ଦାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଗୋବିନ୍ଦା ଅନ୍ୟ ମହିଳାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଏବଂ ନିଷ୍ଠୁରତାର ଅଭିଯୋଗ ଲଗାଇ ସୁନିତା ଏହି ଆବେଦନ କରିଥିବା ସୂଚନା ମିଳିଛି। ତେବେ ଗୋବିନ୍ଦାଙ୍କ କିଛି ଘନିଷ୍ଠ ଏହି ଖବରକୁ ଭ୍ରମାତ୍ମକ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପରିବାର କୋର୍ଟ ଏ ନେଇ ଗତ ମେ' ୨୫ ତାରିଖରେ ଗୋବିନ୍ଦାଙ୍କୁ ସମନ ଜାରି କରିଥିଲେ। ପରେ ଜୁନ୍‌ରୁ ଉଭୟେ ମାମଲାର ସମାଧାନ ଲାଗି ପ୍ରୟାସ କରୁଛନ୍ତି। ସୁନିତା ଶୁଣାଣି ସମୟରେ କୋର୍ଟରେ ହାଜର ହେଉଥିବାବେଳେ ଗୋବିନ୍ଦା ଉପସ୍ଥିତ ହୋଇନାହାନ୍ତି। ପୂର୍ବରୁ ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କ ନାମ ଯୋଡ଼ା ଯାଉଥିଲା।

# ୨.୨ କୋଟି କ୍ୟାସ୍ ଦେଇ ତେଲ ପକାଇଥିଲେ ପୁଟିନ



ମସ୍କୋ, ୨୨।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଲାସ୍କା ଗସ୍ତକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚର୍ଚ୍ଚା କରିବାକୁ ଗତ ୧୫ ତାରିଖରେ ଯାଇଥିବା ପୁଟିନ ନଗଦ ୨.୨ କୋଟି ଟଙ୍କା ଦେଇ ନିଜ ବିମାନଗୁଡ଼ିକରେ ତେଲ ପକାଇ ଥିଲେ। ଆମେରିକା ସଚିବ ମାର୍କୋ ରୁବିୟୋ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲାସ୍କାରେ ଅବତରଣ କରିବା ପରେ ପୁଟିନଙ୍କ ବିମାନକୁ ଇନ୍ଧନ ଆବଶ୍ୟକ ଥିଲା। ଆମେରିକା କଟକଣା ଯୋଗୁଁ ବ୍ୟାଙ୍କିଂ ସିଷ୍ଟମ ବ୍ୟବହାର ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଏଥିପାଇଁ ପୁଟିନଙ୍କୁ ନଗଦ ଅର୍ଥ ଦେବାକୁ ପଡ଼ିଥିଲା। ରୁଷ୍ ଉପରେ ଲାଗିଥିବା କଟକଣା ଏବେ ବି ବଳବତ୍ତର ରହିଛି। ଏହାର ପ୍ରଭାବ ମଧ୍ୟ ମସ୍କୋ ଭୋଗୁଛି। ତେବେ ୟୁକ୍ରେନ ଯୁଦ୍ଧ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ।

# ଟ୍ରମ୍ପଙ୍କ ପୂର୍ବ ସହଯୋଗୀ ବୋଲ୍ଟନଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମାଲୋଚନାକୁ ସହି ପାରୁନାହାନ୍ତି। ଦ୍ୱିତୀୟ ଥର ହ୍ୱାଇଟ ହାଉସରେ କାର୍ଯ୍ୟାରମ୍ଭ କରିବା ପରଠାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି। ଏବେ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ସମାଲୋଚନା ପାଇଁ ନିଜ ପ୍ରଥମ କାର୍ଯ୍ୟକାଳରେ ଏନ୍‌ଏସ୍‌ଏ ଥିବା ଜନ୍ ବୋଲ୍ଟନଙ୍କ ପଛରେ ଟ୍ରମ୍ପ ଏଫ୍‌ବିଆଇ ଲଗାଇଛନ୍ତି। ମେରିଲାଣ୍ଡ ସ୍ଥିତି ବୋଲ୍ଟନଙ୍କ ଘରେ ଆଜି ଏଜେନ୍ସି ଚଢ଼ଉ କରିଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବୋଲ୍ଟନ ଗୋପନୀୟ ରିପୋର୍ଟକୁ ୨୦୨୦ରେ ପ୍ରକାଶିତ ନିଜ ପୁସ୍ତକରେ ସାମିଲ କରିଥିବା ଅଭିଯୋଗ ଲାଗିଛି। ତେବେ ଏହି ମାମଲା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ଆରମ୍ଭ ହୋଇଥିଲା। ରାଜନୈତିକ କାରଣ ଯୋଗୁଁ ସେ ଏହାକୁ ଅଟକାଇ ଦେଇଥିଲେ। ଏହା ପୂର୍ବରୁ ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କୁ ମଧ୍ୟ ସେ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏମିତିକି ସମ୍ପର୍କ ଖରାପ କରି ସିଧା ଧମକ ଦେଲେ। କାରଣ ପ୍ରବାସୀ ନିଯୁକ୍ତି ବିଲ୍‌କୁ ନେଇ ମସ୍କଙ୍କ ସହ ତାଙ୍କର ମତଭେଦ ହୋଇଥିଲା।

# ପୁଲିସ ହେଲିକପ୍ଟର ଉପରକୁ ଡ୍ରୋନ୍ ମାଡ଼; ୧୮ ମୃତ

ବୋଗୋଟା, ୨୨।୮ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଗୁରୁବାର ଦୁଇଟି ଭିନ୍ନ ଭିନ୍ନ ଆକ୍ରମଣରେ ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସହର ସ୍ଥିତ ଏୟାରବେସ୍ ନିକଟରେ ଥିବା ଏକ ଟ୍ରକ୍‌ରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୧ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ବିସ୍ଫୋରଣ ମାର୍କୋ ଫିଡେଲ ସୁଆରେଜ ମିଲିଟାରୀ ଆଭିଏସନ ସ୍କୁଲ୍ ନିକଟରେ ହୋଇଥିଲା। ସେହିପରି ଏହାର କିଛି ଘଣ୍ଟା ପୂର୍ବରୁ ଅନ୍ୟଏକ ଘଟଣାରେ କୋକେନ ଚାଷକୁ ନଷ୍ଟ କରିବାକୁ ନିଶା ପଦାର୍ଥ



ବିରୋଧୀ ଅଭିଯାନରେ ବାହାରିଥିବା ପୁଲିସଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ଉପରକୁ ଡ୍ରୋନ ମାଡ଼ କରି ଆକ୍ରମଣ କରାଯାଇଥିଲା। ଏଥିରେ ୧୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଆକ୍ରମଣ ପଛରେ ବିଦ୍ରୋହୀ ସଂଗଠନ ଏଫ୍‌ଏଆରସିର ଏକ ଗୋଷ୍ଠୀର ହାତ ଅଛି ବୋଲି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି। କଲମ୍ବିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଏଫ୍‌ଏଆରସିର ମୂଳ ଲକ୍ଷ୍ୟ ରହିଆସିଛି।

# ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ୍ ଲଗାଇଲା ଆମେରିକା

ଅମୃତସର, ୨୨।୮ (ଏଜେନ୍ସି): ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ଆମେରିକା ରୋକ ଲଗାଇ ଦେଇଛି। ଗତ ୧୩ ତାରିଖରେ ଫ୍ଲୋରିଡା ରାଜ୍ୟରେ ପଞ୍ଜାବର ଜଣେ ଟ୍ରକ ଡ୍ରାଇଭରଙ୍କ ତ୍ରୁଟିପୂର୍ଣ୍ଣ ୟୁଟର୍ଣ୍ଣ ଯୋଗୁଁ ୨ ଜଣ ଆମେରିକୀୟ ପ୍ରାଣ ହରାଇବା ପରେ ନୂଆ ଭିସା ଉପରେ ଏହି କଟକଣା ଲଗାଯାଇଛି। କିନ୍ତୁ ପୁରୁଣା ଡ୍ରାଇଭରଙ୍କ ଭିସାକୁ ରଦ୍ଦ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ନାଗରିକଙ୍କ ଜୀବନ ବିପଦରେ ପଡ଼ିଛି। ଆମେରିକୀୟ ଡ୍ରାଇଭରଙ୍କ ଆୟ ମଧ୍ୟ ପ୍ରଭାବିତ ହେଉଛି। ବର୍ତ୍ତମାନ ଆମେରିକା ଟ୍ରାନ୍ସପୋର୍ଟ ଶିଳ୍ପରେ ଦେଢ଼ ଲକ୍ଷ ପଞ୍ଜାବୀ ଡ୍ରାଇଭର ନିୟୋଜିତ ଅଛନ୍ତି।

### ପୁଣି ସଂସଦ ଭବନ ସୁରକ୍ଷାରେ ଅବହେଳା

# ପାଚେରି ଡେଇଁ ପରିସରରେ ପହଞ୍ଚିଲେ ବ୍ୟକ୍ତି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୁଣିଥରେ ସଂସଦ ଭବନ ସୁରକ୍ଷାରେ ଅବହେଳା ହୋଇଛି। ଜଣେ ବ୍ୟକ୍ତି ସୁରକ୍ଷା ବଳୟ ଭେଦି ପାଚେରି ଡେଇଁ ସଂସଦ ପରିସରରେ ପ୍ରବେଶ କରି ଗରୁଡ ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀ ତାଙ୍କୁ ତୁରନ୍ତ ଧରି ନେଇଛନ୍ତି। ତାଙ୍କୁ ଏବେ ପଚରାଉଚରା କରାଯାଉଛି। ରିପୋର୍ଟ ଅନୁସାରେ ଏହି ବ୍ୟକ୍ତିଜଣକ ଗୁରୁବାର ସକାଳ ୬.୩୦ରେ ରେଳଭବନ ନିକଟରେ ଥିବା ଗଛ ଚଢ଼ି ଭିତରକୁ ଡେଇଁବା ସହ ପାଚେରୀ ପାର କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଏହି ସମୟରେ ସଂସଦରେ କୌଣସି ସାଂସଦ ନ ଥିଲେ। ସଂସଦର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଥିଲା। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଗୋଟିଏ ବର୍ଷ ପୂର୍ବେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ୨୦୨୪ ଅଗଷ୍ଟ ୧୬ରେ ଜଣେ ଯୁବକ ଦ୍ୱିପହରରେ ପାଚେରି ଡେଇଁ ସଂସଦ ପରିସରରେ ପ୍ରବେଶ କରିଥିଲା। କିନ୍ତୁ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାକୁ ଧରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। କିନ୍ତୁ ଏହି ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିଲା ବୋଲି ପରେ ଜଣାପଡ଼ିଥିଲା।

# ଦ.ଆମେରିକା ଉପକୂଳରେ ୭.୫ ତୀବ୍ରତାର ଭୂକମ୍ପ

ସାଣ୍ଟିଆଗୋ, ୨୨।୮ (ଏଜେନ୍ସି): ଦକ୍ଷିଣ ଆମେରିକା ନିକଟସ୍ଥ ସମୁଦ୍ରରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିଚର ସ୍କେଲ୍‌ରେ ଏହାର ତ୍ରୀବ୍ରତା ୭.୫ ଥିଲା। ଅବଶ୍ୟ ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଭୂକମ୍ପର କେନ୍ଦ୍ର ଆର୍ଜେଣ୍ଟିନାର ଦକ୍ଷିଣରେ ଥିବା ଡ୍ରେକ ପ୍ୟାସେଜ (ସାମୁଦ୍ରିକ ପଥ)ରେ ୧୧ କିମି ଗଭୀରରେ କେନ୍ଦ୍ରୀଭୂତ ହୋଇଥିଲା। ଏହି ଭୂକମ୍ପର ପ୍ରଭାବରେ ପୂରା ଆଣ୍ଟର୍ଟିକାରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲା। କିନ୍ତୁ ଏହାକୁ ପରେ ହଟାଇ ନିଆଯାଇଥିଲା।

### ବେଙ୍ଗାଲୁରୁ ଦଳାଚକଟାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ

# ସରକାର ନୁହେଁ; ସ୍ଥିତି ଦାୟୀ



ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁରେ ଆରସିବି ବିଜୟ ଶୋଭାଯାତ୍ରାରେ ହୋଇଥିବା ଦଳାଚକଟାକୁ ନେଇ ବିଧାନସଭାରେ ଶୁକ୍ରବାର ଖାମଖିଆଲ ଟିପ୍ପଣୀ ଦେଇଛନ୍ତି। ଏଭଳି ଘଟଣା ପାଇଁ କର୍ଣ୍ଣାଟକ ସରକାର ନୁହଁନ୍ତି, ବରଂ ସ୍ଥିତି ଦାୟୀ ବୋଲି କହିଛନ୍ତି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏଭଳି ଅନେକ ଘଟଣା ଘଟୁଛି। ଗତ ୧୦ ବର୍ଷରେ ବିଜେପି ଶାସିତ ରାଜ୍ୟମାନଙ୍କରେ ୨୦ଟି ଦଳାଚକଟା ଘଟଣା ଘଟିଥିଲା। ସିଦ୍ଧରମୈୟାଙ୍କ ଅନୁଯାୟୀ ଆର୍‌ସିବି ଶୋଭାଯାତ୍ରାରେ ଦଳାଚକଟା ପାଇଁ କଂଗ୍ରେସ ସରକାର ଦାୟୀ ନୁହଁନ୍ତି। ଲୋକେ ନିୟନ୍ତ୍ରଣ ବାହାରକୁ ଯିବା ପରେ ଏଭଳି ଘଟଣା ଘଟିଥାଏ। ବେଙ୍ଗାଲୁରୁର ଲୋକେ ଆରସିବି ବିଜୟକୁ ନିଜ ବିଜୟ ମାନିଥିଲେ। ଏଥିପାଇଁ ନିୟନ୍ତ୍ରଣ ବିଗିଡ଼ି ଯାଇଥିଲା ଏବଂ ଦୁର୍ଘଟଣା ଘଟିଥିଲା। ସରକାର ମାମଲାର ଯାଞ୍ଚ କରିଥିଲେ। ଘଟଣା ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ପଦକ୍ଷେପ ନେଇଥିଲେ। ସେ ବିଜେପିର ଅଭିଯୋଗକୁ ନେଇ କହିଛନ୍ତି ଯେ ଯେତେବେଳେ କରୋନା ସମୟରେ ଚାମରାଜନଗରରେ ଅମ୍ଳଜାନ ଅଭାବରୁ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ବିଜେପି କ'ଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୋମାଇଙ୍କୁ ଦୋଷୀ କହିଥିଲା କି? ଏଭଳି ବଡ଼ ଘଟଣାକୁ ନେଇ ସିଦ୍ଧରମୈୟାଙ୍କ ଏପରି ଟିପ୍ପଣୀକୁ ନେଇ ବିଭିନ୍ନ ମହଲରୁ

### ଆର୍‌ସିବି ବିଜୟକୁ ନିଜ ବିଜୟ ମାନିଲେ ପ୍ରଶଂସକ

### ସାରା ବିଶ୍ୱରେ ଏଭଳି ଅଘଟଣ ଘଟୁଛି

ସମାଲୋଚନା କରାଯାଉଛି।

ସୂଚନା ଅନୁଯାୟୀ ଜୁଲାଇ ୪ରେ ଆଇପିଏଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପ୍ରଥମ ଟାଇଟଲ ବିଜୟର ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟି ୧୧ ଜଣ ପ୍ରାଣ ହରାଇଥିବାବେଳେ ୫୦ ରୁ ଅଧିକ ଆହତ ହୋଇଥିଲେ। ଏହା ଉପରେ ଆଲୋଚନା କରି ସିଦ୍ଧରମୈୟା ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଦଳାଚକଟା ହୋଇଥିବା ତାଲିକା ଦେଇଥିଲେ। ସେ କହିଥିଲେ ଯେ ବିଜେପି କ୍ଷମତାରେ ଥିବା ସମୟରେ ୨୦୦୮ ଅଗଷ୍ଟରେ ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିର, ୨୦୦୮ ରେ ଯୋଧପୁର, ୨୦୧୩ରେ ରତନଗଡ଼, ୨୦୨୧ରେ ହରିଦ୍ୱାର, ୨୦୨୩ରେ ମଧ୍ୟପ୍ରଦେଶର ସିହୋର ଏବଂ ୨୦୨୪ରେ ଉତ୍ତର ପ୍ରଦେଶର ହାଥରସରେ ଦଳାଚକଟା ହୋଇଥିଲା। ଜାନୁଆରୀରେ ପ୍ରୟାଗରାଜ କୁମ୍ଭମେଳା ସମୟରେ ଦଳାଚକଟା ଯୋଗୁଁ ୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଗୁଜରାଟ ମୋରବି ସେତୁ ଦୁର୍ଘଟଣାରେ ୧୩୫ ଜଣଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

ସିଦ୍ଧରମୈୟା କହିଥିଲେ ଯେ ମୋର ୪୨ ବର୍ଷର ରାଜନୈତିକ ଜୀବନରେ ଏପରି ଅଘଟଣ କେବେ ଘଟିନାହିଁ। ଦଳାଚକଟାରେ ମୁଁ କେବେ ୧୧ ଜଣଙ୍କ ମୃତ୍ୟୁ ଦେଖିନାହିଁ। ଏହାକୁ ନେଇ ବହୁତ ଦୁଃଖିତ ଥିଲି। ସେହି ଦିନ ଶୋକ ମଧ୍ୟ ପ୍ରକାଶ କରିଥିଲି।

# ବେଗୁସରାୟରେ ୬ ଲେନ୍ ପୋଲ ଉଦ୍‌ଘାଟନ କଲେ ମୋଦୀ



ପାଟଣା, ୨୨।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବିହାରର ବେଗୁସରାୟରେ ୬ ଲେନ୍ ବିଶିଷ୍ଟ ଅଣ୍ଟା- ସିମାରିଆ ପୋଲ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ତାଙ୍କ ସହ ପୋଲ ଉପରେ ବୁଲି ଦେଖିଥିଲେ। ଗାମୁଛା ବାହାର କରି ହଲାଇବା ସହ ମୋଦୀ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୋଲ ତଳେ ଥିବା ଘାଟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୋଦୀ ୩୭ ମିନିଟ୍ ପୋଲ ଉପରେ ରହିଥିଲେ। ଏଥିସହ ମୋଦୀ ଗୟାଜୀରେ ୧୩, ୦୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ।

**୫୨୦୦ କୋଟି ଟଙ୍କା ଯୋଜନାର ଶୁଭାରମ୍ଭ**

ବିହାର ପରେ ପଶ୍ଚିମବଙ୍ଗ ଗସ୍ତ କରି ମୋଦୀ ୫୨୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ରଖିବା ସହ ଉଦ୍‌ଘାଟନ କରିଥିଲେ। ସେ ୧୩.୬୨ କିମି ଦୀର୍ଘ ୩ଟି ନୂଆ ମେଟ୍ରୋ ରୁଟ୍ ଉଦ୍‌ଘାଟନ କରିଥିଲେ। ସେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଲେନ୍‌ର ୭.୨ କିମି ବିଶିଷ୍ଟ ଦୀର୍ଘ ଏକ୍ସପ୍ରେସ୍‌ୱେର ଅଧାରଶୀଳା ରଖିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ ଯୋଗ ଦେଇ ନ ଥିଲେ। ଏହାପରେ ଏକ ଜନସଭାରେ ଯୋଗ ଦେଇ ମୋଦୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଭାରତର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଟିଏମ୍‌ସି, କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

# ଜାତିସଂଘର ଘୋଷଣା: ଗାଜାରେ ଅକାଳ

ୱାଶିଂଟନ, ୨୨।୮ (ଏଜେନ୍ସି): ଜାତିସଂଘ ଶୁକ୍ରବାର ଆନୁଷ୍ଠାନିକ ଭାବେ ଗାଜାରେ ଅକାଳ ଘୋଷଣା କରିଛି। ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଜାତିସଂଘ ପ୍ରଥମଥର ପାଇଁ ଏପରି ଘୋଷଣା କରିଛି। ଗାଜାରେ ୫ ଲକ୍ଷ ଲୋକ ଏବେ ଭୟଙ୍କର କ୍ଷୁଧାର ଶିକାର ହୋଇଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହାକୁ ମିଥ୍ୟା ବୋଲି କହିଛନ୍ତି। ଜାତିସଂଘ ସମର୍ଥିତ ଏହି ରିପୋର୍ଟର କୌଣସି ଆଧାର ନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ କ୍ଷୁଧାରେ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି। ଏଠାରେ ଯୁଦ୍ଧ ଆରମ୍ଭ ହେବା ପରେ ୧୧୨ ଜଣ ଛୋଟ ପିଲା ସମେତ ୨୭୧ ଜଣ ଲୋକ କ୍ଷୁଧା ଓ କୁପୋଷଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏବେ ସମାନ କାରଣ ଯୋଗୁଁ ୨୦୨୬ ଜୁନ ସୁଦ୍ଧା ୧୩୨, ୦୦୦ ୫ ବର୍ଷରୁ କମ୍ ଛୋଟ ପିଲା ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଗାଜା ସିଟି ସମ୍ପୂର୍ଣ୍ଣ ରୁପେ ଧ୍ୱଂସ କରିଦେବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଜ ଇସ୍ରାଏଲ ଧମକ ଦେଇଛନ୍ତି। ଯଦି ହମାସ ଇସ୍ରାଏଲର ସର୍ତ୍ତ ନ ମାନେ ତେବେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ସେ ସତର୍କ କରାଇଛନ୍ତି। ଗାଜା ସହର କବ୍‌ଜା କରିବାକୁ ଇସ୍ରାଏଲ ସେନାକୁ ଅନୁମତି ଦେବାର ଗୋଟିଏ ଦିନ ପରେ ସେ ଏହି ଧମକ ଦେଇଛନ୍ତି। ରାଫା ଓ ବେତ ହନୁନ ସହର ଭଳି ଗାଜାର ମଧ୍ୟ ସମାନ ସ୍ଥିତି ହେବ। ଏହି ଦୁଇଟି ସହର ଏବେ ଆବର୍ଜନାରେ ପରିଣତ ହୋଇଛି। ତେଣୁ ଗାଜାର ମଧ୍ୟ ସମାନସ୍ଥିତି ହେବ ବୋଲି ସେ ଏକ୍ସରେ ପୋଷ୍ଟ କରି ସତର୍କ କରାଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଇସ୍ରାଏଲ ମଧ୍ୟ ୫ଟି ସର୍ତ୍ତ ରଖିଛି। ହମାସ ସବୁ ଇସ୍ରାଏଲ ବନ୍ଦୀଙ୍କୁ ଏକାସାଥିରେ ମୁକ୍ତ କରିବା ସହ ସମ୍ପୂର୍ଣ୍ଣ ଭବେ ଅସ୍ତ୍ର ସମର୍ପଣ କରିବାକୁ ଇସ୍ରାଏଲ କହିଛି। ଏବେ ଗାଜାର ୭୫ ପ୍ରତିଶତ ଅଞ୍ଚଳ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଗାଜାରେ ଦୀର୍ଘଦିନର ଯୁଦ୍ଧ କାରଣରୁ ଭୟଙ୍କର ମାନବୀୟ ସଂକଟ ଦେଖାଦେଇଛି ଓ ଏପର୍ଯ୍ୟନ୍ତ ୬୦ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।

### ଏଡିଆର ରିପୋର୍ଟ

# ଦେଶର ୪୦% ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତର ୪୦ ପ୍ରତିଶତ ଅର୍ଥାତ୍ ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ୩୩ ପ୍ରତିଶତଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ ଏବଂ ଲାଞ୍ଚ ଭଳି ଗୁରୁତର ମାମଲା ରହିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ସର୍ବାଧିକ ୮୯ ମାମଲା ରହିଛି। ନିର୍ବାଚନରେ ସୁଧାର ଆଣିବାକୁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ପର୍ଯ୍ୟନ୍ତ ହେପାଜତରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କୁ ହଟାଇବା ପାଇଁ ସରକାର ସଂସଦରେ ତିନି ବିଲ୍ ଉପସ୍ଥାପନ କରିଥିବାବେଳେ ଏହି ରିପୋର୍ଟ ସାମ୍ନାକୁ ଆସିଛି।

ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସବୁ ମୁଖ୍ୟମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ୪୭, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଉପରେ ୧୯, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ସିଦ୍ଧରମୈୟାଙ୍କ ବିରୋଧରେ ୧୩, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ୫, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ବିରୋଧରେ ୪, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସୁଖୁଙ୍କ ଉପରେ ୪ଟି, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଉପରେ ୨ଟି ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ବିରୋଧରେ ଗୋଟିଏ ମାମଲା ରହିଛି।

# ଭାରତୀୟ ମହାକାଶ ଷ୍ଟେସନର ମଡେଲ ଜାରିକଲା ଇସ୍ରୋ





ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ପ୍ରଥମ ଥର ପାଇଁ ଭାରତୀୟ ମହାକାଶ ଷ୍ଟେସନ (ବିଏଏସ)ର ମଡେଲର ଫଟୋ ଜାର କରିଛି। ଜାତୀୟ ମହାକାଶ ଦିବସର ଦିନକ ପୂର୍ବରୁ ଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଏହାର ମଡେଲ୍‌କୁ ପ୍ରଦର୍ଶିତ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ବିଏଏସର ପ୍ରଥମ ମଡ୍ୟୁଲୋ ଉତ୍କ୍ଷେପଣ କରିବାକୁ ଯୋଜନା କରୁଛି। ଏହା ସହିତ, ଭାରତ ମହାକାଶରେ ଏକ ପ୍ରୟୋଗଶାଳା ଅର୍ଥାତ୍ ଅର୍ବିଟାଲ ଲାବୋରାଟୋରି ଥିବା ଦେଶମାନଙ୍କ ତାଲିକାରେ ସାମିଲ ହେବ। ବର୍ତ୍ତମାନ ମହାକାଶରେ ଏଭଳି ଦୁଇଟି ମଡ୍ୟୁଲୋ ରହିଛି।

# ବିଧାନସଭାରେ ଆର୍‌ଏସ୍‌ଏସ୍ ଗୀତ ଗାଇଲେ ଶିବକୁମାର

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ସମସ୍ତଙ୍କୁ ଚକିତ କରି କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ବିଧାନସଭାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଗୀତ 'ନମସ୍ତେ ସଦା ବତ୍ସଲେ ମାତୃଭୂମି'ର ଦୁଇଧାଡି ଗାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଦଳ ଆରସିବିର ଉତ୍ସବ ବେଳେ ହୋଇଥିବା ଦଳଚକଟା ପାଇଁ କର୍ଣ୍ଣାଟକେ ସରକାର ନିଜ ଦାୟୀ କରିବାକୁ ଉଚିତ ବୋଲି ଜଣେ ବିଜେପି ବିଧାୟକ କହିଥିଲେ। ଏହାକୁ ସେ ବିରୋଧ କରି ବିଜେପିର ସବୁ ଚାଲ୍ ମତେ ଜଣା ବୋଲି କହିଥିଲେ। ଜବାବରେ ଶିବ୍‌କୁମାର ଏହି ଗୀତ ଗାଇଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଆକଳନ କରାଯାଇଛି। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି ଓ ନିଜକୁ ଜଣେ ଜନ୍ମଗତ କଂଗ୍ରେସି ବୋଲି କହିଛନ୍ତି।

# ମିଛୁଆ ଟ୍ରମ୍ପ: ସାମ୍ନାକୁ ଆସିଲା ସତ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପୁଣି ଥରେ ଧରା ପଡ଼ି ଯାଇଛି। ସତ ସାମ୍ନାକୁ ଆସିବା ପରେ ଟ୍ରମ୍ପଙ୍କ ଦାବିକୁ ନେଇ ପ୍ରଶ୍ନ ଉଠୁଛି। ଭାରତର ନିର୍ବାଚନରେ ମତଦାନ ସଂଖ୍ୟା ବା ପ୍ରତିଶତ ବୃଦ୍ଧି କରିବାକୁ ଆମେରିକାର ଜଣାଶୁଣା ଏଜେନ୍ସି ୟୁଏସ୍‌ଏଆଇଡି ୧୮୨ କୋଟି ଟଙ୍କା ଦେଇଥିଲା ବୋଲି ସେ ଗତ ଫେବୃଆରୀରେ କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଦାବି ମିଥ୍ୟା ସାବ୍ୟସ୍ତ ହୋଇଛି। ଟ୍ରମ୍ପଙ୍କ ଏହି ବିବାଦୀୟ ଦାବି ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଦୂତାବାସକୁ ଗତ ୧୦ ବର୍ଷର ତଥ୍ୟ ମାଗିଥିଲା। ଏହା ଜବାବରେ ଦୂତାବାସ ଜୁଲାଇ ୨ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ଦୂତାବାସ କୌଣସି ପାଣ୍ଠି ଦେଇ ନ ଥିବା କଥା ସ୍ପଷ୍ଟ କରିଛି। ନା କିଛି ପାଣ୍ଠି ମିଳିଥିଲା, ନା କାହାକୁ ଦିଆଯାଇଥିଲା ବୋଲି ଦୂତାବାସ ତରଫରୁ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏଥିରେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଆମେରିକା ପ୍ରଦାନ କରିଥିବା ସବୁ ଆର୍ଥିକ ସହାୟତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ଭାରତକୁ ନିର୍ବାଚନ ପ୍ରକ୍ରିୟାରେ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛି। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଟ୍ରମ୍ପ କହିଥିଲେ ଯେ, 'ଭାରତ ପାଖରେ ବହୁତ ପଇସା ଅଛି, ଭାରତ ସବୁଠାରୁ ଅଧିକ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଖାସ କରି ଆମେରିକା ଉପରେ, ମୁଁ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ କରୁଛି, କିନ୍ତୁ ୧୮୨ କୋଟି ଟଙ୍କା କାହିଁକି?'। ପୁଣି କିଛିଦିନ ପରେ ଟ୍ରମ୍ପ ଏହି ପାଣ୍ଠି ଦେବା ନେଇ ତାଙ୍କ ମନ୍ତବ୍ୟକୁ ଦୋହରାଇଥିଲେ। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଉଲ୍ଲେଖ କରିଥିଲେ। ଫେବୃଆରୀ ୨୧ରେ ସେ କହିଥିଲେ ଯେ, ଭାରତରେ ଭୋଟ୍ ପ୍ରତିଶତ ବୃଦ୍ଧି କରିବାକୁ ପାଣ୍ଠି ଦିଆଯାଇଛି। କେବଳ ଭାରତ ନୁହଁ, ଟ୍ରମ୍ପ ମୋଲଡୋଭାକୁ ୧୯୦ କୋଟି ଓ ବାଂଲାଦେଶକୁ ୨୫୧ କୋଟି ଟଙ୍କା ଏବଂ ତିବ୍ବତରେ ଶିକ୍ଷାର ବିକାଶ ପାଇଁ ଆମେରିକା ୨୫୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଥିଲା। ଆଗାମୀ ସେପ୍ଟେମ୍ବର ୨ରୁ ଆମେରିକାର ସବୁ ଅନୁଦାନ (ୟୁଏସ୍‌ଏଆଇଡି) ବନ୍ଦ ହେବ ବୋଲି ଆମେରିକା ଦୂତାବାସ କହିସାରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁଏସ୍‌ଏଆଇଡିର ୮୩ ପ୍ରତିଶତ କର୍ଯ୍ୟକ୍ରମ ଆମେରିକା ବନ୍ଦ କରିସାରିଛି। ଆମେରିକା ତା'ର ୯୪ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି।

# ଭିଜିଲାନ୍ସ ଜାଲରେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

**୨ଟି କୋଠା ସହ ୧୯ଟି ମୂଲ୍ୟବାନ ପ୍ଲଟ ଠାବ**

**ଅଢ଼େଇ ଏକରରେ କରିଛନ୍ତି କୁକୁଡ଼ା ଫାର୍ମ**

**୧.୨୪ କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ**

**ବିନା ବଦଳିରେ ୨୪ବର୍ଷ ଧରି ହସପିଟାଲରେ କାର୍ଯ୍ୟରତ ଥିଲେ**



କଟକ, ୨୨।୮ (ସମିସ): କଟକ ସିଟି ହସପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ତାଜୁବ ହୋଇଛି ଭିଜିଲାନ୍ସ। ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ସରକାରୀ ଅର୍ଥ ତୋଷରପାତ ସହ ଶ୍ରୀ ସାହାଣୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଚଢ଼ଉରୁ ଜଣାପଡ଼ିଛି।

ଚଢ଼ଉ ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା, ସୁନାଗହଣା ମିଳିଥିବା ବେଳେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଶ୍ରୀ ସାହାଣୀ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରେ କଟକ ବଦାଳ ଅଞ୍ଚଳରେ ୩ଟି, ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୧୨ଟି, ଯୋବ୍ରାରେ ଦୁଇଟି, ଜଟଣୀରେ ଗୋଟିଏ ଓ ସାଲେପୁର ଅଞ୍ଚଳରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରେ କଟକ ଯୋବ୍ରା ଅଞ୍ଚଳରେ ଅଢ଼େଇ ହଜାର ବର୍ଗଫୁଟ୍ ପରିମିତ ୩ ମହଲା ବିଶିଷ୍ଟ କୋଠା, ଚୌଦ୍ୱାର ପଧାନିଆରେ ଅଢ଼େଇ ଏକର ପରିମିତ ଅଞ୍ଚଳରେ ଏକ କୋଠା ସହ କୁକୁଡ଼ା ଫାର୍ମ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବାଦ୍ ତାଙ୍କ ଘରୁ ନଗଦ ୩ ଲକ୍ଷ ୩୦ ହଜାର ୮୦୦ଟଙ୍କା, ୧୩୫ଗ୍ରାମ ଓଜନର ସୁନା ଗହଣା ସହ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର ଓ ୩ଟି ବାଇକ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ତାଙ୍କର ୫୫ଲକ୍ଷ ୪୮ ହଜାର ୪୦୬ଟଙ୍କାର ଜମା ରାଶି ରହିଥିବା ଜଣାପଡ଼ିଛି।

ଶ୍ରୀ ସାହାଣୀ ୧କୋଟି ୨୪ଲକ୍ଷ ୫୮ ୫୪ଟଙ୍କାର ସରକାରୀ ଅର୍ଥର ଦୁରୁପଯୋଗ କରିଥିବା ନେଇ ଭିଜିଲାନ୍ସ ହାତରେ ଅନେକ ପ୍ରାଥମିକ ତଥ୍ୟ ଲାଗିଛି। ସିଟି ହସପିଟାଲରେ ଶ୍ରୀ ସାହାଣୀ ତାଙ୍କର ଦୀର୍ଘବର୍ଷର କାର୍ଯ୍ୟକାଳ ସମୟରେ ସରକାରୀ ଅର୍ଥକୁ ସରକାରୀ ବ୍ୟାଙ୍କ ଜମାଖାତାରେ ସେ ଜମା କରିନଥିଲେ। ଏପରିକି, ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ବ୍ୟକ୍ତିଗତ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେଆଇନ ଭାବେ ଟଙ୍କା ଟ୍ରାନ୍ସଫର କରି ଚାଲିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୯୭ ଜାନୁଆରି ୭ତାରିଖରେ ମାହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନୁକମ୍ପା ନିଯୁକ୍ତି ଯୋଜନାରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଶ୍ରୀ ସାହାଣୀ ନିଯୁକ୍ତି ପାଇଥିଲେ। ବଦଳି ହୋଇ ବାଙ୍କୀରେ କିଛି ଦିନ କାର୍ଯ୍ୟ କରିବା ପରେ ଗତ ୨୦୦୧ ଏପ୍ରିଲ୧୬ରେ ସିଟି ହସପିଟାଲ ତଥା ସିଡିଏମଓଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଭାବେ ଯୋଗ ଦେଇଥିଲେ। ୨୦୧୬ ଡିସେମ୍ବର ୧ରୁ ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଏହିଠାରେ ଅବସ୍ଥାପିତ ହୋଇଥିଲେ। ବିନା ବଦଳିରେ ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ (ପ୍ରାୟ ୨୪ବର୍ଷ) ଧରି ସେ ଏଠାରେ ନିଜର ଦବଦବା ଜାହିର କରି ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉରେ ୯ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍ ଓ ୭ଜଣ ଏଏସ୍ଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

■ ବିବାହ ଆଳରେ ଯୁବତୀଙ୍କୁ ଦୁଷ୍କର୍ମ

# ସୁନ୍ଦରଗଡ଼ରୁ ଏଏସ୍ଓ ଗିରଫ



ଭୁବନେଶ୍ୱର, ୨୨।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର(ଏଏସ୍ଓ)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ନୂଆପଲ୍ଲୀ ରେଣ୍ଟାଲ କଲୋନୀରେ ରହୁଥିବା ଯାଜପୁର ଟାଉନ୍ ଥାନା କପିଳେଶ୍ୱର ଗାଁର ସୁଶାନ୍ତ କୁମାର ଜେନା (୩୩)। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ତାଙ୍କୁ ଗିରଫ କରିଛି।

ପୁଲିସ ସୂଚନା ମୁତାବକ, ୨୦୨୩ ନଭେମ୍ବର ମାସରେ ଚାକିରି ଅନ୍ୱେଷଣରେ ଭୁବନେଶ୍ୱର ଆସିଥିବା ଯୁବତୀଜଣଙ୍କ ୨୦୨୪ ମସିହା ପରଠାରୁ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାରେ ଚାକିରି କରୁଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ଏଏସ୍ଓ ସୁଶାନ୍ତଙ୍କ ସହ ତାଙ୍କର ଉତ୍ତମ ବନ୍ଧୁତା ହୋଇଥିଲା। ପରେ ସୁଶାନ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିଥିଲା। ଏଥିସହ ଯୁବତୀଙ୍କ ଅଗୋଚରରେ ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରିନେଇଥିଲା। ଏହାର କିଛି ଦିନ ପରେ ସୁଶାନ୍ତ ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲା। ଉଭୟଙ୍କ ସମ୍ପର୍କକୁ ବାହାରେ ପ୍ରଘଟ କଲେ ଫଟୋ ଓ ଭିଡିଓଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏଥିସହ ତାଙ୍କୁ ବିବାହ କରିବା ଲାଗି ରୋକଠୋକ ମନା କରିଦେଇଥିଲା। ପୀଡ଼ିତାଙ୍କ ପରିବାରଲୋକେ ସୁଶାନ୍ତଙ୍କ ପରିବାରକୁ ଭେଟି ଉଭୟଙ୍କ ବିବାହ ଲାଗି ଅନୁରୋଧ କରିଥିଲେ। ସେମାନେ ରାଜି ହେବା ପରିବର୍ତ୍ତେ ଘଟଣା ସମ୍ପର୍କରେ ଅଭିଯୋଗ କଲେ ସେ ପୀଡ଼ିତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଶେଷରେ ନିରାଶ ହୋଇ ପୀଡ଼ିତା ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ**

# ଯୋଗ ଦେଇପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବ। ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇପାରନ୍ତି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବ ବର୍ଷ ମେଡିଏସନ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟ ପ୍ରଧାନବିଚାର ପତିଙ୍କ ସମେତ ସମସ୍ତ ରାଜ୍ୟର ଆଡଭୋକେଟ୍ ଜେନେରାଲ ମାନେ ଉପସ୍ଥିତ ଥିଲେ। ଆଇନ ପ୍ରଣୟନ ସହ ସମ୍ପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସଚିବ ସ୍ତରୀୟ ବୈଠକ ସହ ହାଇକୋର୍ଟ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତା ସହ ଏହା ଯେମିତି ଅନୁଷ୍ଠିତ ହେବ, ସେଥିପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନବିଚାରପତିଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମୁଖ୍ୟବିଚାରପତି ଓ ବିଚାରପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ମେଡିଏସନର କେମିତି ପ୍ରକ୍ରିୟା ରହିଛି ସେହିସବୁ ବିଷୟରେ ଆଲୋଚନା ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ କେଶ୍‌ରେ ଲିଟିଗେସନ କମିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି ଏହି ମେଡିଏସନ ଆମକୁ ନୂଆ ରାସ୍ତା ଦେଖାଇବ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ଆସିବା ପାଇଁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୋଧ ପତ୍ର ପଠାଇଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାଖାପାଖି ୨୦୦ ପ୍ରତିନିଧି ଏଥିରେ ଯୋଗ ଦେବେ।

**ରାଜ୍ୟରେ ଏଚ୍ଆଇଭି ସଂକ୍ରମଣକୁ ନେଇ ତନାଘନା**

# ଯୁବପିଢ଼ିଙ୍କୁ ସଚେତନ କରିବାକୁ ଯୁବସେବା ବିଭାଗକୁ ଚିଠି

ଭୁବନେଶ୍ୱର, ୨୨।୮ (ସମିସ): ରାଜ୍ୟରେ ଏଚ୍ଆଇଭି ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଓ ଚାରି ହଜାର ସଂକ୍ରମିତ ନିଖୋଜକୁ ନେଇ ଚିନ୍ତାବ୍ୟକ୍ତ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଯୁବଗୋଷ୍ଠୀ ମଧ୍ୟରେ ଏଚ୍ଆଇଭି ବ୍ୟାପୁଥିବା ସଂକ୍ରାନ୍ତରେ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ସହ କ୍ରୀଡ଼ା ଓ ଯୁବସେବା ବିଭାଗକୁ ସଚେତନତା ସୃଷ୍ଟି ନିମନ୍ତେ ଚିଠି ଲେଖିଛି ।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବ ଗୋଷ୍ଠୀ। ସେପଟେ ପଞ୍ଜିକୃତ ଏଡସ୍ ରୋଗୀଙ୍କ ଭିତରୁ ପ୍ରାୟ ହଜାରରୁ ଅଧିକ ଲୋକଙ୍କ ପତ୍ତା ନ ମିଳୁଥିବାରୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ଏହି ଭୟକୁ ଅଧିକ ବଢ଼ାଇଛି। ଏପରିକି ୧୭ରୁ ୩୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କଠାରୁ ସଂଗୃହୀତ ନମୁନାର ୪୧ % ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଭୟାଭହ ସ୍ଥିତିକୁ ଦର୍ଶାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି ବା କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରିଛି ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି । ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତନାଘନା ଆରମ୍ଭ କରିଛି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ ଚିଠି ଲେଖିଛି।

ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ପ୍ରୟାସର ପ୍ରସାର ଏବଂ ପ୍ରଭାବକୁ ବୃଦ୍ଧି କରିବା ପାଇଁ କ୍ରୀଡା, ଯୁବ ସେବା ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ସ୍ଥାନ, ଛାତ୍ରାବାସରେ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପଦକ୍ଷେପ ନିଆଯାଉଛି। ଏଥିସହ ମିନି ମାରାଥନ, ମହୋତ୍ସବ, ଭାବ ବିନିମୟ କାର୍ଯ୍ୟକ୍ରମ, ଶିବିର ଏବଂ ଅନ୍ୟାନ୍ୟ ଜାତୀୟ/ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସେହିଭଳି ରେଡ ରିବନ୍ କ୍ୟାପ ପିନ୍ଧିବା ଏବଂ ରେଡ ରିବନ ପତାକା ପ୍ରଦର୍ଶନ କରିବା ଆଦି ସଚେତନତା ଅଭିଯାନ ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ କ୍ରୀଡା ବିଭାଗ ଦ୍ୱାରା ପ୍ରଖ୍ୟାତ କ୍ରୀଡାବିତ୍‌ମାନଙ୍କର ମନୋନୟନ କରିବାକୁ କୁହାଯାଇଛି। ବିଶ୍ୱ ଏଡସ୍ ଦିବସ ପାଳନର ଅଂଶ ଭାବରେ କ୍ରୀଡା-ଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କୁହାଯାଇଛି।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟେମ୍ବର ୧୫ରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। ପାଖାପାଖି ଏକ ବର୍ଷ ହେବ ଧାଡ଼ି ଦର୍ଶନ ନେଇ ଯୋଜନା ହେଉଥିବେବେଳେ, ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇପାରିବ, ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ। ୩ରୁ ୪ ଦିନ ଭିତରେ ପରିଚାଳନା କମିଟି ଗଠନ ହେବ। ପ୍ରଥମ ବୈଠକରେ ହୁଣ୍ଡି ସିଫ୍ଟ ନେଇ ନିଷ୍ପତ୍ତି ହେବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ବ୍ୟାରିକେଡ୍‌ରେ ଯାଇ ରାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ। ଫଳରେ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି। ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧି ପ୍ରସଙ୍ଗ**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୨।୮ (ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ବା ଏମ୍‌ବିବିଏସ୍ ପାଠ୍ୟକ୍ରମ ଫି' ଅହେତୁକ ବୃଦ୍ଧି ନେଇ ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ଅଗଷ୍ଟ ୧୬ର ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ, ଜାତୀୟ ମେଡିକାଲ କମିସନ, ଡିଏମଇଟିଙ୍କୁ ନୋଟିସ୍ ଜାରି କରିଛନ୍ତି। ଫି' ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ବିଚାରାଧୀନ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ସଂଗ୍ରାମ ରାଉତ, ଚୌଧୁରୀ ଆକାଶ କୁମାର ବେହେରା, ସୀତାଂଶୁ ପାଣି ଓ ଅନ୍ୟମାନଙ୍କ ତରଫରୁ ଦାୟର ତିନି ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଗଷ୍ଟ ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୩ଟି ମେଡିକାଲ କଲେଜ ଯଥା ହାଇକେଟ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ଏମବିବିଏସ ପାଠ୍ୟକ୍ରମ ଫି' ବୃଦ୍ଧି କରାଯାଇଥିଲା। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଜେଇଇ କର୍ତ୍ତୃପକ୍ଷ ଫି' ବୃଦ୍ଧି ନେଇ ବିଜ୍ଞପ୍ତି ଜାରି କରିଥିଲେ। ୨୦୨୫-୨୬ବର୍ଷ ପାଇଁ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ଫି' ବୃଦ୍ଧି ହଠାତ୍ କରାଯିବା ଦ୍ୱାରା ଆଶାୟୀ ଛାତ୍ରଛାତ୍ରୀ ସମସ୍ୟାରେ ପଡ଼ିଛନ୍ତି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପ୍ଳବ ବାହାଲି, ସୌରଭ ଦାସ, ରଜତ କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

**ପାର୍ବଣ ପାଇଁ ପୁଲିସର ପ୍ରସ୍ତୁତି**

# ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ

କଟକ, ୨୨।୮ (ସମିସ): ପାର୍ବଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ। ଏହାସହ ବେଆଇନ ଗୋ-ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କହିଛନ୍ତି। ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ନିର୍ଦ୍ଦିଷ୍ଟ କେତୋଟି ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୋସିଆଲ ମିଡିଆରେ ଗୁଜବ ପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଥିଲା।

ବୈଠକରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍ଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ସଫିନ ଅହମ୍ମଦ, ଡଃ ସାର୍ଥକ ଷଡ଼ଙ୍ଗୀ, ଚରଣସିଂ ମିନା, ଯୁଗଳ କିଶୋର କୁମାର ବନୋଥ, କଟକ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମିକାର ତଣ୍ଟି କାଟି ବିଷ ପିଇଲେ ଯୁବକ

ବଲାଙ୍ଗିର, ୨୨।୮ (ସମିସ): ପ୍ରେମିକାର ତଣ୍ଟି କାଟିବା ପରେ ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ। ଏଭଳି ଏକ ଅଭାବନୀୟ ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁର ସୁକାନ୍ତୀ ବରିହା ଓ ଲରମ୍ଭା ଥାନା ପଣ୍ଡରିପାଣି ଗାଁର ହଳଧର ବରିହା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏହି ଅଘଟଣ ଘଟିଛି, ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ଗୁରୁବାର ହଳଧର ତାଙ୍କ ସଂପର୍କୀୟ ମାୟାବର୍ହା ଗାଁର ରତ୍ନ ବରିହାଙ୍କ ଘରକୁ ଆସିଥିଲେ। ସେଠାରେ ସେ ରତ୍ନଙ୍କ ଝିଅ ସୁକାନ୍ତୀଙ୍କୁ ବିବାହ କରିବେ ବୋଲି ତାଙ୍କ ଘରଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପରିବାରଲୋକଙ୍କୁ ସାଙ୍ଗରେ ଆଣି ଏ ସଂପର୍କରେ କଥା ହେବା ପାଇଁ ହଳଧରଙ୍କୁ ରତ୍ନ ପରାମର୍ଶ ଦେଇଥିଲେ। ପରେ ଖାଇପିଇ ସମସ୍ତେ ଶୋଇଥିଲେ। ହଳଧର ମଧ୍ୟ ସେଠାରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ହଳଧର ଘରକୁ ଯିବା ପାଇଁ ବାହାରିବା ପୂର୍ବରୁ ସୁକାନ୍ତୀଙ୍କ ମା'ଙ୍କୁ ପାଣି ମାଗିଥିଲେ। ଏହି ସମୟରେ ସୁକାନ୍ତୀଙ୍କୁ ଏକୁଟିଆ ପାଇ ହଳଧର ତାଙ୍କ ତଣ୍ଟି କାଟି ଫେରାର୍ ହୋଇଯାଇଥିଲା। ପରିବାରଲୋକେ ସୁକାନ୍ତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ହଳଧର ନିଜ ଘରକୁ ଆସି ବିଷ ପିଇ ଦେଇଥିଲେ। ପରିବାରଲୋକ ତାଙ୍କୁ ପ୍ରଥମେ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୁକାନ୍ତୀଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରୁଛି। କେବଳ ପ୍ରେମ ସଂପର୍କ ନା ଅନ୍ୟ କେଉଁ କାରଣରୁ ଏହି ଘଟଣା ଘଟିଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

**ଅସୁରକ୍ଷିତ ବଡ଼ଦେଉଳ**

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

**ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା**

**ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ ଓ ଏସ୍‌ପି**

**ସଚେତନତା ପାଇଁ ମନ୍ଦିର ବାହାରେ ଲାଗିବ ସାଇନବୋର୍ଡ**

**ଆନନ୍ଦ ବଜାରରେ ହେବ ସ୍ୱତନ୍ତ୍ର ସିସିଟିଭି କଣ୍ଟ୍ରୋଲ ରୁମ୍**

ପୁରୀ, ୨୨।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଆଜି ପୁଣି ଜଣେ ଶ୍ରଦ୍ଧାଳୁ ଚଢ଼ିବାକୁ ଚେଷ୍ଟା କରିଛନ୍ତି। ବେହେରଣ ଦ୍ୱାର ଦେଇ ସେ ପାଖାପାଖି ୫ ଫୁଟ୍ ଉପରକୁ ଉଠିଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ବ୍ୟକ୍ତିଜଣଙ୍କ ହେଲେ, ଉତ୍ତରପ୍ରଦେଶର ମନୋଜ ସିଂ। ପୁଲିସ୍ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ମାନସିକ ପୂରଣ ହୋଇଥିବାରୁ ସେ ମନ୍ଦିର ଉପରକୁ ଚଢ଼ୁଥିଲେ ବୋଲି ପୁଲିସ ଆଗରେ କହିଛନ୍ତି। ତେବେ ମନ୍ଦିର ଉପରକୁ ଶ୍ରଦ୍ଧାଳୁ ଚଢ଼ିବା, ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ତାହାର ସମୀକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି। ଏଥିପାଇଁ କ'ଣ କ'ଣ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ତାହା ମଧ୍ୟ ସ୍ଥିର କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ଓଡ଼ିଶା ପୁଲିସ, ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜେଟିପିଙ୍କ ଭଳି ମାଳମାଳ ସୁରକ୍ଷାକର୍ମୀ ନିୟୋଜିତ ଥିବା ବେଳେ ବିଭିନ୍ନ ଜାଗାରେ ସିସିଟିଭି ଲାଗିଛି। ଏହା ସତ୍ତ୍ୱେ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢ଼ିଯାଉଛନ୍ତି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ବୋଲି କିଛି ସଚେତନ ନାଗରିକ କହିଛନ୍ତି। ଯଦି ସମ୍ପୃକ୍ତର ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥା'ନ୍ତା, ସେଥିପାଇଁ କି'ଏ ଦାୟୀ ରହିଥାନ୍ତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଏସ୍‌ପି ପିନାକ ମିଶ୍ର ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆନନ୍ଦବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ୍ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି।

ଅପରପକ୍ଷେ, ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀମନ୍ଦିରରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି, ଯେଉଁ ବାଟଦେଇ ଭକ୍ତମାନେ ଅତି ସହଜରେ ମନ୍ଦିର ଉପରକୁ ଚଢ଼ିପାରୁଛନ୍ତି। ସେହିସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବେ। ଏଥିସହ ଶ୍ରୀମନ୍ଦିର ଭିତରେ ପୁଲିସ ଆଉଟ୍‌ପୋଷ୍ଟ କରିବା ନେଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ସାଇନ୍ ବୋର୍ଡ ଲଗାଯିବ। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ବିଭିନ୍ନ କଟକଣା ବାବଦରେ ଅବଗତ ହୋଇପାରିବେ। ଏସବୁ କାମ ପାଇଁ ଏଏସ୍ଆଇକୁ ମଧ୍ୟ ଅବଗତ କରାଯିବ। ମନ୍ଦିର ଭିତରେ ଲାଗିଥିବା ସିସିଟିଭିଗୁଡ଼ିକୁ ଆନନ୍ଦବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖାଯିବ।

■ ବଢୁଛି ହୀରାକୁଦ ଜଳସ୍ତର

# ପୁଣି ଖୋଲିବ ଗେଟ୍

ସମ୍ବଲପୁର, ୨୨।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର କ୍ରମାଗତ ଫୁଲିବାରେ ଲାଗିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୮.୩୯ ଫୁଟ୍ ରହିଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ହୀରାକୁଦର ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୫,୮୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୬୪୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୫୬୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୮୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ନଦୀବନ୍ଧର ଉପରମୁଣ୍ଡରେ ୧୬.୪୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୦.୮୯ ଫୁଟ୍ ରହିଥିଲା।

# ଜିଲ୍ଲା ବିଜେଡି ସଭାପତିଙ୍କୁ ସ୍ୱାଗତ

**ପଟ୍ଟାମୁଣ୍ଡାଇ, ୨୨।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡିର ନୂତନ ସଭାପତି ଶିବପ୍ରସାଦ ଭୋଳ ପଟ୍ଟାମୁଣ୍ଡାଇ ଗସ୍ତରେ ଆସିଥିବାବେଳେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପ୍ରକୋଷ୍ଠରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ଚନ୍ଦନନଗର ସମିତି ସଭ୍ୟ ମାନସ ମଲିକ, ବଳଭଦ୍ର ସରପଞ୍ଚ ପ୍ରିୟବ୍ରତ ଓଝା, ବାଲିପାଟଣା ପଞ୍ଚାୟତ ପୂର୍ବତନ ସରପଞ୍ଚ କିଶୋର ଜେନା ପ୍ରମୁଖ ନୂତନ ଜିଲ୍ଲା ବିଜେଡି ସଭାପତି ଶ୍ରୀ ଭୋଳଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।



# ଦେଢ଼ଶୁର ଆକ୍ରମଣରେ ଭାଇବୋହୂ ଗୁରୁତର

**କେନ୍ଦ୍ରାପଡ଼ା, ୨୨।୮ (ସମିସ):** ଦେଢଶୁର ଆକ୍ରମଣରେ ଭାଇବୋହୂ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଉଛନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଭଗେଶ୍ୱରପୁର ଗ୍ରାମର ରଶ୍ମୀପ୍ରଭା ସ୍ୱାଇଁ। ଭଗେଶ୍ୱରପୁର ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମୀପ୍ରଭା ଅଭିଯୋଗ କରିଛନ୍ତି ଯେ, ଶାଶୂ ତାଙ୍କ ସ୍ୱାମୀ ଅଜୟଙ୍କ ପାଖରେ ବର୍ଷେ ରହିବା ପରେ ଦେଢଶୁର ଅଖିଳ କୁମାର ସ୍ୱାଇଁଙ୍କ ପାଖରେ ବର୍ଷକ ପାଇଁ ରହିବାକୁ ଯାଇଥିଲେ। ନିଷ୍ପତ୍ତି ଅନୁଯାୟୀ ଶାଶୂ ଯେଉଁ ପୁଅ ପାଖରେ ରହିବେ, ସେ ପୁଅ ତାଙ୍କର ସମସ୍ତ ଭରଣପୋଷଣ କରିବା ସହିତ ଶାଶୂଙ୍କ ପେନସନରୁ ମାତ୍ର ୫ ହଜାର ଟଙ୍କା ଉଠାଇପାରିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଦେଢଶୁର ଅଖିଳ ପେନସନ ଥିବା ବ୍ୟାଙ୍କ ପାସବୁକରୁ ୮୧ ହଜାର ଟଙ୍କା ଉଠାଇ ନେଇଥିବା ଜାଣିବା ପରେ ଗୁରୁବାର ରାତିରେ ଏ ସମ୍ପର୍କରେ ରଶ୍ମୀପ୍ରଭା ପଚାରିବାରୁ ଦେଢଶୁର ଓ ତାଙ୍କ ଦୁଇପୁଅ ରଶ୍ମୀପ୍ରଭାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିସହ ଏକ ଲୁହା ପାଇପରେ ତାଙ୍କ ଦେଢଶୁରଙ୍କ ପୁଅ ନୀଳମଣି ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ରଶ୍ମୀପ୍ରଭାଙ୍କ ମୁଣ୍ଡକୁ ପିଟି ଦେଇଥିଲା। ଏଥିସହ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଦେଢଶୁର ଓ ତାଙ୍କ ପୁଅମାନେ ଧମକ ଦେଇଥିବା ରଶ୍ମୀପ୍ରଭା ଅଭିଯୋଗ କରିଛନ୍ତି। ରଶ୍ମୀପ୍ରଭାଙ୍କ ମୁଣ୍ଡ ଫାଟିଯିବା ସହ ସେ ଗୁରୁତର ହୋଇପଡ଼ିଥିଲେ। ରଶ୍ମୀପ୍ରଭାଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରଶ୍ମୀପ୍ରଭା ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଲ ନେଇ ପୁଲିସ ଘଟଣାର ତଦନ୍ତ ଚାଲିଥିବା କହିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛି।



# ଅସୁସ୍ଥ ବନ୍ଧୁଙ୍କ ପାଇଁ ପୂଜାକଲେ ପୁରାତନ ଛାତ୍ରଛାତ୍ରୀ



**କେନ୍ଦ୍ରାପଡ଼ା, ୨୨।୮ (ସମିସ):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ତୁଳସୀମାଳ ପୂଜା କରି ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ପୁରାତନ ବନ୍ଧୁଙ୍କ ଆରୋଗ୍ୟ କାମନା କରିଛନ୍ତି ପୁରାତନ ଛାତ୍ରଛାତ୍ରୀ। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ୧୯୯୪ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀ ବନ୍ଧୁ ଆଲୋକ ଦାସ ଅସୁସ୍ଥ ଥିବାରୁ ତାଙ୍କ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା ସହିତ ଅସୁସ୍ଥ ଛାତ୍ରବନ୍ଧୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୁରାତନ ଛାତ୍ର ସୌମ୍ୟରଞ୍ଜନ ନାୟକଙ୍କ ସଂଯୋଜନାରେ ଦେବୀପ୍ରସାଦ ରଥ, ସୁନୀଲ ସିଂ, ପ୍ରଭାତ ବସନ୍ତିଆ, ପ୍ରଦୀପ ବେହେରା, ନିର୍ମଳ ସ୍ୱାଇଁ, ପ୍ରଶାନ୍ତ ଦାସ, ବିଜୟ ସାହୁ, ହରେକୃଷ୍ଣ ଦାସ, ଉମାକାନ୍ତ ରାଉତ, କବିତା ମହାରଣା, ସଂଘମିତ୍ରା ଦାସ, ରୁଲୁ ମଲ୍ଲ, ମଞ୍ଜୁଲତା ମଲିକ, ସରୋଜିନୀ ସାମଲ, ରଚିତା ସାମଲ, ମନୀଷା ବେହେରା, ପୁଷ୍ପଲତା ନାୟକ, ଚନ୍ଦ୍ରକାନ୍ତି ରଥ, ଲୋପାମୁଦ୍ରା ସ୍ୱାଇଁ, ସବିତା ମଲିକ, ରମାକାନ୍ତ ସ୍ୱାଇଁ, ଦେବାଶିଷ ମହାପାତ୍ର, ରଶ୍ମୀ ସାହୁ, ସଞ୍ଜୟ ମଲିକ, ପ୍ରଦୀପ ସାହୁ, ଅସିତ ସାହୁ, ପ୍ରମୋଦ ନାୟକ, ବସନ୍ତ ଓଝା, ସରୋଜ ସାମଲ, ଆଲୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ଭୋଜି, ନାଚଗୀତ ବଦଳରେ ସାଙ୍ଗଙ୍କ ପରିବାରର ସୁସ୍ଥ ଓ ନିରାମୟ ଜୀବନ କାମନା କରି ଠାକୁରଙ୍କ ନିକଟରେ ପୂଜା କରି ଏହି ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ନିଆରା ଢଙ୍ଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିବାରୁ ସାଧାରଣରେ ପ୍ରଶଂସାର ପାତ୍ର ସାଜିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ, ୨୨।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଅମଲା ମହାସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ଅର୍ଜୁନ ଚରଣ ମହାକୁଡଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡଃ କେଳୁ ଚରଣ ସ୍ୱାଇଁ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର ଦେବବ୍ରତ ପ୍ରଧାନ, ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ ଓ ବିଜୟ କୁମାର ସାହୁ, ପ୍ରଫେସର ଗୋଲକ ମହାରଣା, ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ପ୍ରଦୀପ କୁମାର ରଥ, ବିଜୟ କୁମାର ରାଉତ, ଇଓ ତପନ କୁମାର ପାତ୍ର, ଗାଳ୍ପିକ ପ୍ରଦୀପ ନାୟକ, ଶିକ୍ଷାବିତ ଗୋକୁଳ ରାଉତ, ସାମ୍ବାଦିକ ଅନୀଲ ଚୌଧୁରୀ, ଗନ୍ଧର୍ବ ଲେଙ୍କା, ଜଗନ୍ନାଥ ନାୟକ ଓ କହ୍ନାଇ ଚରଣ ପରିଡ଼ା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଅର୍ଜୁନ ଚରଣ ମହାକୁଡଙ୍କ ଓଡ଼ିଶା ଅମଲାଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

# ଓସ୍ତିଆ ପଞ୍ଚାୟତରେ ସୃଜନଶୀଳ କର୍ମଶାଳା

**ରାଜନଗର, ୨୨।୮ (ସମିସ):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ କାର୍ଯ୍ୟାଳୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଜ୍ୟୁକେସନ କ୍ରିଏଟିଭ ପକ୍ଷରୁ ୨୦ ଓ ୨୧ ତାରିଖ ଦୁଇଦିନ ଧରି ସୃଜନଶୀଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ରାଜ୍ୟ ସଂଯୋଜକ ସତ୍ୟଜିତ ପ୍ରଧାନ ପୌରୋହିତ୍ୟ କରିଥିବାବେଳେ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ସଂଯୋଜକ ଉମାକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ସେଣ୍ଟର୍ ହେଡ୍ ରାଜେଶ କୁମାର ବାରିକ, ପ୍ଲେସମେଣ୍ଟ ସଂଯୋଜକ ହିମାଂଶୁ ଶେଖର ନାୟକ ଓ ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। କର୍ମଶାଳାରେ ୨୦ରୁ ଊର୍ଦ୍ଧ୍ୱ ଯୁବକ, ଯୁବତୀ ଯୋଗଦେଇ ବିଭିନ୍ନ କୌଶଳ ଶିକ୍ଷା ଲାଭ କରିଥିଲେ। ମେଣ୍ଟର ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଆଳି ବଜାରଦାଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

# ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ୨୨।୮ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ନାନା ସମସ୍ୟା ଉପୁଜୁଥିବାରୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହାକୁ ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଅବଗତ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ବିଭିନ୍ନ ଅନିୟମିତତା ଓ ବେଆଇନ କାର୍ଯ୍ୟ କରାଯାଇଥିବା ସମ୍ପର୍କରେ ସମ୍ପୃକ୍ତ ୱାର୍ଡର ୱାର୍ଡସଭ୍ୟ ଓ ଗ୍ରାମବାସୀ ଆଳି ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ)ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଫଳରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେସବୁ ଅଭିଯୋଗର ତଦନ୍ତ କରିବା ପାଇଁ କ୍ଷେତ୍ର ପରିଦର୍ଶିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ କ୍ଷେତ୍ରପରିଦର୍ଶିକା ସୁଭାଷିନୀ ନାୟକ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରର କର୍ମୀ ଆରତୀ ତ୍ରିପାଠୀଙ୍କୁ ପତ୍ର ସଂଖ୍ୟା-୧, ୧୮।୧୨।୨୦୨୩ ଓ ପତ୍ର ସଂଖ୍ୟା ୨, ୨୬।୩।୨୦୨୪ରେ ଦୁଇ ଦୁଇଟି ନୋଟିସ କରିଥିଲେ ମଧ୍ୟ ସମ୍ପୃକ୍ତ କେନ୍ଦ୍ରର କର୍ମୀ ସେହି ନୋଟିସର କୌଣସି ଉତ୍ତର ଦେଇ ନ ଥିଲେ। ତେଣୁ କ୍ଷେତ୍ରପରିଦର୍ଶିକା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆଳି ଆଇସିଡିଏସର ପିଆଇଓ, କନିଷ୍ଠ ସହକାରୀ ପ୍ରମୁଖ ୨।୪।୨୦୨୪ରେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ସେହି କେନ୍ଦ୍ରରେ ୨୦୨୨ରୁ ତଦନ୍ତ ଦିନ ପର୍ଯ୍ୟନ୍ତ କୌଣସି ମାତୃ କମିଟି, ଯାଞ୍ଚ କମିଟି ଓ ଗ୍ରାମ କଲ୍ୟାଣ କମିଟି ଗଠନ କରାଯାଇନାହିଁ। ସେହି କେନ୍ଦ୍ରରେ ୨୬ ଜଣ ଶିଶୁ ଥିବା ସ୍ଥଳେ ତଦନ୍ତ ଦିନ ମାତ୍ର ୬ ଜଣ ଶିଶୁ ପ୍ରାକ୍ ବିଦ୍ୟାଳୟରେ ଉପସ୍ଥିତ ଥିଲେ। କେନ୍ଦ୍ରରେ କୌଣସି ରେକର୍ଡ ବା ରେଜିଷ୍ଟର ନ ଥିଲା। ଏହାବ୍ୟତୀତ ସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଭିଏଚଏନଡି, ଇମ୍ୟୁନାଇଜେସନ ଓ ଗୃହ ପରିଦର୍ଶନରେ ଉପସ୍ଥିତ ରହୁ ନ ଥିବା ତଦନ୍ତରୁ ଜଣାପଡ଼ିଥିଲା। ପ୍ରତିବର୍ଷ ସରକାର ଶିଶୁଙ୍କ ଖେଳନା ପାଇଁ ଅର୍ଥ ଦେଉଥିବାବେଳେ ସେହି କେନ୍ଦ୍ରରେ କୌଣସି ଖେଳଣା ନ ଥିବା ତଦନ୍ତ କମିଟି ଦେଖିବାକୁ ପାଇଥିଲା। ସରକାରଙ୍କ ନୂଆ ସ୍କିମ ସମ୍ପର୍କରେ ହିତାଧିକାରୀ ଅବଗତ ନ ଥିବା ଦେଖାଯାଇଥିଲା। ସମନ୍ୱିତ ଶିଶୁ ବିକାଶ ଯୋଜନାର ୬ଟି ସେବା ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସେବାର ନମୁନା ସମ୍ପୃକ୍ତ କେନ୍ଦ୍ରର କର୍ମୀ ତଦନ୍ତ କମିଟିକୁ ଦେଖାଇପାରି ନ ଥିଲେ। ସେହି କେନ୍ଦ୍ରର ସହାୟିକା ଅବସର ନେବା ପରଠାରୁ ନିୟମିତ ରୋଷେଇ କରା ନ ଯାଇ ଶିଶୁଙ୍କୁ ବିସ୍କୁଟ ଦିଆଯାଉଥିବା ଗ୍ରାମବାସୀଙ୍କ ଉପସ୍ଥିତିରେ ଅଙ୍ଗନବାଡି କର୍ମୀ ନିଜେ ସ୍ୱୀକାର କରିଥିଲେ। ଏଥିସହିତ ଟିଏଚଆର ବଣ୍ଟନରେ କର୍ମୀ ବ୍ୟତିକ୍ରମ କରିଥିବା ପ୍ରମାଣିତ ହୋଇଥିବା ତଦନ୍ତ କମିଟି ଜାଣିବାକୁ ପାଇଥିଲା। ସମ୍ପୃକ୍ତ କର୍ମୀଙ୍କ ଏତାଦୃଶ ମନମୁଖୀ କାର୍ଯ୍ୟ କେନ୍ଦ୍ର ପରିଚାଳନା ଓ କୋମଳମତି ଶିଶୁଙ୍କ ବିକାଶ ଉପରେ ବାଧା ସୃଷ୍ଟି କରିଥିବା ତଦନ୍ତ କମିଟି ଉପଲବ୍ଧି କରିଥିଲେ। ଏ ସମ୍ପର୍କରେ ଆଳିର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସମ୍ପୃକ୍ତ କେନ୍ଦ୍ରର କର୍ମୀଙ୍କୁ ତିନିଦିନ ମଧ୍ୟରେ କୈଫିୟତ ଦେବାକୁ ୫।୪।୨୦୨୪ରେ କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ତେଣୁ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଏ ସମ୍ପର୍କରେ ଆଳି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବଙ୍କୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ଓ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନଥିଲେ। ଏ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଶ୍ରୀ ଆଚାର୍ଯ୍ୟ ଡବ୍ଲୁପିସି ନଂ ୩୧୩୧୯/୨୦୨୫ରେ ଏକ ରିଟପିଟିସନ ଦାୟର କରିଥିଲେ। ସେହି ରିଟପିଟିସନର ବିଚାର କରି ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀ ଅଖଣ୍ଡ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

# ଦଶ ପଞ୍ଚାୟତ ବିକାଶ ପରିଷଦର ଜିଲ୍ଲାପାଳଙ୍କୁ ଦାବିପତ୍ର



**ପଟ୍ଟାମୁଣ୍ଡାଇ, ୨୨।୮ (ସମିସ):** ପୁରାତନ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ସହ ଥିବା ଆଳି ବ୍ଲକର ପତ୍ରପୁର, ସହିରା, ବାଟିପଡ଼ା, ନୂଆପଡ଼ା, ସାନମଙ୍ଗ, ନରେନ୍ଦ୍ରପୁର, ମାଣିକପାଟଣା, ଅରେହିକଣା, ଚଣ୍ଡିଆଗଡ଼ି ଆଦି ଦଶଟି ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପୂର୍ବରୁ ବିକାଶ ପରିଷଦ ପକ୍ଷରୁ ଭରତପୁରଠାରେ ଥିବା କୁବେର ସଂଘ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ରାଜନେତା ବ୍ରଜସୁନ୍ଦର ଭୂୟାଁଙ୍କ ପୌରୋହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିକାଶ ପରିଷଦର ଦାବି ମଧ୍ୟରେ ଜଳ ଜୀବନ ମିଶନ ଯୋଜନାରେ ନିର୍ମାଣାଧୀନ ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ଅଞ୍ଚଳବାସୀଙ୍କୁ ଶୀଘ୍ର ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା, ଚଳିତ ବର୍ଷ ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଗ୍ରାମ୍ୟ ରାସ୍ତାର ମରାମତି ଓ ପୁନଃନିର୍ମାଣ କରାଯିବା, ବ୍ରାହ୍ମଣୀ ନଦୀରେ କୁମ୍ଭୀର ଉପଦ୍ରବ ବୃଦ୍ଧି ଯୋଗୁଁ ନଦୀକୂଳରେ ଥିବା ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ନଦୀକୂଳରେ ଥିବା ଗାଧୁଆ ତୁଠରେ ବ୍ୟାରିକେଡ୍ ନିର୍ମାଣ କରାଯାଇ ଜନଜୀବନ ସୁରକ୍ଷା କରାଯିବା ସର୍ବୋପରି ଚବିଶ ଘଣ୍ଟା ମଧ୍ୟରୁ ମାତ୍ର ୧୪ ଘଣ୍ଟା ବିଦ୍ୟୁତ ସରବରାହ ରହୁଥିବାବେଳେ ଅବଶିଷ୍ଟ ସମୟ ଅଞ୍ଚଳବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହେବା ଘଟଣାର ସମାଧାନ ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ଶ୍ରୀ ଭୂୟାଁଙ୍କ ନେତୃତ୍ୱରେ ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

# ଛାତ୍ରୀଙ୍କୁ ଧମକ ଅଭିଯୋଗରେ ଟିଉସନ ଶିକ୍ଷକ ଗିରଫ

**ମହାକାଳପଡ଼ା, ୨୨।୮ (ସମିସ):** ୪ ବର୍ଷ ଧରି ଟିଉସନ କରୁଥିବା ଶିକ୍ଷକ ଜଣେ ନାବାଳିକା ଛାତ୍ରୀଙ୍କ ଫଟୋ ଭାଇରାଲ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ମାର୍ଶାଘାଇ ପୁଲିସ ସମ୍ପୃକ୍ତ ଟିଉସନ ଶିକ୍ଷକକୁ ଗିରଫ କରିଛି। ୪ ବର୍ଷ ଟିଉସନ କରିବା ସମୟରେ ନାବାଳିକା ଛାତ୍ରୀଙ୍କ କିଛି ଫଟୋ ରଖି ଏବେ ବାହା ହେବାକୁ ବାଧ କରି ବିଫଳ ହେବା ପରେ ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ନାବାଳିକା ଛାତ୍ରୀଙ୍କୁ ଧମକ ଦେଇଥିଲା। ଛାତ୍ରୀ ରହୁଥିବା ହଷ୍ଟେଲକୁ ବାରମ୍ବାର ଯାଇ ଦେଖା କରି ନ ପାରି ଏଭଳି ଧମକ ଦେବାରୁ ଛାତ୍ରୀ ଜଣକ ନିଜ ମାଆ ଆଗରେ କାନ୍ଦି କାନ୍ଦି କହିବା ପରେ ଛାତ୍ରୀଙ୍କ ମାଆ ମାର୍ଶାଘାଇ ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ଥାନାରେ ୨୪୬/୨୫ରେ ମାମଲା ରୁଜୁ କରିବା ସହିତ ଶୁକ୍ରବାର ସକାଳୁ ଅଭିଯୁକ୍ତ ଟିଉସନ ଶିକ୍ଷକ ରାଜେଶ ବେହେରାକୁ ପକ୍ସୋ ଆଇନରେ ଗିରଫ କରି କୋର୍ଟ ଚାଲାଣ କରିଥିବା ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି।



# ନୂତନ ତହସିଲ ଅଫିସରେ କାର୍ଯ୍ୟ ଆରମ୍ଭ

**ରାଜନଗର, ୨୨।୮ (ସମିସ):** ରାଜନଗରର ନୂତନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ ହୋଇଛି। ନୂଆ ରୂପରେ ନିର୍ମାଣ କରାଯାଇଥିବା ୩ ମହଲା ବିଶିଷ୍ଟ କୋଠାରେ ଏହି ସପ୍ତାହ ପ୍ରାରମ୍ଭରେ ଅଫିସ କାମ କରାଯାଉଛି। ପୁରୁଣା ତହସିଲ କାର୍ଯ୍ୟାଳୟ ୮୦ ଦଶକରେ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଅଫିସ ଗୃହ ବିପଦସଂକୁଳ ଅବସ୍ଥା ଭିତରେ ସରକାରୀ କାର୍ଯ୍ୟାଳୟ ଚାଲୁଥିଲା। ପୂର୍ବ ସରକାରଙ୍କ ପକ୍ଷରୁ ରାଜନଗର ବ୍ଲକର ପୁରାତନ ଡାକବଙ୍ଗଳାକୁ ଭଙ୍ଗାଯାଇ ନୂତନ କୋଠା ଘର ନିର୍ମାଣ କରାଯାଇଥିଲା। ନୂତନ ତହସିଲଦାର ଯୀଶୁକ୍ରିଷ୍ଟ ଦାସ କାର୍ଯ୍ୟରେ ଯୋଗଦାନ କରି ନୂତନ ତହସିଲ କାର୍ଯ୍ୟାଳୟର ପୂଜାର୍ଚ୍ଚନା କରାଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରୁଣା ତହସିଲରେ ଥିବା ସମସ୍ତ କାଗଜପତ୍ର ନୂତନ ରେକର୍ଡ ରୁମକୁ ଅଣାଯାଇଛି।

ବର୍ତ୍ତମାନ ତହସିଲରେ ୯ ଜଣ କିରାଣି କାର୍ଯ୍ୟ କରୁଥିବାବେଳେ ୬ କିରାଣି ପଦବୀ ଦୀର୍ଘଦିନ ହେବ ଖାଲି ରହିଛି। ଅଦ୍ୟାବଧି ସ୍ଥାୟୀ ଭାବେ ଅତିରିକ୍ତ ତହସିଲଦାର ନିଯୁକ୍ତି ପାଇଁ ନ ଥିବାରୁ ସୁଦୂର ୪୫ କିଲୋମିଟର ଦୂରତ୍ୱ ରଙ୍ଗଣୀ, ବାଘମାରୀ, ତାଳଚୁଆ, କେଁରୁଆପାଳ, କୃଷ୍ଣନଗର, ଡାଙ୍ଗମାଳ ପ୍ରଭୃତି ଉପାନ୍ତ ଅଞ୍ଚଳର ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଆସି ହତାଶ ହୋଇ ଫେରୁଛନ୍ତି। ଖାଲିପଡ଼ିଥିବା ବିଭିନ୍ନ ପଦବୀ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଆସୁଛି। ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟର ଖୁବଶୀଘ୍ର ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କାର୍ଯ୍ୟାଳୟଟି ବିନା ସରକାରୀ ଭାବେ ଉଦଘାଟନ କରାଯାଇନାହିଁ। ରାଜନୈତିକ ଉଷ୍ମ ବାତାବରଣ ଯୋଗୁଁ ନିଡାମ୍ବର ଭାବେ ହୋମଯଜ୍ଞ କରି ତହସିଲଦାର ଶ୍ରୀ ଦାସ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜନସାଧାରଣ ଏଣିକି ଏହି ନୂତନ କାର୍ଯ୍ୟାଳୟକୁ ଆସି ସେମାନଙ୍କ କାମ କରିବାକୁ କୁହାଯାଇଛି।



# ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଓ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବ୍ରେଲି ମେସିନ୍ ବଣ୍ଟନ






**କେନ୍ଦ୍ରାପଡ଼ା, ୨୨।୮ (ସମିସ):** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରଦତ୍ତ ପାଞ୍ଚୋଟି ଇଲେକ୍ଟ୍ରିକ୍ ଆନାଇ ବ୍ରେଲି ମେସିନ ଜିଲ୍ଲାପାଳ ରଘୁରାମ ଆର୍ ଆୟର ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ୫ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିଛନ୍ତି। ଏହାଦ୍ୱାରା ପିଲାମାନେ ସହଜରେ ପଢ଼ିପାରିବେ। ଏଥିସହ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରଦତ୍ତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ୧୬ ଜଣ ଦିବ୍ୟାଙ୍ଗଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଶାନ୍ତ କୁମାର ମିଶ୍ର, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେଉରା, ପୌର ସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଡିଡିଆରସିର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକୁଛନ୍ତି ତପସ୍ୱିନୀ

# ଅଦରକାରୀରୁ ତିଆରି କରୁଛନ୍ତି ସାଜସଜ୍ଜା ସାମଗ୍ରୀ





**କେନ୍ଦ୍ରାପଡ଼ା, ୨୨।୮ (ସମିସ)**

ଆପଣ ଘରକୁ ସୁନ୍ଦର ଭାବେ ସଜାଇବାକୁ ଚାହୁଛନ୍ତି କି? ପ୍ରତିଦିନ ବ୍ୟବହୃତ ଯେକୌଣସି ବୋତଲକୁ ଏଣେତେଣେ ନ ଫୋପାଡି ସେଥିରୁ ତିଆରି କରିପାରିବେ ସୁନ୍ଦର ସୁନ୍ଦର୍ ବଟଲ କ୍ରାଫ୍ଟ। ଯେପରି ବ୍ୟବହୃତ ବୋତଲକୁ ସୁନ୍ଦର ଓ ଆକର୍ଷଣୀୟ ରୂପ ଦେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଗୋପ ଗ୍ରାମର ତପସ୍ୱିନୀ ସେନାପତି। ଅଳିଆ ଗଦାରୁ ବିଭିନ୍ନ ବୋତଲ ସାଉଁଟି ତପସ୍ୱିନୀ ଘର ସଜାଇବା ପାଇଁ ବିଭିନ୍ନ ଘରକରଣା ଜିନିଷ ତିଆରି କରୁଛନ୍ତି। ଏଭଳି କାର୍ଯ୍ୟ ଦ୍ୱାରା ଘର ପାଇଁ ଆକର୍ଷଣୀୟ ଘରକରଣା ସାମଗ୍ରୀ ତିଆରି କରିବା ସହ, ସ୍ୱଚ୍ଛ ପରିବେଶର ନୂଆ ବାର୍ତ୍ତା ଦେଇଛନ୍ତି। ଏଣେତେଣେ ବ୍ୟବହୃତ ହୋଇପଡ଼ିଥିବା କାଚ ବୋତଲ କିମ୍ବା ଯେକୌଣସି ପ୍ଲାଷ୍ଟିକ ବୋତଲରେ ଘର ସଜେଇବା ସମଗ୍ରୀ ତିଆରି କରୁଛନ୍ତି। ବୋତଲ ଉପରେ କଳାକୃତି କରୁଛନ୍ତି କେନ୍ଦ୍ରାପଡ଼ା ଗୋପ ଅଞ୍ଚଳର ଝିଅ ତଥା ଜଗତସିଂହପୁର ଅଞ୍ଚଳର ବୋହୂ ତପସ୍ୱିନୀ ସେନାପତି।

ଏମବିଏ ପଢ଼ି ଘରୋଇ ବ୍ୟାଙ୍କରେ ତପସ୍ୱିନୀ ଚାକିରି କରିଥିଲେ। ବିବାହ ପରେ ଜାଆଁଳା ଶିଶୁପୁତ୍ର ସହ ଶିଶୁକନ୍ୟା ଜନ୍ମ ହେବା ପରେ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଘରେ ବସି କ'ଣ କରିବେ ବୋଲି ଭାବୁଥିବାବେଳେ ନିଜର ଜଣେ ସାଙ୍ଗଠାରୁ ବଟଲ କ୍ରାଫ୍ଟ ବିଷୟରେ ଉତ୍ସାହ ପାଇଥିଲେ। ପରେ ୟୁଟ୍ୟୁବ ଦେଖି ନିଜ ଅନ୍ଦାଜରେ ତିଆରି କରିଥିଲେ। ଏଣେତେଣେ ପଡ଼ିଥିବା ବୋତଲ ସଂଗ୍ରହ କରି ସେସବୁକୁ ପରିଷ୍କାର କରିବାପରେ ବୋତଲ ଉପର ଭାଗ ରଙ୍ଗ କରି, କ୍ଲେ (ଅଠା ପାଉଡର) ଗୋଳେଇ ବୋତଲ ଉପରେ ବିଭିନ୍ନ ପ୍ରକାର ଦେବାଦେବୀଙ୍କ ପ୍ରତିକୃତି ନିର୍ମାଣ କରନ୍ତି। ଶ୍ରୀଜଗନ୍ନାଥ, ଶ୍ରୀକୃଷ୍ଣ, ଗଣେଶ ମୂର୍ତ୍ତି ସହିତ ଫୁଲଦାନି, ବିଭିନ୍ନ ଷ୍ଟାଣ୍ଡ, ବିଭିନ୍ନ ଖାଦ୍ୟ ପଦାର୍ଥ, ଗାନ୍ଧୀଙ୍କ ତିନି ମାଙ୍କଡ଼, ରାଜସ୍ଥାନ ମ୍ୟୁଜିକାଲ, ସ୍କୁଟର ପେନ୍ ଷ୍ଟାଣ୍ଡ, ବିଭିନ୍ନ ପକ୍ଷୀ ଓ ଲିପନ ଆର୍ଟରେ କାରୁକାର୍ଯ୍ୟ କରି ବଜାରରୁ ମିଳୁଥିବା ବିଭିନ୍ନ ଷ୍ଟୋନ ଓ ଆକ୍ରିଲିକ କଳର ସାହାଯ୍ୟରେ ବେଶ୍ ନିଖୁଣ ଆକର୍ଷଣୀୟ କାରୁକାର୍ଯ୍ୟରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। ଏହି ସାମଗ୍ରୀ ଘର ଭିତର ସଜାଇବା ପାଇଁ ବହୁ ଚାହିଦା ରହିଛି। ତପସ୍ୱିନୀଙ୍କୁ ଘରେ ଅବସର ମିଳିଲେ ଘରେ ଭାଉଜ ଓ ମାଆ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରନ୍ତି। ପରିବାର ଲୋକ କହିଛନ୍ତି, ତାଙ୍କୁ ସାହାଯ୍ୟ କରୁ କରୁ କାମ ମଧ୍ୟ ଶିଖୁ। ମହିଳା ଚାହିଁଲେ ସମୟ ନଷ୍ଟ ନ କରି ବ୍ୟବହୃତ ବୋତଲ ଏଣେତେଣେ ନ ଫୋପାଡି ବୋତଲ କ୍ରାଫ୍ଟ କଲେ ଦୁଇ ପାଇସା ରୋଜଗାର ସହିତ ସ୍ୱାବଲମ୍ବୀ ହୋଇପାରିବେ। ଏଭଳି କଳାକୃତି ଦେଶ ବିଦେଶରେ ଖୁବ୍ ଆଦୃତ ହେଉଥିବାବେଳେ ଆମ ରାଜ୍ୟରେ ଏଥିପ୍ରତି ଧୀରେ ଧୀରେ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ପ୍ରୋତ୍ସାହନ ସହିତ ବଜାର ଉପଲବ୍ଧ ହୋଇପାରିଲେ, ଏହାକୁ ଅନ୍ୟ ମହିଳାମାନେ ମଧ୍ୟ ଜୀବିକା କରି ବଞ୍ଚିପାରିବେ ବୋଲି ମତ ପ୍ରକାଶ ପାଇଛି। ଏଥିସହ ବିଧିବଦ୍ଧ ଭାବେ ପ୍ରଶିକ୍ଷଣ ପାଇଲେ, ଅଧିକରୁ ଅଧିକ ମହିଳା ଓ ଯୁବତୀ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବେ ବୋଲି ତପସ୍ୱିନୀ କହିଛନ୍ତି।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତ୍ରାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଢେଙ୍କାନାଳ,୨୨।୮ (ସମିସ): ଢେଙ୍କାନାଳ ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ସମସ୍ତ ପ୍ରକାରର ମକଦ୍ଦମା ସହଜରେ ସମାଧାନ ହୋଇପାରିବ। ପ୍ରାୟ ସମସ୍ତ ବିଚାରାଧୀନ ମକଦ୍ଦମା ଦେୱାନୀ, ଫୌଜଦାରୀ (ସାଲିସଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋସ ସମାଧାନ ସହମତିରେ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ ମକଦ୍ଦମାସ୍ତରୀୟ କଚେରୀରେ ଦାୟର ହୋଇ ନ ଥିବା ବିବାଦର ମଧ୍ୟ ସମାଧାନ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମଳଯୋଗ୍ୟ। ଆଗରୁ ପୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ କୁହାଯାଇଛି। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଡ୍ରିଲିଂ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କ ସହ ଆଲୋଚନା



ତାଳଚେର,୨୨।୮ (ସମିସ): ଡ୍ରିଲିଂକୁ ବିରୋଧ କରିବା ସହ ଶୁକ୍ରବାର ତାଳଚେର ଉପଜିଲ୍ଲାପାଳଙ୍କୁ ଭେଟିଛନ୍ତି ଧରମପୁର ଗ୍ରାମବାସୀ। ତାଳଚେର ବ୍ଲକ ଧରମପୁର ଗ୍ରାମରେ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ କମ୍ପାନୀ ଦ୍ୱାରା ଟେଣ୍ଡରରେ ପାଇ ବୋରୱେଲ ସର୍ଭେ ଓ ଡ୍ରିଲିଂ ନିମନ୍ତେ କାର୍ତ୍ତିକେୟ ଡ୍ରିଲିଂ କମ୍ପାନୀ ଧରମପୁର ଗ୍ରାମର କିଛି ଲୋକଙ୍କୁ ନେଇ ଏକ ବୈଠକ କରି ବୋରିଂ କାମ କରିବାକୁ ଚାହୁଁଥିଲା। କିନ୍ତୁ ଧରମପୁର ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗ୍ରାମବାସୀ ତାଙ୍କ ଜମିକୁ କେବେ ବି ଘରୋଇ କମ୍ପାନୀ ହାତକୁ ଟେକିଦେବେ ନାହିଁ ବୋଲି ଅଡ଼ିବସିଛନ୍ତି। ତେଣୁ ଡ୍ରିଲିଂକୁ ବିରୋଧ କରିବା ପରେ ଉପଜିଲ୍ଲାପାଳ ଓ ଗ୍ରାମବାସୀଙ୍କୁ ଆଜି ବୈଠକ ଡକାଯାଇଥିଲା। ବୈଠକରେ ଉପଜିଲ୍ଲାପାଳ, ଡ୍ରିଲିଂ କମ୍ପାନୀ ତଥା ଧରମପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ନିଜେ ଦୁଇଟି ପଞ୍ଚାୟତ ଅର୍ଥାତ୍ ଧରମପୁର ଓ କଙ୍କିଳିର ଲୋକମାନଙ୍କ ଉପସ୍ଥିତିରେ ଡ୍ରିଲିଂ କମ୍ପାନୀ ସହ କଥା ହେବା ପରେ ଯଦି ସମସ୍ତେ ରାଜି ତେବେ ଡ୍ରିଲିଂ ହେବ ନଚେତ୍ ହେବନାହିଁ ବୋଲି ନିଷ୍ପତ୍ତି ହୋଇଛି।

# ରାସ୍ତାରେ ୧୦ ଫୁଟ ଗର୍ତ୍ତ

● ଯାତାୟାତ ବାଧାପ୍ରାପ୍ତ



କଣିହାଁ,୨୨।୮ (ସମିସ): କଣିହାଁ ବ୍ଲକ୍ ବଡ଼ତ୍ରିବିଡ଼ା ରାଜସ୍ୱ କାର୍ଯ୍ୟାଳୟ ନିକଟ ପୂର୍ତ୍ତ ବିଭାଗ ରାସ୍ତା କଲଭର୍ଟଠାରେ ଶୁକ୍ରବାର ୧୦ ଫୁଟ ଗର୍ତ୍ତ ସୃଷ୍ଟି ହୋଇଛି। ସକାଳେ ହଠାତ ରାସ୍ତା ମଝିରେ ଗର୍ତ୍ତ ସୃଷ୍ଟି ହେବା ପରେ ଯାତାୟାତ ବାରଣ ନିମନ୍ତେ ଫିତା, ଶୁଖିଲା ଗଛ ଗର୍ତ୍ତରେ ଭର୍ତ୍ତି କରି ସୂଚିତ କରାଯାଇଥିଲା। କିଛି ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କଣିହାଁ-ଗୋପାଳଗଡ଼ ଦେଇ ଏହି ପୂର୍ତ୍ତ ବିଭାଗ ରାସ୍ତା ଅନୁଗୋଳକୁ ସଂଯୋଗ କରିଥାଏ। ଏହା ଅଞ୍ଚଳବାସୀଙ୍କ ପାଇଁ ଏକ ପ୍ରମୁଖ୍ୟ ରାସ୍ତା ହୋଇଥିବାରୁ ହଜାର ହାଜର ଲୋକ ଯିବାଆସିବା କରିଥାନ୍ତି। ଦୁଇଦିନ ଲଗାଣ ବର୍ଷା ଯୋଗୁଁ ୫୨ବର୍ଷ ପୁରୁଣା ଏହି କଲଭର୍ଟ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ତେବେ ବଡ଼ତ୍ରିବିଡ଼ା ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର କିଛି ଯୁବଗୋଷ୍ଠୀଙ୍କ ସହାୟତା କ୍ରମେ ଗର୍ତ୍ତ ପୂର୍ଣ୍ଣ କରାଯାଇ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାଯାଇଛି। ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ପୂର୍ତ୍ତ ବିଭାଗ ଏହାକୁ ମରାମତି କରିବାକୁ ଦାବି ହୋଇଛି।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର




ପାଲଲହଡ଼ା,୨୨।୮ (ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ବଟିସୁଆଁ ପୁରୁଣାପାଣି ଗାଁ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପୁରୁଣାପାଣିର ବିଜୟ ବୈପାଇ (୩୨) ତାଙ୍କୁ ପ୍ରଥମେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ୭ଟାରେ ବିଜୟ ଜଣେ ବନ୍ଧୁଙ୍କ ସହ ବାଇକରେ ଗାଁକୁ ଫେରୁଥିବା ବେଳେ ଗାଁ ଛକ ନିକଟରେ କୌଣସି ଗାଡ଼ି ଧକ୍କା ଦେବାରୁ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଦୀର୍ଘ ସମୟ ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପାଲଲହଡ଼ା ମେଡିକାଲ ପଠାଇଥିଲେ। ତାଙ୍କ ହାତ ଓ ଛାତିରେ ଗଭୀର ଆଘାତ ଲାଗିଛି। ତାଙ୍କୁ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତେବେ ବିଜୟଙ୍କ ସହ ବାଇକ୍‌ରେ ଥିବା ତାଙ୍କ ବନ୍ଧୁଙ୍କ ପତ୍ତା ମିଳିନାହିଁ। ଏ ନେଇ ପାଲଲହଡ଼ା ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଏନଏସି ମାନ୍ୟତାରୁ ବାଦ୍ ପଡ଼ିଲା ରାସୋଳ

# ଆନ୍ଦୋଳନ ପାଇଁ ସଜ ହେଉଛନ୍ତି ବିଭିନ୍ନ ସଂଗଠନ

■ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ବି ନାଁ ନାହିଁ

■ ୩ ଦଳ ମଧ୍ୟରେ ତେଜୁଛି ରାଜନୀତି

ହିନ୍ଦୋଳ,୨୨।୮ (ସମିସ)

ରାଜ୍ୟ ସରକାର ୨ଟି ପର୍ଯ୍ୟାୟରେ ଘୋଷଣା କରିଥିବା ନୂତନ ଏନଏସି ତାଲିକାରେ ରସୋଳ ସ୍ଥାନ ପାଇନାହିଁ। ଏହାର ପ୍ରତିବାଦରେ ରସୋଳ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଆନ୍ଦୋଳନ ପାଇଁ ମୁଣ୍ଡ ଟେକୁଥିବା ଦେଖିବାକୁ ମିଳୁଛି। ରାସୋଳକୁ ଏନଏସି ମାନ୍ୟତା ଦେବାରେ ରାଜ୍ୟ ବିଜେପି ସରକାରଙ୍କ ପାତରଅନ୍ତର ନୀତିକୁ ନେଇ ୩ ରାଜନୈତିକ ଦଳ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରୁଥିବା ବେଳେ ଆଗାମୀ ଦିନରେ ଏନଏସି ମାନ୍ୟତା ପାଇଁ ଦଳମତ ନିର୍ବିଶେଷରେରେ ସମସ୍ତେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

ରାସୋଳକୁ ଏନ୍ଏସି ମାନ୍ୟତା ଦେବାକୁ ରାସୋଳ ବିକାଶ ପରିଷଦ ପକ୍ଷରୁ ୨୦୨୨ରୁ ଦାବି ହୋଇଆସୁଛି। ଏନଏସି ମାନ୍ୟତା ପାଇଁ ଆବଶ୍ୟକ ଦସ୍ତାବିଜକୁ ସେତେବେଳେ ପ୍ରଶାସନ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ ମଧ୍ୟ କରିଥିଲା। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବାର ଠିକ୍ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାସୋଳକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିର୍ବାଚନ ପରେ ଏବେ ରାଜ୍ୟରେ ନୂଆ ସରକାର ଶାସନକୁ ଆସିଛି। ମାତ୍ର ଏହି ସରକାର ରାସୋଳକୁ ଉପେକ୍ଷା କରିଥିବା ଅଞ୍ଚଳରେ ଆଲୋଚନା ଜୋର ଧରିଛି। ବିନା ସରକାରୀ ଦସ୍ତାବିଜରେ ରାସୋଳକୁ ଏନଏସି ମାନ୍ୟତା ମିଳିଗଲା କହି ସେତେବେଳେ ନେତାମାନେ ନିଜେ ଶ୍ରେୟ ନେଇ ଚାଲିଥିଲେ। ବର୍ତ୍ତମାନ ସତ୍ୟ ପଦାକୁ ଆସିଛି। ନୂତନ ଏନଏସି ତାଲିକାରେ ରାସୋଳର ନାଁ ନାହିଁ। ସାମ୍ପ୍ରତିକ ସ୍ଥିତିରେ ସରକାରଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ଶାସକ ବିଜେପିର କିଛି ନେତା କହୁଥିବା ବେଳେ ମାପକାଠି ମୁତାବକ ରାସୋଳ ଏନଏସି ମାନ୍ୟତା ଦେବାରେ ଯଥାର୍ଥ ରହିଛି। ସେତେବେଳେ ବିଧାୟିକା ମଧ୍ୟ ରାସୋଳ ଏନଏସି ହେବା ପାଇଁ ଅଣ୍ଟା ଭିଡ଼ିଥିଲେ। ଏହାରି ଆଧାରରେ ବିଜେଡି ଶାସନ ସମୟରେ ନିଜେ ମୁଖ୍ୟମନ୍ତ୍ରୀ ରାସୋଳକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏନଏସି ମାନ୍ୟତା ଦେବାକୁ ବିଜେଡି ସରକାର ଘୋଷଣା କରିବା ପରେ ଆଉ ତାକୁ କାର୍ଯ୍ୟକାରୀ କଲେନାହିଁ। ବର୍ତ୍ତମାନ ସରକାର ୨ ପର୍ଯ୍ୟାୟରେ ୨୧ଟି ଏନଏସି ଘୋଷଣା କରିଥିଲେ ମଧ୍ୟ ଏହି ତାଲିକାରେ ରସୋଳର ସ୍ଥାନ ନାହିଁ। ପୂର୍ବରୁ ରାସୋଳ ବିକାଶ ପରିଷଦ ଏବଂ ବିଭିନ୍ନ ବାଣିଜ୍ୟ ସଙ୍ଘ ଓ ଆମ୍ବେଦକର ସଙ୍ଗଠନ ପକ୍ଷରୁ ରସୋଳ ଏନଏସି ମାନ୍ୟତା ଦାବିରେ ୨୦୨୪ ଫେବୃଆରୀ ୨୯ରେ ହିନ୍ଦୋଳ ବନ୍ଦ ଡାକରା ଦେଇଥିଲେ। ତାହାକୁ ମଧ୍ୟ ଜନସାଧାରଣଙ୍କ ପକ୍ଷରୁ ସମର୍ଥନ ମିଳିଥିଲା। ରାସୋଳ ଏନଏସି ମାନ୍ୟତା ଦାବିରେ ପୁନର୍ବାର କିଛି ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

# ଅଭିଯୋଗ ଶୁଣିଲେ ଓଡ଼ିଶା ମାନବାଧିକାର ସଭାପତି



ତାଳଚେର,୨୨।୮ (ସମିସ): ଶିଳ୍ପନଗରୀ ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ପଞ୍ଚାୟତ ହରିଚନ୍ଦନପୁର ଗ୍ରାମବାସୀଙ୍କ ସହ ଓଡ଼ିଶା ମାନବାଧିକାର ସଭାପତି ଡ. ଦେବେନ୍ଦ୍ର ସିଂ ଶୁକ୍ରବାର ଗାଁ ଶନି ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରିଛନ୍ତି। ଗ୍ରାମର ମୌଳିକ ସମସ୍ୟା ଉପରେ ଶରଧାପୁର, ବାରିହାପୁର ବିଭିନ୍ନ ଅଭିଯୋଗ ଆଣିବା ପରେ ଏଠାକାର ମୁଖ୍ୟ ସମସ୍ୟା ମୋବାଇଲ୍ ଟାୱାର ସମ୍ପର୍କରେ ଉପସ୍ଥିତ ସମସ୍ତ ଜନସାଧାରଣ ପ୍ରକାଶ କରିଥିଲେ। ଏହି ଅଞ୍ଚଳରେ ନେଟୱର୍କ ନ ଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ସେବାରୁ ଲୋକେ ବଞ୍ଚିତ ହେଉଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଥିଲେ ଗ୍ରାମବାସୀ। ବୈଠକରେ ପୂର୍ବତନ ସରପଞ୍ଚ ତ୍ରିପୁର ପରିଡ଼ା, ପରମାନନ୍ଦ ପରିଡ଼ା, ଡିଲେଶ୍ୱର ବେହେରା, ଟିକନ ବେହେରା, ଦୀନବନ୍ଧୁ ଡାକୁଆ, ସୁବ୍ରତ ପରିଡ଼ା, ମଳୟ ପରିଡ଼ା, ହେମନ୍ତ ସାହୁ, ବାର୍ଷିକ ପରିଡ଼ା ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଡ. ସିଂ ଏ ନେଇ ଉଦବେଗ ପ୍ରକାଶ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କଞ୍ଚା ଅଞ୍ଚଳରେ କଲରାପତରିଆ ବାଘ !

● ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି ଭିଡିଓ

● ଗଜସାଥୀ ହ୍ୱାଟ୍ସଆପ ଗ୍ରୁପରୁ ହେଉଛି ଭାଇରାଲ



ଅନୁଗୋଳ,୨୨।୮ (ସମିସ): ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ କଞ୍ଚା ଅଞ୍ଚଳରେ ବୁଧବାର ଏକ କଲରାପତରିଆ ବାଘ ଦେଖାଯାଇଥିବା ସାମାଜିକ ଗଣମାଧ୍ୟମରେ ଫଟୋ ଘୂରିବୁଲୁଛି। କିନ୍ତୁ ଏହା କେଉଁଠିକାର ଚିତ୍ର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ବନ୍ତଳା ଅଞ୍ଚଳରେ ଗଜସାଥୀ ଭାବେ କାର୍ଯ୍ୟ କରୁଥିବା ଯୁବକମାନେ ଏକ ହ୍ୱାଟ୍ସଆପ ଗ୍ରୁପ କରିଛନ୍ତି। ଏହି ଗ୍ରୁପରେ ଉକ୍ତ ଫଟୋକୁ କେହି ଜଣେ ପୋଷ୍ଟ କରିଛନ୍ତି। ଏହା ପରଠାରୁ ଆରମ୍ଭ ହୋଇଛି ଆଲୋଚନା। ତେବେ ଏ ନେଇ ଏପର୍ଯ୍ୟନ୍ତ ବନବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏ ନେଇ ବନ୍ତଳା ବନାଞ୍ଚଳ ଅଧିକାରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ ଏଭଳି କୌଣସି ଘଟଣାର ସୂଚନା ନାହିଁ। କିନ୍ତୁ କଞ୍ଚା, ନୂଆଁଖେତା, ବାରଗୌଣିଆ ଆଖପାଖ ଜଙ୍ଗଲରେ କଲରାପତାରିଆ ବାଘ ଦେଖାଯାଇଥାନ୍ତି ବୋଲି ସେ କହିଛନ୍ତି।

## ସୁନା ଚେନ ଛିନ୍‌ତାଇ, ୨ ଗିରଫ

ବାଲେଶ୍ୱର,୨୨।୮ (ସମିସ): ବାଲେଶ୍ୱର ଟାଉନ ପୁଲିସ ଟିମ୍ ସେଣ୍ଟ୍ରାଲ ସ୍କୁଲ ଛକ ନିକଟରୁ ଆଇଟିଆଇ ଛକକୁ ଜଣେ ବୃଦ୍ଧା ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ କରୁଥିବା ଡକାୟତଙ୍କ ଗୋଟିଏ ଗ୍ୟାଙ୍ଗକୁ ଗିରଫ କରିଛି। ଅଭିଯୁକ୍ତମାନେ ଟାଉନ ଥାନା, ସହଦେବଖୁଣ୍ଟା ଥାନା, ଶିଳ୍ପାଞ୍ଚଳ ଥାନା, ସଦର ଏବଂ ଚାନ୍ଦିପୁର ଥାନା ଅଞ୍ଚଳରେ ଅନେକ ଡକାୟତି ମାମଲାରେ ଜଡିତ ରହିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ସଦର ଥାନା ଅନ୍ତର୍ଗତ ଶଶିକାନ୍ତ ସା (୨୭) ଏବଂ ଟାଉନ୍ ଥାନା ଅଧୀନ ଆକତପୁର ଅଞ୍ଚଳର ସୁରଜ ବେହେରା (୨୪)। ପୁଲିସ ସେମାନଙ୍କ ଠାରୁ ପ୍ରାୟ ୬ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ୭ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ଗୋଟିଏ ମୋବାଇଲ୍ ଫୋନ୍ ଓ ଗୋଟିଏ ସ୍କୁଟିକୁ ଜବତ୍ କରିଛି।

● ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ

# 'କ୍ଲାସ୍‌ରୁମ୍-ଟୁ-କମ୍ୟୁନିଟି' କାର୍ଯ୍ୟକ୍ରମ






ବାଲେଶ୍ୱର,୨୨।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ଦ୍ୱାରା ଫିଲ୍ଡ ୱାର୍କ ଓ "କ୍ଲାସ୍‌ରୁମ୍-ଟୁ-କମ୍ୟୁନିଟି" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମଖାପଦା ଗ୍ରାମର ବାସିନ୍ଦାମାନଙ୍କ ସହିତ ସମ୍ପୃକ୍ତ-ସ୍ୱାସ୍ଥ୍ୟ ସଚେତନତା, ପରିଷ୍କାରତା ଓ ସାମାଜିକ ଅନ୍ତର୍ଭୁକ୍ତି ସହିତ ସମ୍ବନ୍ଧିତ କାର୍ଯ୍ୟକଳାପ ସମ୍ପର୍କରେ ପଥପ୍ରାନ୍ତ ନାଟକ ଓ ବାର୍ତ୍ତାଳାପ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବର୍ଷା ଋତୁରେ ଦେଖାଯାଉଥିବା ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା, ଆଖପାଖ ଅଞ୍ଚଳର ପରିଷ୍କାର ପରିଚ୍ଛନ୍ନତା, ମଶାରୀର ବ୍ୟବହାର, ସାପ ବା ସରୀସୃପ ଜୀବଜନ୍ତୁ କାମୁଡିଲେ ତାହାର ପ୍ରାଥମିକ ଚିକିତ୍ସା ଓ ଡାକ୍ତରଙ୍କ ପରାମର୍ଶ ଗ୍ରହଣ, ଗୁଣିଗାରେଡି ଓ ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା। ଏଥିସହ ବସବାସ ସ୍ଥାନକୁ ଫିନାଇଲ, ବ୍ଲିଚିଂ ଓ ଡିଡିଟିର ବ୍ୟବହାର ଦ୍ୱାରା ସଫା କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ବିଭାଗୀୟ ଅଧ୍ୟାପିକାମାନଙ୍କ ନିର୍ଦ୍ଦେଶନା ଓ ପର୍ଯ୍ୟବେକ୍ଷଣରେ ଛାତ୍ରଛାତ୍ରୀ "ଲର୍ଣ୍ଣିଂ ବାଇ ଡୁଇଂ" ସୂତ୍ରକୁ ପ୍ରୟୋଗ କରିଥିଲେ। ଏଥିସହ ଛାତ୍ରଛାତ୍ରୀ ସ୍ୱଚ୍ଛତା ଅଭିଯାନର ପ୍ରୟାସ ନେଇ ଗ୍ରାମରେ ଜମା ଅଳିଆ ଆବର୍ଜନା ସହ ଅଦରକାରୀ ବଣବୁଦାକୁ କାଟି ସଫା କରିଥିଲେ। ମୁଖ୍ୟତଃ ଡେଙ୍ଗୁରୋଗ ଓ ସର୍ପ ଦଂଶନର ବିପଦକୁ ଗୁରୁତ୍ୱ ଦେଇ ଏଥିନେଇ ଗୋଷ୍ଠୀମାନଙ୍କ ମଧ୍ୟରେ ସଚେତନତା ଆଣିବାର ଲକ୍ଷ୍ୟ ନେଇ ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଓ ସାମାଜିକ କାର୍ଯ୍ୟ ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ଗୋଷ୍ଠୀ-ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପାଦିତ କରାଯାଇଥିଲା। ଗ୍ରାମବାସୀ ଏହି ପ୍ରୟାସକୁ ସ୍ୱାଗତ କରି ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରୁ ସମାଜ ଉପକୃତ ହେବା ସହିତ, ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସରେ ବୃଦ୍ଧିରେ ସହାୟକ ହେବା ନେଇ କୁଳପତି ମତବ୍ୟକ୍ତ କରିଛନ୍ତି।

● ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ବିଜେପି ଜିଲ୍ଲା ସଭାପତି

# ଜିଲ୍ଲାର ବିଭିନ୍ନ ପୌରାଞ୍ଚଳର ସମସ୍ୟା ନେଇ ଆଲୋଚନା



ଅନୁଗୋଳ,୨୨।୮ (ସମିସ): ଅନୁଗୋଳ ଜିଲ୍ଲାର ପୌରାଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଛି। ତାଳଚେର, ଅନୁଗୋଳ ଓ ଆଠମଲ୍ଲିକ ପୌର ପରିଷଦର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଗୁରୁବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ। ଜିଲ୍ଲାର ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ଦୀର୍ଘବର୍ଷ ଧରି ସେମାନଙ୍କ ଅବସରକାଳୀନ ଗ୍ରାଚ୍ୟୁଟି ଅର୍ଥ ଅଦ୍ୟାବଧି ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଶୀଘ୍ର ସେମାନଙ୍କ ପ୍ରାପ୍ୟ ପ୍ରଦାନ, ଦୀର୍ଘ ୩୦ ବର୍ଷ ଧରି ପୌର ପରିଷଦରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିୟମିତ କରିବା, ସମସ୍ତ ପୌରାଞ୍ଚଳର ସ୍ୱେରେଜ ବ୍ୟବସ୍ଥା ଠିକ କରିବା, ତାଳଚେର ଟାଉନ ହତାର ପୁନରୁଦ୍ଧାର, ବିଭିନ୍ନ ପୌରାଞ୍ଚଳରେ ଆବଶ୍ୟକ ଅନୁଯାୟୀ କଲ୍ୟାଣ ମଣ୍ଡପ ନିର୍ମାଣ, ଆଠମଲ୍ଲିକ ଏନଏସିରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟ୍ରିଟ ଲାଇଟ ଲଗାଇବା ଆଦି ଦାବି ନେଇ ଜିଲ୍ଲା ସଭାପତି ପଟ୍ଟନାୟକ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ସଭାପତିଙ୍କ ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ଦିଲୀପ ଦାସ ଓ କୀଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ଯୁବ ନେତୃତ୍ୱ ଓ କୌଶଳ ବିକାଶ' ଶୀର୍ଷକ ଆଲୋଚନାଚକ୍ର




ବାଲେଶ୍ୱର,୨୨।୮ (ସମିସ): ଯୁବଗୋଷ୍ଠୀ ଉପରେ ଅଭିଭାବକମାନେ ନିଜ ଇଚ୍ଛା ଲଦି ନଦେଇ ସେମାନଙ୍କୁ ସ୍ୱଇଚ୍ଛାରେ ଭବିଷ୍ୟତ ଗଢ଼ିବାକୁ ସୁଯୋଗ ପ୍ରଦାନ କଲେ ସେମାନେ ନିଜର ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପ୍ରକାଶ କରିବାର ସୁଯୋଗ ପାଇପାରିବେ। ଯୁବ ସମାଜ ଆମ ଦେଶର ମେରୁଦଣ୍ଡ। ସେମାନେ ବିପଥଗାମୀ ନହୋଇ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆୟୋଜିତ "ଯୁବ ନେତୃତ୍ୱ ଓ କୌଶଳ ବିକାଶ' ଶୀର୍ଷକ ଆଲୋଚନାରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଗୀତାଶ୍ରୀ ରାୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଦେବଦତ୍ତ ଦାସ ଏପରି ମତପ୍ରକାଶ କରିଛନ୍ତି। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ତ୍ରିପାଠୀଙ୍କ ରଚିତ ତଥା କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ସମୂହ ସଙ୍ଗୀତ ଗାନ କରିଥିଲେ ଅର୍ଚ୍ଚନା କର, ତୃପ୍ତିରାଣୀ ପାତ୍ର, ଶାନ୍ତି ବିଶି, ପୁଷ୍ପଲତା ଚକ୍ରବର୍ତ୍ତୀ, କବିତା ଜେନା, ପ୍ରଭାକର ସାହୁ ଓ ଜ୍ଞମରନାଥ ପାତ୍ର। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ନିରଞ୍ଜନ ରାଉତ, ପ୍ରଦୀପ ଚାଟାର୍ଜୀ, ତପନ ରାୟ, ଦୀପକ ବୋଷ, ଡ. ରମାକାନ୍ତ ନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ଡ. ଲକ୍ଷ୍ମଣ ବିଶ୍ୱାଳ, ଗଗନ ଦଳାଇ, ବିଦ୍ୟାଧର ସାହୁ, ରାଜେନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ବେହେରା, ସଂଜୟ କୁମାର ପଣ୍ଡା, ଡ. ହେମମାଳା ଦାଶ, ବେଣୁଧର ସାହୁ, ଦେବାଶିଷ ସିଂହ, ଉଦୟ ଶଙ୍କର ପରିଡ଼ା, ହେମେନ୍ଦ୍ର ମହାପାତ୍ର, ମମତା ମହାନ୍ତି, ଡ. ରତ୍ନାକର ସିଂହ, ପୂର୍ଣ୍ଣଚନ୍ଦ୍ର ନାୟକ, ନିତ୍ୟାନନ୍ଦ ସାହୁ, ମନ୍ମଥ କୁମାର ସାହୁ, ଡ. ସମର ବଲ୍ଲଭ ଭୋଇ, ଅର୍ଚ୍ଚନା ନନ୍ଦୀ, କରୁଣାକର ସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମହାବୀର ଆଖଡ଼ା ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର,୨୨।୮ (ସମିସ): ମଠସାହି ସ୍ଥିତ ହରଗଙ୍ଗାପୋଖରୀ ପାଖ ଲଣ୍ଡାଗୋସ୍ୱାମୀ ମଠ ପରିସରରେ ବାଲେଶ୍ୱର ମହାବୀର ଆଖଡା ସଂଘ ତରଫରୁ ସଂଘର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପୀନାଥ ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମନୋଜ ଦାସ, ଉପସଭାପତି ପଦ୍ମଲୋଚନ ଲେଙ୍କା, ମନୋଜ ରାଉତ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଧର ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ଭରତ ଭୂଷଣ ଦାସ, ଆଶ୍ରିତା ତରେଇ, ପଦ୍ମଲୋଚନ ଦତ୍ତ, ବଳରାମ ଦାସ, ବିଜୟ ପଲେଇ, ଧୀରେନ ନାୟକ, ମନୋଜ ଖଣ୍ଡା, ଦେବେନ୍ଦ୍ର ଦାସ, ହୁସେନ ଚାଚା, ରବୀନ୍ଦ୍ର ବେହେରା, ଶର୍ମିଳା ବାରିକ, ଯଶୋଦା ନନ୍ଦନ ଆଶ, ବୈଲୋଚନ ଦାଶ, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ଓଡ଼ିଶାରେ ଗାଲିୟମ ଆଶା

ନିକଟରେ କେନ୍ଦ୍ର କ୍ୟାବିନେଟ ୪ଟି ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ୟୁନିଟ ପ୍ରତିଷ୍ଠା ହେବ। ଅନ୍ୟ ଦୁଇଟି ଆନ୍ଧ୍ର ଓ ପଞ୍ଜାବକୁ ମିଳିଛି। ଏଥିଲାଗି ସରକାର ୪୫୯୪ କୋଟି ଟଙ୍କା ବିନିଯୋଗ କରିବେ। ସମୟର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ସେମିକଣ୍ଡକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରିଟେନର କ୍ଲାସ-ସିକ ୱାଫେର ଫାବ୍ ଲିମିଟେଡ ସହ ମିଳିତ ଉଦ୍ୟମରେ ସିକ୍ସେମ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଏଡି ପ୍ରକଳ୍ପ ହାତକୁ ନେଇଛି। ଏହା ସିଲିକନ କାର୍ବାଇଡ ଉପକରଣ ଉତ୍ପାଦକ କରିବ। ସଂପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟ ରଖି ପ୍ରକଳ୍ପ ହାତକୁ ନିଆଯାଇଛି। ଭୁବନେଶ୍ୱରସ୍ଥ ଇନଫୋସିସ ଭ୍ୟାଲିକୁ ହିଁ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଛି। ୪ଟି ସେମକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାକୁ କାହିଁକି ଦୁଇଟି ମିଳିଛି ଏଭଳି ଏକ ପ୍ରଶ୍ନ ମନରେ ଉଙ୍କି ମାରିପାରେ। ଏଥିଲାଗି ଆବଶ୍ୟକ ଓ ଉପଯୋଗୀ ବିରଳ ଗାଲିୟମ୍ ଧାତବ ଆସନ୍ତା ୨ବର୍ଷ ମଧ୍ୟରେ ଓଡ଼ିଶାରୁ ଉତ୍ପାଦିତ ହେବ। ଏଥିଲାଗି ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ନାଲକୋ ଦାମନଯୋଡ଼ିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିସାରିଛି। ସମଗ୍ର ଦେଶରେ ପ୍ରଥମ କରି ଗାଲିୟମ ଓଡ଼ିଶା ହିଁ ଉତ୍ପାଦନ କରିବାକୁ ଯାଉଛି। ଏହାକୁ କେବଳ ଏକ ସଂଯୋଗ କହିଲେ ଠିକ ହେବ ନାହିଁ। ପରସ୍ପର ଉପରେ ନିର୍ଭରଶୀଳ ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥେଷ୍ଟ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଦେଶରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା କରି ବିଶ୍ୱରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଭାରତ ସରକାର ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ରୋକିବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗୁଆ ୩ଶହ ପ୍ରତିଶତ ଶୁଳ୍କ ଲାଗୁ କରିବାର ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଯେ ଅର୍ଥହୀନ ଓ ଅବାସ୍ତବ ଏକଥା ବୁଝିବାକୁ ବାକି ନାହିଁ। ତାଙ୍କର ଏହି ନାଲି ଆଖିରେ ଭାରତର ସେମିକଣ୍ଡକ୍ଟର ପ୍ରକଳ୍ପ ଯେ ବନ୍ଦ ହୋଇଯିବ ଏକଥା ନୁହେଁ। ଆମେରିକାକୁ ବାଦଦେଲେ ମଧ୍ୟ ଭାରତ ପାଇଁ ବିଶ୍ୱରେ ସେମିକଣ୍ଡକ୍ଟରର ବଜାରର ଅଭାବ ନାହିଁ। ଯେମିତି ଚୀନର ବିରଳ ମୃତ୍ତିକାକୁ ବାଦଦେଲେ ଆମେରିକାର ଏକାଧିକ ପ୍ରକଳ୍ପ କାର୍ଯ୍ୟ କ୍ଷମତା ହରାଇବ। ସେଥିସକାଶେ ଟ୍ରମ୍ପ ଚୀନ୍ ସହ ସାଲିସ କରିବାର ବାଧ୍ୟବାଧକତା ରହିଛି। ନାଲକୋର ଗାଲିୟମ ଧାତବ ଉତ୍ପାଦନ କ୍ଷମତାର ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଏହା କେବଳ ସେମିକଣ୍ଡକ୍ଟର ନୁହେଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇଲୋକ୍ଟ୍ରୋନିକ ସାମଗ୍ରୀ, ଲେନ୍ସ, ଲେଜର ଓ ମେଡିକାଲ ଇମେଜିଂ ଭଳି ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ। ଏଭଳି ଉପଯୋଗୀ ବିରଳ ଧାତବ ସାମଗ୍ରୀ ଉତ୍ପାଦନ କରି ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ସ୍ତରରୁ ଉର୍ଦ୍ଧ୍ୱରେ ନିଜର ସ୍ଥିତି ଜାହିର କରିବାକୁ ଯାଉଛି ନାଲକୋ।

ନାଲକୋ ମଙ୍ଗଳବାର ବିରଳ ଧାତବ ସାମଗ୍ରୀ ଗାଲିୟମ ଉତ୍ପାଦନ ସଂପର୍କରେ ସୂଚନା ଦେଇ କହିଛି ଯେ ଏହି ପ୍ରକଳ୍ପ ଏଥିମଧ୍ୟରେ ବେଶ ଅଗ୍ରଗତି ହାସଲ କରିସାରିଛି ଏବଂ ଯେତେଦୂର ସମ୍ଭବ ଆସନ୍ତା ଦୁଇବର୍ଷ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ। ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ) ଓ ଭାରି ଜଳ ବୋର୍ଡ(ଏଚ୍‌ଡବ୍ଲୁବି) ଏବଂ ଗବେଷଣା ଓ ଉନ୍ନୟନ ସଂସ୍ଥା ସହଯୋଗରେ ନାଲକୋ ଗାଲିୟମ ଧାତବ ନିଷ୍କାସନ ଏବଂ ଭାରିଜଳର ଅଣ ଆଣବିକ ପ୍ରୟୋଗ ନେଇ ଜାରି ରଖିଥିବା ଗବେଷଣାର ସୁଫଳ ମିଳିଛି। ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଉପଜାତ ଦ୍ରବ୍ୟ ରୂପେ ଗାଲିୟମ ଧାତବ ସଂଗ୍ରହ କରାଯାପାରିବ। ଏଦିଗରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଉଛି। କୋରାପୁଟର ଦାମନଯୋଡ଼ିରେ ଥିବା ଆଲୁମିନା ରିଫାଇନାରୀ ନିକଟରେ ଗାଲିୟମ ଧାତବ ନିଷ୍କାସନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ବାର୍ଷିକ ୧୫ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟରୁ ପରୀକ୍ଷାମୂଳକ ଭାବେ ୮/୯ ମାସ କାର୍ଯ୍ୟ ପରେ ଦୁଇବର୍ଷ ମଧ୍ୟରେ ବ୍ୟାବସାୟିକ ଉତ୍ପାଦନ ହେବ। ସୂଚନା ଯୋଗ୍ୟ କି ଏପର୍ଯ୍ୟନ୍ତ ଚୀନ ବିଶ୍ୱବଜାରରେ ଗାଲିୟମ ଯୋଗାଣରେ ପ୍ରାଧାନ୍ୟ ହାସଲ କରିଆସିଥିବା ବେଳେ ଭାରତରେ ଗାଲିୟମ ଧାତବ ଉତ୍ପାଦନ ପାଇଁ ନାଲକୋକୁ ହିଁ ନିରଙ୍କୁଶ ଅଧିକାର ମିଳିଛି।

ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ସକାଶେ ୩୫,୦୦୦ କୋଟି ଟଙ୍କା ନିବେଶର ସୂଚନା ଦେବା ଯେତେ ବଡ଼କଥା ନୁହେଁ, ବିରଳ ଖଣିଜ ସାମଗ୍ରୀ ଓ ମୃତ୍ତିକାର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଦେଶରେ ବିପୁଳ ବିନିଯୋଗର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରଗତିର ମାର୍ଗକୁ ଗତି ଦେବା ସକାଶେ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆର୍ଜେଣ୍ଟିନାରେ ୫ଟି ଖଣି ନାଲ୍‌କୋ କିଣିଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ) ସହ ନାଲକୋ ସହଭାଗିତାରେଏହି ପଦକ୍ଷେପ ଗ୍ରହଣ କରିଛି। ସଂସ୍ଥା ଖୁବ୍‌ଶୀଘ୍ର ମାଇନିଂ ଆରମ୍ଭ ସକାଶେ କାର୍ଯ୍ୟ ପରିଚାଳନା ଏଜେନ୍ସି ସହ ଯୋଗାଯୋଗ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ। ଯଦି ବ୍ୟବସ୍ଥିତ ଢଙ୍ଗରେ କାମ ଠିକ୍‌ଠାକ୍ ଚାଲେ ତେବେ ୨୦୨୭ ସୁଦ୍ଧା ମାଇନିଂ ଆରମ୍ଭ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଅଷ୍ଟ୍ରେଲିଆରେ ଲିଥିୟମ ମାଇନର ଅଂଶୀଦାର ହେବ ନାଲକୋ। ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟାଟେରି ପ୍ରସ୍ତୁତି ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ଲିଥିୟମର ଉପଯୋଗିତାକୁ ଦୃଷ୍ଟିରେ ରଖି ନାଲକୋ ଏହି ପଦକ୍ଷେପ ଗ୍ରହଣ କରୁଛି। କାବିଲ ସହଯୋଗରେ ଚିଲିରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବାର ସୂଚନା ମଧ୍ୟ ସେ ଦେଇଛନ୍ତି। ଯଦି ଏହି ପ୍ରୟାସ ସଫଳ ହୁଏ ତେବେ ଭାରତର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

ଟ୍ରମ୍ପଙ୍କ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରତିକୂଳ ପ୍ରଭାବ ନାଲକୋର ବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ଉପରେ ପ୍ରତିଫଳିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ କହିବା କଥା ହେଲା, ବ୍ରିଟେନର ଆବଶ୍ୟକତା ପୂରଣ ପାଇଁ ନାଲକୋ ଆଲୁମିନିୟମ ରପ୍ତାନି କରିପାରିବ। ମୁକ୍ତ ବାଣିଜ୍ୟ ଜୋନ୍ ସୁଯୋଗ ନେଇ ନିଃଶୁଳ୍କ ରାପ୍ତାନିରୁ ସଂସ୍ଥା ଲାଭବାନ ହେବ। ବିଦ୍ୟୁତ୍ ଚାଳିତ ଯାନ ଓ ସୋଲାର ପ୍ୟାନେଲର ବର୍ଦ୍ଧିତ ବଜାର ଦୃଷ୍ଟିରୁ ବ୍ରିଟେନର ଆଲୁମିନିୟମ ଚାହିଦା ବୃଦ୍ଧିପାଇଛି। ସେ ଦୃଷ୍ଟିରୁ ଆମେରିକା ଅପେକ୍ଷା ବ୍ରିଟେନ ବଜାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ସବୁଠାରୁ ବଡ଼ କଥା ହେଲା, ସମୟରେ ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ନାଲକୋ ନିବେଶର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।



## ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

# ମଧ୍ୟବିତ୍ତ ପରିବାରରେ 'ଅର୍ଜୁନଙ୍କ ଦ୍ୱନ୍ଦ୍ୱ'

ଡକ୍ଟର ଅବଶ ପରିଡ଼ା

ମହାଭାରତର ଅର୍ଜୁନ କେବଳ ଜଣେ ପୌରାଣିକ ନାୟକ ନୁହନ୍ତି, ସେ ଏକ ଆଦର୍ଶ। ଭାରତୀୟ ମଧ୍ୟବିତ୍ତ ବର୍ଗର ପ୍ରତ୍ୟେକ ପିତାମାତା ନିଜ ପିଲାକୁ ଅର୍ଜୁନଙ୍କ ଭଳି ଦକ୍ଷ, ସଫଳ ଓ ସ୍ଥିର କରିବାକୁ ଚାହାନ୍ତି। ଅର୍ଜୁନଙ୍କ ସମାନ ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରତିଯୋଗିତା, ଭୟ ଓ ନୈତିକ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ। ଯେଉଁଠି ସଫଳତା ହେଉଛି ମୂଲ୍ୟର ଚୂଡ଼ାନ୍ତ ମାପକାଠି। କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ମଧ୍ୟବିତ୍ତ ଶ୍ରେଣୀର ବିବେକ ସହିତ ହେଉଥିବା ସଂଘର୍ଷର ଅନେକ ସମାନତା ଅଛି। ଶ୍ରୀକୃଷ୍ଣଙ୍କ ଜ୍ଞାନ ଦ୍ୱାରା ଅର୍ଜୁନ ପରିଚାଳିତ ହୋଇ ଧର୍ମର ସ୍ୱଷ୍ଟତା ଓ ଦ୍ୱନ୍ଦ୍ୱର ସମାଧାନ ଆଣିପାରିଥିଲେ। ସେହିପରି ମଧ୍ୟବିତ୍ତ ବର୍ଗ ମଧ୍ୟ ନିଜ ବିବେକ, ସ୍ଥିରତା, କର୍ତ୍ତବ୍ୟ ଓ ନୈତିକ ସନ୍ତୁଳନ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱର ସମାଧାନ ଖୋଜୁଛନ୍ତି।

ସଫଳତାର ପରିଭାଷା କ'ଣ ହେବ ତାହା ମଧ୍ୟବିତ୍ତ ଶ୍ରେଣୀ ନିଜେ ସ୍ଥିର କରିଛି। ଆର୍ଥିକ ସ୍ଥିରତା, ସାମାଜିକ ଗତିଶୀଳତା, ସାଂସ୍କୃତିକ ଆକାଂକ୍ଷା ସହ ପରିବାରର ଆଶା ଦ୍ୱାରା ଏହା ଆକୃତିପ୍ରାପ୍ତ। ଏହାମଧ୍ୟରୁ ଆର୍ଥିକ ସ୍ଥିରତା ହେଉଛି ମଧ୍ୟବିତ୍ତ ପରିବାରର ସଫଳତା ମାପିବା ପାଇଁ ସବୁଠାରୁ ଶକ୍ତିଶାଳୀ ଏବଂ ବହୁଳ ଭାବରେ ବ୍ୟବହୃତ ମାନଦଣ୍ଡ। ନିଜସ୍ୱ ଘର, ମାଲିକାନା, ସ୍ଥିର ଆୟ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ହେଉଛି ଆମ ପାଇଁ ଆର୍ଥିକ ସ୍ଥିରତା। କିଛିଦିନ ତଳେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ କୁହେ ଯେ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ମଧ୍ୟବିତ୍ତ ପରିବାର ବ୍ୟକ୍ତିଗତ କ୍ୟାରିଅର ଅଭିବୃଦ୍ଧି ଅପେକ୍ଷା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସଫଳତାର ମାପକାଠି ବୋଲି ବିବେଚନା କରନ୍ତି। ସେହିପରି ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ ଅତିରିକ୍ତ କୋଚିଂ, ଘରୋଇ ବିଦ୍ୟାଳୟ ଓ ଡିଜିଟାଲ୍ ଉପକରଣ ଯଥା ମୋବାଇଲ, ଟାବଲେଟ, ଲାପଟପରେ ବିନିଯୋଗ କରିବା ପାଇଁ ନିଜର ଅବସର ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରନ୍ତି। ଏହା ହେଉଛି ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର 'ଶିକ୍ଷା-ଚାଳିତ' ସଫଳତାର ଧାରଣାର ଏକ ପ୍ରତିଫଳନ।

ଅପରପକ୍ଷେ, ଆଫ୍ରିକୀୟ ମଧ୍ୟବିତ୍ତ ଶ୍ରେଣୀ ନିମନ୍ତେ ବୃତ୍ତିଗତ ସଫଳତା ହିଁ ସାମାଜିକ ସମ୍ମାନ। 'ଚାକିରି ହରାଇବା' ହେଉଛି ଆଫ୍ରିକୀୟ ମଧ୍ୟବିତ୍ତଙ୍କ ପାଇଁ ସବୁଠାରୁ ବଡ଼ ମାନସିକ ଆଘାତ। ଉଭୟ ଉଦାହରଣ ବିପରୀତ ଲାଗିପାରେ। କିନ୍ତୁ ଏହା ଭିତରେ ଏକ ସାଧାରଣ ଲକ୍ଷ୍ୟ ଅଛି। ତାହା ହେଉଛି ଯେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ନିଜ ପିତାମାତା ଏବଂ ସମ୍ପ୍ରଦାୟର ପ୍ରତିଷ୍ଠାକୁ ଏହି ସବୁ ଗତିଶୀଳତା ମାଧ୍ୟମରେ ଉନ୍ନତ କରିବାକୁ ଚାହେଁ। ପୃଥିବୀର ସମସ୍ତ ମଧ୍ୟବିତ୍ତ ଶ୍ରେଣୀ ସଫଳତା ହାସଲ ପାଇଁ 'ଅନୁରୂପ' ରଣନୀତି ଅନୁସରଣ କରନ୍ତି। 'ଅନୁରୂପ'ର ଅର୍ଥ ହେଉଛି ଚାକିରି କରିବା ଓ ଚାକିରିରେ କଠିନ ପରିଶ୍ରମ କରିବା, ପିଲାମାନଙ୍କ ଭବିଷ୍ୟତ ପାଇଁ ବିନିଯୋଗ କରିବା ଏବଂ ସାମାଜିକ ଭାବରେ ଗୃହୀତ ସଫଳତାର ମାନଦଣ୍ଡକୁ ପୂରଣ କରିବା। ଏହା ସବୁ ଏକପ୍ରକାରର ପ୍ରତିଯୋଗିତା। ପ୍ରତିଯୋଗିତାରେ ଚାପ ରହିବା ବହୁତ ସ୍ୱାଭାବିକ। ତେଣୁ ଏହି ଚାପରେ ଶିକ୍ଷାଗତ ସଫଳତାର ଅନୁସନ୍ଧାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତାକୁ ତୀବ୍ର କରିଛି। ଭାରତର କୋଚିଂ ଶିଳ୍ପ ଏବଂ ଘରୋଇ ବିଦ୍ୟାଳୟ ବୃଦ୍ଧି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଅନେକ ଅଭିଯୋଗ କରନ୍ତି ଯେ ମଧ୍ୟବିତ୍ତ ବର୍ଗ ସବୁଠାରୁ ସ୍ୱାର୍ଥପର। ଧନୀଙ୍କୁ ସୁବିଧା ଓ ଗରିବଙ୍କୁ ଅତିରିକ୍ତ ଧ୍ୟାନ ଓ ସାହାଯ୍ୟ ମିଳିଲେ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚନା କରେ। ସମାଜବିଜ୍ଞାନୀମାନେ ମତରେ ଉପଯୁକ୍ତ ସୁଯୋଗର ଅଭାବ ଓ ସମ୍ବଳର ଅସମାନ ବଣ୍ଟନ ପାଇଁ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚକ ହୁଅନ୍ତି। ସାମାଜିକ ବ୍ୟବସ୍ଥାରେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ମଧ୍ୟବିତ୍ତ ବର୍ଗ ପାଇଁ ଏକ ଚିନ୍ତା। ସମ୍ଭବତଃ ସେଥିପାଇଁ, ସଫଳତାକୁ ଏକ ସାଂରଚନିକ ସୁଯୋଗ ଭାବରେ ମଧ୍ୟବିତ୍ତ ଶ୍ରେଣୀ ଦେଖେ। ଆଜି ଭାରତର ଜନସଂଖ୍ୟାରେ ମଧ୍ୟବିତ୍ତ ବର୍ଗର ଅଂଶ ୩୧ ରୁ ୪୧% ମଧ୍ୟରେ ବୋଲି ଅନୁମାନ କରାଯାଉଛି। ନିଯୁକ୍ତି ଦୃଷ୍ଟିରୁ, ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀ ଆନୁଷ୍ଠାନିକ ଘରୋଇ କ୍ଷେତ୍ରରେ ଓ ଦରମାପ୍ରାପ୍ତ ଚାକିରିରେ କାମ କରନ୍ତି। ତେଣୁ ଘରୋଇ ଚାକିରିରେ ଅସୁରକ୍ଷା, ମୁଦ୍ରାସ୍ଫୀତି ଏବଂ ଶିକ୍ଷାରେ ବୃଦ୍ଧି ପାଉଥିବା ଖର୍ଚ୍ଚ ମଧ୍ୟବିତ୍ତ ପରିବାରର ଅନିଶ୍ଚିତତାର ଏକ ପ୍ରଧାନ କାରଣ। ଏହାବ୍ୟତୀତ ଗରିବଶ୍ରେଣୀକୁ ଖସିଯିବାର ଭୟ ମଧ୍ୟବିତ୍ତଙ୍କ ପାଇଁ ଏକ ନିରନ୍ତର ଚାପ।

ଆର୍ଥିକ ଅସୁରକ୍ଷା ଏବଂ ସାମାଜିକ ଉନ୍ନତି ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ସନ୍ତୁଳନ ରଖେ। ପୂର୍ବରୁ କୁହାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀ ନିଜ ପିଲାମାନଙ୍କ ଶିକ୍ଷା ଓ ନିଜସ୍ୱ ଘର କିଣିବାକୁ ପ୍ରାଥମିକତା ଦିଅନ୍ତି। ତେଣୁ ସେମାନେ ଯାହା ସଞ୍ଚୟ କିମ୍ବା ଆୟ କରନ୍ତି ସେଥିମଧ୍ୟରୁ କୋଡ଼ିଏ ପ୍ରତିଶତରୁ ଅଧିକ ପିଲାମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ କରନ୍ତି ବୋଲି କିଛି ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇ ଆର୍ଥିକ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀର ୭୭%ରୁ ଅଧିକ ସଞ୍ଚୟ ରିଅଲ ଇଷ୍ଟେଟରେ ନିବେଶ ହୋଇଛି। ଏହି ଦୁଇଟି ଅର୍ଥନୈତିକ ବ୍ୟୟର ଢାଞ୍ଚା ମଧ୍ୟବିତ୍ତ ବର୍ଗର ଅର୍ଥନୈତିକ ସ୍ଥିରତା ଏବଂ ସାମାଜିକ ସ୍ଥିତି ପାଇଁ ଥିବା ଅନ୍ୱେଷଣକୁ ପ୍ରତିଫଳିତ କରେ।

ମଧ୍ୟବିତ୍ତ ବର୍ଗ ଖର୍ଚ୍ଚର ଆଉ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପାର୍ଶ୍ୱ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି, ଘର କିମ୍ବା ପିଲାର ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ଏହି ଶ୍ରେଣୀ କିନ୍ତୁ ପର୍ବ କିମ୍ବା ବିବାହ ସମୟରେ ବହୁତ ଖର୍ଚ୍ଚ କରନ୍ତି। ଖର୍ଚ୍ଚ କାଟୁଥିବା ମଧ୍ୟବିତ୍ତ ପରିବାର ଅନ୍ୟପଟେ ଆକାଂକ୍ଷୀ ବ୍ୟବହାର ବା ଆକାଂକ୍ଷୀ ଖର୍ଚ୍ଚରେ ମଧ୍ୟ ଲିପ୍ତ। ଉଦାହରଣତଃ, ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ଦୁଇଚକିଆ ଯାନ, ସ୍ମାର୍ଟଫୋନ୍ ଓ ସୁନା ଉପରେ ଅସମାନୁପାତିକ। ନିଲସେନର ଏକ ଗ୍ରାହକ ସର୍ଭେ ଦର୍ଶାଉଛି ଯେ ବ୍ରାଣ୍ଡେଡ୍ କପଡ଼ା ଓ ସାମଗ୍ରୀର ଚାହିଦା ମଧ୍ୟ ଏହି ବର୍ଗରେ ବୃଦ୍ଧି ହେଉଛି। ଆର୍ଥିକ ସୀମାବଦ୍ଧତା ସତ୍ତ୍ୱେ ମଧ୍ୟବିତ୍ତ ପରିବାରର ବିବାହ ଓ ଯୌତୁକ ଖର୍ଚ୍ଚ କଥା ନ କହିଲେ ଭଲ। ଓଡ଼ିଶା ଓ ଉତ୍ତର ପ୍ରଦେଶର କେତେକ ଗବେଷଣାରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ପରିବାରଗୁଡ଼ିକ 'ସମ୍ମାନଜନକ ବିବାହ' ଆୟୋଜନ କରିବା ପାଇଁ ଋଣ ନେଉଛନ୍ତି କିମ୍ବା ସମ୍ପତ୍ତି ବନ୍ଧକ ରଖୁଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ମଧ୍ୟରେ ବ୍ୟକ୍ତିଗତ ଋଣ, ଇଏମ୍‌ଆଇ ଓ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଅନେକ ପେସାଦାର ଯୁବଙ୍କ ଦରମାର ଏକ ବଡ଼ ଅଂଶ ଋଣ ପ୍ରଦାନରେ ଯାଉଛି। ମୋଟ ଉପରେ, ମଧ୍ୟବିତ୍ତ ନିଯୁକ୍ତିପ୍ରାପ୍ତ ଯୁବ ବର୍ଗ 'ଆକାଂକ୍ଷା-ଋଣ ଫାଶ' ରେ କବଳିତ।

କଠିନ ପରିଶ୍ରମ, ଶିକ୍ଷା ଏବଂ ସମ୍ମାନକୁ ମୂଲ୍ୟ ଦେଉଥିବା ମଧ୍ୟବିତ୍ତ ଶ୍ରେଣୀ ସାର୍ବଜନୀନ ଭାବରେ ଦୁର୍ନୀତିକୁ ନିନ୍ଦା କରନ୍ତି। କିନ୍ତୁ ଅଭିଯୋଗ ଏହା ମଧ୍ୟ ହୁଏ ଯେ ବଞ୍ଚିବା, ସୁବିଧା ଏବଂ ଉନ୍ନତି ପାଇଁ ଦୁର୍ନୀତି ଜାଲରେ ଛନ୍ଦି ହୋଇଯାଇଛନ୍ତି ମଧ୍ୟବିତ୍ତ ବର୍ଗ। 'ଚୟନମୂଳକ ନୈତିକତା'ର ଦ୍ୱନ୍ଦ୍ୱରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀ ଗୋଟେପଟେ ରାଜନୀତି ଓ କର୍ପୋରେଟର 'ବଡ଼ ଦୁର୍ନୀତି'କୁ ନିନ୍ଦା କରୁଥିବା ବେଳେ ଅନ୍ୟପଟେ 'ଛୋଟ ଦୁର୍ନୀତି', ଯେପରିକି ସ୍କୁଲ ଓ କଲେଜରେ ନାମଲେଖା, ସରକାରୀ ଅଫିସ ଓ ପଞ୍ଜୀକରଣ କିମ୍ବା ସରକାରୀ ଚାକିରି ନିଯୁକ୍ତି ପାଇଁ ଲାଞ୍ଚ ଦେବାକୁ ସାଧାରଣ ଅଭ୍ୟାସ ଭାବେ ଗ୍ରହଣ କରନ୍ତି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଗ୍ଲୋବାଲ୍ କରପସନ୍ ବାରୋମିଟର' ଏକ ରିପୋର୍ଟ ଦର୍ଶାଇଛି ଯେ ବିକାଶଶୀଳ ଦେଶଗୁଡ଼ିକରେ ସର୍ବାଧିକ ଲାଞ୍ଚଦାତା ହେଉଛନ୍ତି ମଧ୍ୟବିତ୍ତଶ୍ରେଣୀ।

ସାର୍ବଜନୀନ ପ୍ରସଙ୍ଗରେ ନୀତିନିୟମକୁ ବଳି ଦେଉଥିବା ମଧ୍ୟବିତ୍ତମାନେ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ସତ୍ୟବାଦୀ, ନୈତିକତା ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତି। ଧନୀଙ୍କ ଭଳି ସମ୍ପତ୍ତି ଏବଂ ଗରିବଙ୍କ ଭଳି ସଂଘର୍ଷ ମଧ୍ୟରେ ଅବସ୍ଥିତ ମଧ୍ୟବିତ୍ତ ଶ୍ରେଣୀର ଏହା ହେଉଛି ଏକ ବୈଶିଷ୍ଟ୍ୟ। 'ପିୟୁ ରିସର୍ଚ୍ଚ ସେଣ୍ଟର'ର ସର୍ବେକ୍ଷଣ ଅନୁଯାୟୀ ଭାରତର ୭୨% ମଧ୍ୟବିତ୍ତ ଶ୍ରେଣୀ ବିଶ୍ୱାସ କରନ୍ତି ଯେ ସମାଜରେ ସମ୍ମାନ ପାଇବା ପାଇଁ 'ସତ୍ୟ ଓ ନୈତିକ ଭାବରେ ବଞ୍ଚିବା' ଅତ୍ୟନ୍ତ ଜରୁରୀ। ପିଲାମାନଙ୍କ ବ୍ୟକ୍ତିଗତ ଆଚରଣରେ ସଚ୍ଚୋଟତାକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। କିନ୍ତୁ କିଛି ସାମାଜିକ ଗବେଷଣାରେ ଉଲ୍ଲେଖ ଅଛି ଯେ ଘରେ ସତ କହିବାକୁ ପ୍ରୋତ୍ସାହନ ମିଳୁଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ଚାକିରି ସାକ୍ଷାତକାରରେ ସମ୍ପୂର୍ଣ୍ଣ ସତ କହିବାକୁ ମଧ୍ୟବିତ୍ତ ପରିବାର ବାରଣ କରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଏହିସବୁ ଆଲୋଚିତ ସମସ୍ୟା, ଦ୍ୱନ୍ଦ୍ୱ ଓ ସମାଧାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ସମାଧାନ ଭଳି। ଯେଉଁଠି 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' -ଉଠ, ଲଢ଼ ଓ ଯଶ ପ୍ରାପ୍ତି କର' ହେଉଛି ବଞ୍ଚିବାର ମନ୍ତ୍ର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ମନ୍ଥର ଜୀବନ

କନକଲତା ପରିଡ଼ା

ଓଡ଼ିଶାର ଅନ୍ୟତମ ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ଅନ୍ୟତମ ଅନନ୍ୟ ରଚନା 'ବେଗ ହିଁ ଉନ୍ନତିର ଲକ୍ଷଣ'ରେ ଶିଳ୍ପ ବିପ୍ଳବ ପରେ ବିଭିନ୍ନ ଯାନବାହନ ଓ ଯନ୍ତ୍ରପାତିର ବ୍ୟବହାର ଆମ କାର୍ଯ୍ୟ କରିବାର ବେଗବୃଦ୍ଧି କରିବାରୁ କ୍ରମେ ଆମେ କିପରି ଉନ୍ନତ ହେଲୁ ତାହାର ସୂଚନା ଦେଇଛନ୍ତି। ସେହି ସମୟରୁ ଆଜି ମଧ୍ୟରେ ଏସବୁ ବୃଦ୍ଧି ପାଇଛି ଅକଳ୍ପନୀୟ ଭାବେ। ଫଳରେ ଆମର ଜୀବନଶୈଳୀ ହୋଇ ପଡ଼ିଛି ଅତ୍ୟନ୍ତ ଚଞ୍ଚଳ। ଏହାର ଅର୍ଥ ହେଲା ଯେ ଆମେ ସଦାବେଳେ ଚାହୁଁଛୁ କୌଣସି କାମକୁ ଖୁବ୍ ଶୀଘ୍ର ଏବଂ ଯଥାର୍ଥ ଭାବେ ସମାପନ କରିବାକୁ। ସେଥିପାଇଁ ଆମେ ତହିଁରେ ଦେହ ଓ ମନକୁ ନିବିଡ଼ ଭାବେ ନିୟୋଜିତ କରି ରଖୁଛୁ। ଏପରିକି ଆମେ ଆହାର, ନିଦ୍ରା ଓ ବିଶ୍ରାମ ଭୁଲି ଦୀର୍ଘସମୟ ଧରି ସେଥିରେ ଲାଗିଯାଉଛୁ। ତେବେ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏହା ଏବେ ସୃଷ୍ଟି କରିବାରେ ଲାଗିଛି ନାନାଦି ସମସ୍ୟା।

ବୈଜ୍ଞାନିକମାନଙ୍କ ମତରେ ଏହା ଫଳରେ ଶାରୀରିକ ଓ ମାନସିକ ଚାପ ବୃଦ୍ଧି ପାଉଛି, ଯାହାକି ନାନାଦି ରୋଗର କାରଣ ହେଉଛି ଏବଂ କାର୍ଯ୍ୟପ୍ରତି ଆମର ଆଗ୍ରହ କ୍ଷୟ ହେବା ସହିତ ଚିନ୍ତା ଶକ୍ତିକୁ ମଧ୍ୟ ବ୍ୟାହତ କରୁଛି। ସେଥିପାଇଁ ଏବେ କୁହାଯାଉଛି ଜୀବନଧାରାକୁ ମନ୍ଥର ଓ ସୁସଂଗତ କରିବା ପାଇଁ। ଏକଥା ମନକୁ ଆସୁଛି ଆଉ ଜଣେ ମହାନ୍ ଇଂରାଜୀ କବି ହେନେରୀ ଡାଭିସ୍‌ଙ୍କ ସୁପ୍ରସିଦ୍ଧ କବିତା 'ହ୍ୱାଟ ଇଜ୍ ଦିସ୍ ଲାଇଫ୍ ଇଫ୍ ଫୁଲ୍ ଅଫ୍ କେୟାର୍'। ଏଥିରେ ସେ ପ୍ରଶ୍ନ କରିଛନ୍ତି ଯେ ବ୍ୟସ୍ତତାଭରା ଜୀବନ ଗୋଟିଏ କି ଜୀବନ, ଯଦି ତହିଁରେ ଗଛତଳେ ଟିକେ ଠିଆହୋଇ ଗୋରୁ ଓ ଛେଳି ମେଣ୍ଢା ଚରୁଥିବାର କିମ୍ବା ଜଙ୍ଗଲ ଦେଇ ଗଲା ବେଳେ ଗୁଣ୍ଡୁଚି ମୂଷା ଘାସ ଭିତରେ ତା' କୋଳିଟିଏ ଲୁଚାଇବାର କିମ୍ବା ନଦନଦୀର ପ୍ରବାହ ଅଥବା ଆକାଶରେ ବିଚ୍ଛୁରିତ ତାରକାମାଳ ଦେଖିବାକୁ ସମୟ ନ ଥାଏ? ପ୍ରକୃତରେ ଏବେ ବୈଜ୍ଞାନିକମାନେ ଏହାର ସତ୍ୟତା ସ୍ୱୀକାର କରୁଛନ୍ତି। ସେମାନେ କହୁଛନ୍ତି ଯେ ସବୁଦୃଷ୍ଟିରୁ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ମନ୍ଥର ଜୀବନ ହିଁ ଏକାନ୍ତ ଉପାଦେୟ। ଏହା ଦେଇଥାଏ ଶରୀର ଓ ମନକୁ ଆବଶ୍ୟକ ବିଶ୍ରାମ ମାଧ୍ୟମରେ ସୁସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ସୃଜନାତ୍ମକ ଚିନ୍ତା ପାଇଁ ଯଥେଷ୍ଟ ସମୟ।

ମନ୍ଥର ଜୀବନର ଅର୍ଥ ନୁହେଁ ଆଳସ୍ୟପରାୟଣତା ଏବଂ ଉତ୍ପାଦନ ହ୍ରାସ କରିବା। ବରଂ ଏହା ହେଉଛି ସୁସଂଗତ ଭାବେ କାର୍ଯ୍ୟ କରି ଉତ୍ପାଦର ପରିମାଣ ଅପେକ୍ଷା ତାହାର ମାନ ପ୍ରତି ସଚେତନ ରହିବା ଏବଂ କୌଣସି ମତେ ଲକ୍ଷ୍ୟଟିଏ ସାଧନ କରିଦେବା ଅପେକ୍ଷା ତାହା ସୁଚାରୁରୂପେ ସଂପାଦନ କରିବା। ପୁନଶ୍ଚ ତହିଁରୁ ଅଧିକ ଅର୍ଥପୂର୍ଣ୍ଣ ଅନୁଭୂତି ଅର୍ଜନ କରିବା। ଲୋକେ ଏବେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ବଢ଼ିବଢ଼ି ଚାଲିଥିବା ବ୍ୟସ୍ତତା, ଅବଶତା, ମାନସିକ ଚାପ ଓ ରୋଗ ବାହିତ ସଂପୃକ୍ତ ଚଞ୍ଚଳ ଜୀବନ ସହନୀୟ ନୁହେଁ କି ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ, ସବୁକାର୍ଯ୍ୟର ଅଗ୍ରାଧିକାର ନିର୍ଦ୍ଦିଷ୍ଟ ରୂପେ ମୂଲ୍ୟାୟନ କରି ତଦନୁଯାୟୀ ତାହା ମନଯୋଗ ସହକାରେ କରିବା ଉଚିତ। ଏହାଦ୍ୱାରା ଇଚ୍ଛା ମୁତାବକ ବଞ୍ଚିବା ଏବଂ ସନ୍ତୋଷଜନକ ତଥା ସାମଗ୍ରିକ ଭାବେ ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା।

ମନ୍ଥର ଜୀବନଧାରାକୁ କିପରି ଗ୍ରହଣ କରାଯାଇ ପାରିବ ସେସମ୍ପର୍କରେ କେତେକ ସୂଚନା ଦେଇଛନ୍ତି ଇଂଲଣ୍ଡର ମନୋବିଜ୍ଞାନୀମାନେ। ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଠାରେ ଅବତାରଣା କରାଯାଇପାରେ। ୧-କେଉଁ କେଉଁ କାର୍ଯ୍ୟ ତୁମକୁ ଆନନ୍ଦ ଦେଉଛି ଏବଂ ପରିପୂର୍ଣ୍ଣତା ଅନୁଭବ କରାଉଛି ତାହା ଚିହ୍ନଟ କର। ଯଥାସମ୍ଭବ କେବଳ ସେବର କାର୍ଯ୍ୟଗୁଡ଼ିକୁ ହାତକୁ ନେବାକୁ ଚେଷ୍ଟା କର। ୨- ମୋବାଇଲ, ଟିଭି କିମ୍ବା କମ୍ପ୍ୟୁଟର ନିକଟରେ ଅତ୍ୟଧିକ ସମୟ ନ ବିତାଇ ଏହାର ବ୍ୟବହାରକୁ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ରଖ। ଅନ୍ୟପକ୍ଷରେ, ବିବିଧ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ସମ୍ପର୍କ ପରିବର୍ଦ୍ଧନ, ବାସ୍ତବ ଦୁନିଆ ଓ ନୂତନ ଚିନ୍ତାଧାରାର ବିକାଶ ପାଇଁ ତାହାର ବିନିଯୋଗ କର। ୩- ଭୋଜନ, ପଠନ ଆଦି କାର୍ଯ୍ୟ ମନଧ୍ୟାନ ଦେଇ କର। ସେ ସମୟରେ ଅନ୍ୟ କିଛି ଚିନ୍ତା କରିନାହିଁ। ସେହିପରି ଯୋଗ, ବ୍ୟାୟାମ, ସଂପର୍କୀୟଙ୍କ ସହିତ ବାର୍ତ୍ତାଳାପ, ପ୍ରଭାତ କିମ୍ବା ସାନ୍ଧ୍ୟଭ୍ରମଣ ଆଦି ନିୟମିତ ଭାବେ କର। ୪- ତୁମ କାର୍ଯ୍ୟକଳାପକୁ ନିୟମିତ ଓ ଶୃଙ୍ଖଳିତ କର। ସର୍ବନିମ୍ନ ଆବଶ୍ୟକତା ଏବଂ ମନ୍ଥର ଜୀବନଧାରା ପରସ୍ପର ସହିତ ସଂପୃକ୍ତ। ଏଣୁ ଅଯଥା ଆବଶ୍ୟକତା କିମ୍ବା ଅଙ୍ଗୀକାରବଦ୍ଧତା ସୀମିତ କରିବା ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟକଳାପ ହ୍ରାସ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ସମୟ ବଞ୍ଚାଅ। ୫- ପ୍ରକୃତି କୋଳରେ ନିୟମିତ କିଛି ସମୟ ବିତାଅ। ତାହା ବଗିଚାରେ ବୁଲିବା ହେଉ, ସେଥିରେ ଥିବା ଗଛଲତାଙ୍କ ଯତ୍ନନେବା ହେଉ କିମ୍ବା ପାହାଡ଼ ପର୍ବତରେ ପରିଭ୍ରମଣ ହେଉ। ଏହାର ଦେହ ଓ ମନ ଉପରେ ବହୁ ସକାରାତ୍ମକ ପ୍ରଭାବ ରହିଛି। ୬- ଯେଉଁ କାର୍ଯ୍ୟଟି କରୁଛ, ତାହା ଯେପରି ତୁମର ଉପଭୋଗ୍ୟ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ। ୭- ବିଶ୍ରାମ ଓ ନିଦ୍ରା ସୁସ୍ଥ ଜୀବନ ପାଇଁ ଏକାନ୍ତ ଆବଶ୍ୟକ। ଏଣୁ ଏହା ନିୟମିତ ଯଥେଷ୍ଟ ସମୟ କର। ଏହାକୁ ଆଳସ୍ୟ ବୋଲି ମନେ କରି ଏଥିପାଇଁ ନିଜନକୁ ଦୋଷୀ ବୋଲି ଅନୁଭବ କରନାହିଁ।

ମନ୍ଥର ଜୀବନ ମାନସିକ ଚାପ ଓ ଦୁଶ୍ଚିନ୍ତା ଦୂରକରେ ଏବଂ ସହୃଦୟଶୀଳ ମନୋଭାବର ବିକାଶ ଘଟାଏ। ଏହା ସ୍ମରଣେ କରାଇଦିଏ ଯେ ଜୀବନ ଏକ ଘୋଡ଼ା ଦଉଡ଼ ନୁହେଁ। ବରଂ ମନକୁ ବିକଶିତ କରିବାର ଅନୁଭୂତିଟିଏ। ଏଣୁ ଅଧିକ ସରଳ ଓ ସଚେତନ ଜୀବନଚର୍ଯ୍ୟା ଆପଣାଇ ନେବା ଦ୍ୱାରା ତୁମେ ଦୈନନ୍ଦିନ ଜୀବନରେ ସୁଖ, ଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରିପାରିବ। ଅତଏବ ଏହାକୁ ଅନୁସରଣ କରିବା ଆମ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ୟେଶେ ସୋଗ୍ୟାଲ୍: ତିବ୍ବତୀୟ କିମ୍ବଦନ୍ତୀ କୁହେ ତିବ୍ବତର ଏକ ଉପତ୍ୟକା ଜଣେ ଜମିଦାର ବା ସର୍ଦ୍ଦାରଙ୍କର ଦୈବୀକୃପାରୁ ଗୋଟିଏ କନ୍ୟାରତ୍ନ ଲାଭ ହୋଇଥିଲା। ଶିଶୁ ଅବସ୍ଥାରେ ଏହି କନ୍ୟା ଅତ୍ୟନ୍ତ ବୁଦ୍ଧିମତୀ ଥିଲେ। ସମସ୍ତପ୍ରକାର ବିଦ୍ୟା ଓ ଶାସ୍ତ୍ରମାନ ଖୁବ୍ ସହଜରେ ଓ ସଙ୍ଗେସଙ୍ଗେ ଆୟତ୍ତ କରିଦେଉଥିଲେ। ଷୋହଳ ବର୍ଷ ବୟସରେ ସେ ତିବ୍ବତର ରାଜା ଖ୍ରୀ-ସ୍ରନ୍‌ଙ୍କର ରାଣୀ ହୋଇଗଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ତାଙ୍କ ଦ୍ୱାରା ଦୀକ୍ଷିତ ହୋଇ ଶିଷ୍ୟା ହୋଇଗଲେ। ୟେଶେଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଦୈବୀକୃପା ବିନା ଅସମ୍ଭବ ଥିଲା। ୟେଶେଙ୍କୁ ଡାକିନୀ ଅବତାର କୁହାଯାଏ। ଷୋହଳ ବର୍ଷ ବୟସରେ ହିଁ ସେ ଗୁରୁ ପଦ୍ମସମ୍ଭବଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ତଥା ଘନିଷ୍ଠ ଓ ବିଶ୍ୱାସୀ ଶିଷ୍ୟା ହୋଇ ଯାଇଥିଲେ। ପଦ୍ମସମ୍ଭବଙ୍କର ପାଞ୍ଚଜଣ ଶିଷ୍ୟାଙ୍କ ମଧ୍ୟରେ ୟେଶେ ହିଁ ମୁଖ୍ୟ ଥିଲେ। ସେ ଥିଲେ ପଦ୍ମସମ୍ଭବଙ୍କର ସହକର୍ମୀ, ବ୍ୟକ୍ତିଗତ ସଚିବ ଓ



ସହାୟିକା ଏବଂ ତାଙ୍କର ସମସ୍ତ ବ୍ୟାପାରର ପରିଚାଳିକା। ତାଙ୍କର ସ୍ମୃତିଶକ୍ତି ଏକ ଚମତ୍କାରିତାପୂର୍ଣ୍ଣ ଶକ୍ତିଭଳି କାମ କରୁଥିଲା। ସେ ଥରେ ଯାହା ଶୁଣି ଦେଉଥିଲେ ଚିରଦିନ ପାଇଁ ତାହାକୁ ମନେ ରଖି ଦେଉଥିଲେ। ପଦ୍ମସମ୍ଭବଙ୍କଠାରୁ କଥାଛଳରେ ସମସ୍ତ ତଥ୍ୟ ସଂଗ୍ରହ କରି ସେ 'ଗୁରୁଙ୍କ ଇତିହାସର ସୁବର୍ଣ୍ଣ ଜପମାଳା' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ତାହାକୁ ଲୁକ୍କାୟିତ ଭାବେ ନିରାପଦ ସ୍ଥାନରେ ରଖି ଯାଇଥିଲେ, ଯାହାକୁ ଗତ ପାଞ୍ଚ ଶହ ବର୍ଷ ପୂର୍ବେ ଆବିଷ୍କାର କରାଯାଇଛି।

ତିବ୍ବତରେ ବଜ୍ରଯାନ ହେଉଛି ମୁଖ୍ୟ ଧର୍ମ ଏବଂ ତାହାର ଧର୍ମଗ୍ରନ୍ଥମାନଙ୍କୁ ସମସ୍ତେ ପାଠକରି ଶିକ୍ଷାଲାଭ କରୁଥିଲେ। ମାତ୍ର ସମସ୍ତେ ମୁଖ୍ୟ ଭାବରେ ପରିଚାଳିତ ହେଉଥିଲେ ଗୁପ୍ତଶାସ୍ତ୍ରଗୁଡ଼ିକର ଫଳଦାୟିନୀ ଶକ୍ତି ଦ୍ୱାରା। ଏହି ଗୁପ୍ତଶାସ୍ତ୍ରଗୁଡ଼ିକର ମୁଖ୍ୟ ହେଲେ ଆଚାର୍ଯ୍ୟ ପଦ୍ମସମ୍ଭବ। ତାଙ୍କର ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ସେ ଧାର୍ମିକ ଦ୍ରବ୍ୟମାନ, ଶାସ୍ତ୍ରସବୁ, ବିଭିନ୍ନ ଧାର୍ମିକ ସଂପଦ, ବିଭିନ୍ନ ଅଲୌକିକ ଔଷଧୀୟ ଦ୍ରବ୍ୟ ତଥା ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ରମାନ। ଏସବୁକୁ ସେ ତିବ୍ବତ, ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିରାପଦ ସ୍ଥାନରେ ଗୁପ୍ତଭାବେ ଭବିଷ୍ୟତରେ ଶିଷ୍ୟମାନଙ୍କ ଆବଶ୍ୟକତା ଓ ବ୍ୟବହାର ପାଇଁ ୟେଶେ ସୋଗ୍ୟାଲଙ୍କ ସହାୟତା ତଥା ଜ୍ଞାତସାରରେ ଲୁକ୍କାୟିତ ଭାବେ ସାଇତି ରଖୁଥିଲେ।

ପଦ୍ମସମ୍ଭବଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାଣୀ, ଉପଦେଶ, ଶିକ୍ଷା ଓ ରହସ୍ୟମୟ ଗୁପ୍ତବିଦ୍ୟାସବୁ ଯାହା ୟେଶେଙ୍କୁ ଗୁରୁ କହୁଥିଲେ ବା ଅନ୍ୟଙ୍କୁ କହିବାର ଅଥବା ଶିକ୍ଷା ଦ୍ୱାରା ୟେଶେ ଜାଣୁଥିଲେ ସେସବୁକୁ ମଧ୍ୟ ଗୁପ୍ତ ଲିପି 'ଡାକିନୀ ଭାଷା'ରେ ଲିପିବଦ୍ଧ କରି ରଖୁଥିଲେ ଏବଂ ଏସବୁ ସହସ୍ର ସଂଖ୍ୟାରେ ପ୍ରସ୍ତୁତ କରି ଲୁକ୍କାୟିତ ଭାବେ ବିଭିନ୍ନ ସ୍ଥାନରେ ସାଇତି ରଖୁଥିଲେ ଅତ୍ୟନ୍ତ ନିରାପଦ ସ୍ଥାନମାନଙ୍କରେ। ୟେଶେଙ୍କର ଭାଇ ପାଲଗି, ଯେକି ଭାରତକୁ ଶିକ୍ଷା ଓ ତାଲିମ ପାଇଁ ତିବ୍ବତରୁ ପଦ୍ମସମ୍ଭବ ପଠାଇଥିବା ୧୦୮ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ, ଭାରତରୁ ଫେରିବା ପରେ ପଦ୍ମସମ୍ଭବ ତିବ୍ବତ ଓ ଅନ୍ୟ ଯେଉଁଆଡ଼େ ଯାଉଥିଲେ ତାଙ୍କ ସାଙ୍ଗରେ ଛାଇ ପରି ରହୁଥିଲେ। ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର 'ହୃଦୟର ସନ୍ତାନ' ଭାବେ ନିଜର ପରିଚୟ ହାସଲ କରିଥିଲେ। ଉଭୟ ୟେଶେ ଓ ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର ସବୁଠାରୁ ନିଜର ଥିଲେ ଏବଂ ତାଙ୍କର ସମସ୍ତ ବିଷୟ ବୁଝିବା ସହ ସମସ୍ତ ଗୋପନ ରହସ୍ୟ ମଧ୍ୟ ଜାଣି ପାରିଥିଲେ।

(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସୃଷ୍ଟି ହେଲା ଲଘୁଚାପ, ଜାଣିପାରିଲାନି ଆଇଏମ୍‌ଡି

ଭୁବନେଶ୍ୱର, ୨୨।୮ (ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଲଘୁଚାପ ସୃଷ୍ଟି ହୋଇଥିବା ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହା ପ୍ରଭାବରେ ସନ୍ଧ୍ୟା ସାଢ଼େ ୫ଟାରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡମୁହାଁ ହେବ ବୋଲି କେନ୍ଦ୍ର କହିଛି।

ଅନ୍ୟପଟେ ଏହି ଲଘୁଚାପ ସୃଷ୍ଟି ହେବା ପରେ ଆଇଏମ୍‌ଡିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବିଭାଗ ପକ୍ଷରୁ ଏହି ଲଘୁଚାପ ସୃଷ୍ଟି ନେଇ କୌଣସି ସୂଚନା ଦିଆଯାଇନଥିଲା। ସାଧାରଣତଃ ବଙ୍ଗୋପସାଗର କିମ୍ବା ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କୌଣସି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିଲେ, ପ୍ରାୟ ୫ଦିନ ପୂର୍ବରୁ ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ ଓ ସତର୍କ ସୂଚନା ଜାରି ହୋଇଥାଏ। ଯେମିତିକି, ଆସନ୍ତା ୨୫ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ୨ ଦିନ ହେବ ବିଭାଗ ପକ୍ଷରୁ ପୂର୍ବ ସୂଚନା ଜାରି କରାଯାଉଛି। ମାତ୍ର ଶୁକ୍ରବାର ସନ୍ଧ୍ୟାରେ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି ଦିଲ୍ଲୀ, କିମ୍ବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରା ନଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟରେ ଗଲା ଦୁଇତିନି ଦିନ ହେବ ବର୍ଷା ଜାରି ରହିଛି। ଅନେକ ସ୍ଥାନରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ହେଉଛି। ହେଲେ ଏହା ଯେ ପ୍ରାକ୍-ଲଘୁଚାପଜନିତ ବର୍ଷା ତାହା ଆଇଏମ୍‌ଡି ଆକଳନ କରିବାରେ ଫେଲ୍ ମାରିଛି। ଗତ ୩୬ଘଣ୍ଟା ମଧ୍ୟରେ ଝାରସୁଗୁଡ଼ାରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୭୮ମିମି, ହୀରାକୁଦରେ ୧୦୭ମିମି, ବୌଦ୍ଧରେ ୫୫ମିମି, ରାଉରକେଲାରେ ୬୦ମିମି, ଦେବଗଡ଼ରେ ୪୫ମିମି, ବରଗଡ଼ରେ ୩୮ମିମି, ସୋନପୁରରେ ୫୦ମିମି ଓ ତାଳଚେରରେ ୩୧ ମିମି ବର୍ଷା ରେକର୍ଡ ହୋଇଛି।

## ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ଜଣ କୃତକାର୍ଯ୍ୟ

କଟକ, ୨୨।୮ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷାରେ ମୋଟ ୮୦୬ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସସି ୱେବସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ ଯାଞ୍ଚ ସହ ପର୍ସୋନାଲଟି ଟେଷ୍ଟ ପାଇଁ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଓପିଏସସି ମୁଖ୍ୟ କାର୍ଯ୍ୟାଳୟକୁ ଡକାଯିବ। ଆସନ୍ତା ସେପ୍ଟେମ୍ବର ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ।

## ସେପ୍ଟେମ୍ବର ୧୦ରୁ ଭୁବନେଶ୍ୱର ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶ୍ୱର,୨୨।୮ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନ କରିବେ। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସଂପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବା ସହ ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା କରାଯିବ।

**ସତ୍ୟପାଠ**

ଖୋର୍ଦ୍ଧାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତାରିଖ ୩୦/୦୬/୨୫ ରେ ଶପଥ ନେଇଥିବା ଏକ ସତ୍ୟପାଠ ନମ୍ବର-୨୦୦୩ ଅନୁଯାୟୀ, ମୁଁ ଅରୁଣ ସୁନ୍ଦରାୟ, ପିତା – ଭାସ୍କର ସୁନ୍ଦରାୟ, ସା/ପୋ-ଗଡମାଣିତିର, ଥାନା-ବେଗୁନିଆ, ପିନ୍-୭୫୨୦୬୨ ନିବାସୀ ଅଟେ। ମୋର ଆଧାର ନମ୍ବର-୬୩୮୦୩୯୬୬୬୧୧୪। ମୁଁ ମୋର ନାବାଳକ ଝିଅର ନାମ ଅନନ୍ୟା ସୁନ୍ଦରାୟ (ପୁରୁଣା ନାମ) ରୁ ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ପରିବର୍ତ୍ତନ କରି ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ରଖିଛି। ତେଣୁ ଉଭୟ ନାମ ଆଦ୍ୟାସ୍ମିତା ସୁନ୍ଦରାୟ ଏବଂ ଅନନ୍ୟା ସୁନ୍ଦରାୟ ଜଣେ ଏବଂ ସମାନ ବ୍ୟକ୍ତି ଯିଏ ଭବିଷ୍ୟତର ସମସ୍ତ କାର୍ଯ୍ୟ ପାଇଁ ଆଦ୍ୟାସ୍ମିତା ସୁନ୍ଦରାୟ ନାମରେ ପରିଚିତ ହେବେ। **ଅରୁଣ ସୁନ୍ଦରାୟ**

**AFFIDAVIT**

I, Shahenaj Akhtar, W/o.: Sardar Saukat Alli, resident of Plot No71/7, Near Ranasinghpur MOO Bus Stop Jadupur, Po-Dumduma, Housing board colony, Bhubaneswar, Dist-Khorda, Odisha, Pin-751019, Aadhar Card Number - 861122780202, Declare by this Affidavit No. 284/2025, 21/08/2025 that onwards I shall be known as **Shahenaz Akhatar** for all future purpose.

**SALE**

MARUTI TOUR S, Model - 2023, Registration No-OD-34-S-0093, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

## ୨୯ ତାରିଖରେ ସରକାରୀ ଛୁଟି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ୨୯ ଅଗଷ୍ଟକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଚଳିତବର୍ଷ ୨୮ ତାରିଖ ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାର ପରଦିନ ଅର୍ଥାତ୍ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦିଓ ଛୁଟି ସମ୍ପର୍କରେ କୌଣସି ବିଶେଷ କାରଣ ଜଣାପଡ଼ିନାହିଁ, ମାତ୍ର ନୂଆଁଖାଇ ପରଦିନ ଦୂରଦୂରାନ୍ତରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯୋଗଦେବା ନେଇ ପଶ୍ଚିମ ଓଡ଼ିଶାବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସମ୍ଭବତଃ ୨୯କୁ ଛୁଟି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା, ୨୨।୮ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବୀରସିଂ ହାଁସଦା (୬୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତା ନାବାଳିକାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଏହି ରାୟ ଶୁଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କାର ପୂର୍ବତନ...

ଭାବେ ଗିରଫ ହୋଇଛନ୍ତି। ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଛି। କିନ୍ତୁ ବିକ୍ରମସିଙ୍ଘେ ସବୁ ଅଭିଯୋଗକୁ ଭିତ୍ତିହୀନ ଓ ଅମୂଳକ ବୋଲି କହିଛନ୍ତି। ତାଙ୍କ ପତ୍ନୀ ନିଜ ଖର୍ଚ୍ଚରେ ଲଣ୍ଡନ ଗସ୍ତ କରିଥିଲେ ଓ ସେ ଏଥିପାଇଁ କୌଣସି ସରକାରୀ ଅର୍ଥର ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୦ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ରାନିଲ ୬ ଥର ଭିନ୍ନ ଭିନ୍ନ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ ସେ ୨୩ଥର ବିଦେଶ ଯାତ୍ରା କରିଛନ୍ତି। ଏଥିପାଇଁ ସରକାରୀ ପାଣ୍ଠିରୁ ଦୁଇ ମିଲିଅନ ଡଲାର ଅର୍ଥାତ ୧୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ୨୦୨୨ରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ସରକାର ବେଫିକର...

କର୍ମଚାରୀମାନଙ୍କୁ ଭୟଭୀତ କରାଇ ଛୁଟି ବାତିଲ କରିବା, ଦରମା ବନ୍ଦ କରିବା ଓ କାର୍ଯ୍ୟାନୁଷ୍ଠାନ ଭଳି ଚେତାବନୀ ଦେଇଛନ୍ତି। ଯାହା କର୍ମଚାରୀମାନଙ୍କୁ ଦାବି ପୂରଣ ଜିଦ୍‌ରେ ଆହୁରି ଅଟଳ କରିଛି। ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାର ସଂଘକୁ ଧମକ ଦେବା ପରିବର୍ତ୍ତେ ଆଲୋଚନା ପାଇଁ ଡାକିବା ଉଚିତ। ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। ଯେଉଁମାନେ ସେବା ପାଉନାହାନ୍ତି ସେମାନେ ଲୋକ ଓ ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ମଧ୍ୟ ଲୋକ। ତେଣୁ ଘରର ମୁରବୀ ହିସାବରେ ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସଂଘକୁ ଆଲୋଚନା ପାଇଁ ଡାକି ଏହାର ସମାଧାନ କରିବା ଉଚିତ। ଲୋକମାନେ ହଇରାଣ ହୁଅନ୍ତୁ, ଏହା ସଂଘ କେବେ ଚାହିଁନାହିଁ। ତେଣୁ ଲୋକଙ୍କୁ ସେବା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଆମ ହାତରେ କୌଣସି କ୍ଷମତା ନାହିଁ। ସରକାର ରାଜସ୍ୱ ଅମଲାମନଙ୍କ ନ୍ୟାଯ୍ୟ ଦାବି ମାନି ନେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି ୧୦ ଦଫା ଦାବି ପୂରଣ ଲକ୍ଷ୍ୟରେ ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ପରେ ଜୁଲାଇ ୯ ତାରିଖ ଦିନ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଏକ ମାସ ବିତିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ସହ ଖୋଦ୍ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଏହାପରେ ସଂଘ ନିଜ ଜିଦ୍‌ରେ ଅଟଳ ରହିବା ସହ ୧୨ ଦିନ ହେବ ସମୂହ ଛୁଟି ଆନ୍ଦୋଳନକୁ ବଳବତ୍ତର ରଖିଛି।

### ବନ୍ଧ୍ୟାକରଣ କରି...

କୁକୁରଙ୍କୁ ସାର୍ବଜନୀନ ସ୍ଥାନରେ ଖାଇବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ଏ ନେଇ ଅଲଗା ସ୍ଥାନ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଦିଲ୍ଲୀ ସମେତ ସାରା ଦେଶରେ କାର୍ଯ୍ୟକାରୀ ହେବ। କୁକୁରଙ୍କୁ ହଟାଇବା ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଆସିଥିବା ବ୍ୟକ୍ତି ଏବଂ ଏନ୍‌ଜିଓଙ୍କୁ ଯଥାକ୍ରମେ ୨୫ ହଜାର ଏବଂ ୨ ଲକ୍ଷ ଟଙ୍କା ଲେଖାଏଁ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ଭିତରେ ଅର୍ଥ ଜମା କରିବାକୁ କହିଛନ୍ତି। ଯଦି ଏପରି ନ କରନ୍ତି ତେବେ ମାମଲା ଶୁଣାଣିରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ। ଗତ ୧୧ ତାରିଖର ନିର୍ଦ୍ଦେଶକୁ ବିରୋଧ କରି ଅନେକ କୁକୁର ପ୍ରେମୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ। ଏବେ ସବୁ କୋର୍ଟରେ ଦାଏର ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ବୁଲୁ କୁକୁରଙ୍କୁ ପୋଷ୍ୟ କରିବା ପାଇଁ କୁକୁର ପ୍ରେମୀ ପୌର ନିଗମ ନିକଟରେ ଆବେଦନ ଦାଏର କରିପାରିବେ। କିନ୍ତୁ ପୋଷ୍ୟ କରି କୁକୁରକୁ ବାହାରକୁ ଛାଡ଼ିପାରିବେ ନାହିଁ। ଜଷ୍ଟିସ ବିକ୍ରମନାଥ କହିଛନ୍ତି ଯେ ବୁଲା କୁକୁରଙ୍କୁ ନେଇ ଜାତୀୟସ୍ତରୀୟ ନୀତି ପ୍ରସ୍ତୁତ କରିବା ଜରୁରୀ। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ୮ ସପ୍ତାହ ପରେ ଅକ୍ଟୋବରରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଆଧାର କାର୍ଡକୁ...

ଭୋଟରଙ୍କୁ ସହାୟତା କରିବା ପାଇଁ ଦଳଗୁଡିକ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ରାଜନୈତିକ ଦଳଙ୍କ ନିଷ୍କ୍ରିୟତା ବିଚଳିତ କରିଦେଉଛି। ରାଜ୍ୟର ୧୨ ଦଳଙ୍କ ମଧ୍ୟରୁ ମାତ୍ର ତିନୋଟି କୋର୍ଟକୁ ଆସିଛନ୍ତି। ଦଳଗୁଡିକର ୧.୬ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟ (ବିଏଲଏ) ହେବା ସତ୍ତ୍ୱେ କେବଳ ଦୁଇଟି ଆପତ୍ତି ଆସିଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏତେ ବିଏଲଏ ନିଯୁକ୍ତି ସତ୍ତ୍ୱେ ସାଧାରଣ ନାଗରିକ ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଏତେ ଦୂରତା କାହିଁକି? ଲୋକଙ୍କୁ ସହାୟତା ପାଇଁ ଦଳଗୁଡିକ ଆଗକୁ ଆସିବା ଦରକାର ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ କୋର୍ଟ ଇସିଙ୍କୁ ଅନେକ ପ୍ରଶ୍ନ ପଚାରି ଥିଲେ। ରାଜ୍ୟର ୧୨ ମାନ୍ୟତା ପ୍ରାପ୍ତ ଦଳଙ୍କୁ ପକ୍ଷଭୁକ୍ତ କରିବାକୁ କହିଥିଲେ। ନାମ ହଟିଥିବା ଭୋଟରଙ୍କ ଆବେଦନ ଜମା କରିବା ପାଇଁ ବିଏଲଏଙ୍କୁ ରସିଦ ଦେବାକୁ କହିଥିଲେ।

### ନବୀନ ନିବାସରେ...

ଆଲୋଚନା କରିଛନ୍ତି। ଏହି ଅବସରରେ ଭି.କେ.ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି। ଗତ ଜୁନ୍ ମାସରେ ସର୍ଭିକାଲ ଆଥ୍ରାଇଟିସ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର କୋକିଲାବେନ୍ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରେମ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚିଥିଲେ ଓ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ନବୀନଙ୍କ ଚିକିତ୍ସା ପରେ ପ୍ରେମ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ରାଜ୍ୟବାସୀଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ନବୀନଙ୍କ ପ୍ରତି ରାଜ୍ୟବାସୀ ପ୍ରକଟ କରିଥିବା ଶ୍ରଦ୍ଧା ଓ ପ୍ରାର୍ଥନା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏବେ ଡ଼ିହାଇଡ୍ରେସନ ଜନିତ ଅସୁସ୍ଥତା ଖବର ପାଇ ପ୍ରେମ୍ ପଟ୍ଟନାୟକ ସାନଭାଇ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଆସିଥିବା କୁହାଯାଉଛି।

ସୁସ୍ଥ ହେବା ପରେ ନବୀନ ବର୍ତ୍ତମାନ ନବୀନ ନିବାସରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସେ ଡ଼ାକ୍ତରଖାନାରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଓ ବହୁ ବରିଷ୍ଠ ନେତାମାନେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ୫ ବର୍ଷରେ...

ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡ଼ିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗିକରଣ ପାଇଁ 'ପିଏମ୍ ଜନ ମନ ଯୋଜନା'ରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

### ସରକାରଙ୍କ ଗଳାରେ...

ଅନେକବାର ବନ୍ଦ, ଆନ୍ଦୋଳନ ପରେ ତତ୍‌କାଳୀନ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣି ଏନ୍‌ଏସି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ମଧ୍ୟ ଜଣାଇଥିଲେ। ହେଲେ ଏନ୍‌ଏସି ଖୁସି ଏବେ ମିଳାଇଯିବା ପରେ ପୁଣିଥରେ ସେମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ବର୍ତ୍ତମାନ ଯେଉଁ ଏନ୍‌ଏସି ରହିଛି, ସେଥି ମଧ୍ୟରୁ ୫ ଟି ଏନ୍‌ଏସିକୁ ମ୍ୟୁନସିପାଲଟିକୁ ଉନ୍ନୀତ କରାଯିବା ନେଇ ନବୀନ କରିଥିବା ଘୋଷଣା ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ।

ସମ୍ପ୍ରତି ଯେଉଁ ଆନ୍ଦୋଳନ ଦାନା ବାନ୍ଧୁଛି, ତାକୁ ଦଳମତ ନିର୍ବିଶେଷରେ ସହଯୋଗ ମିଳୁଛି। ଅନେକ ସଂଗଠନ ଏହି ଦାବିରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଜି ଜୟପାଟଣାରେ ବନ୍ଦ ଡାକରାକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ବିଜୁ ଜନତା ଦଳ ତରଫରୁ ଧାରଣା ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ଏନ୍‌ଏସି ଘୋଷଣା କହିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ତାକୁ ଅଣଦେଖା କରିଛନ୍ତି। ତେଣୁ ଏଠାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ସହ ଅଖ ଚକ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ କରି ଏହାକୁ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ସେହିପରି ବେଗୁନିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକୋରୀ, ବେସରକାରୀ କାର୍ଯ୍ୟାଳୟ ଏଠାରେ ବନ୍ଦ ରହିଛି। ଗତ ବିଜେଡି ସରକାର ଅମଳରେ ବେଗୁନିଆକୁ ଏନଏସି ମାନ୍ୟତା ମିଳିଥିଲା। ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଅଭିସନ୍ଧି ରଖି ଏହାକୁ କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି କରି ଚଣ୍ଡିଖୋଲ ଛକରେ ବଡ଼ଚଣା ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଛି।

**PRAKASH CHANDRA MAHAPATRA HIGHER SECONDARY SCHOOL**
SURADA-761108, GANJAM, ODISHA
**JOB RECRUITMENT**

Applications from desirous candidates with full Bio-Data and Xerox copies of certificates, having requisite qualification for the following posts with a Bank Draft of Rs. 200/- (Two Hundred only) in favour of Principal, PCM Women's H.S School, Surada (GM.) Payable at SBI, Surada. From 25.08.2025 to 01.09.2025 through Speed Post/Regd. Post / By Hand to office address. This post is purely contractual in nature and age must be as per govt. rule.

**1. Lecturer in Odia (One Post) -** (Having minimum qualification 55% at PG level).

**N.B – Shortlisted candidates will call for interview on Dtd. 03.09.2025**

Sd/- Principal Cum Secretary
PCM W.H.S.S Surada Gm.

C-953
**BHUBANESWAR MUNICIPAL CORPORATION**
Phone: 0674 - 2431253
Fax : 0674 – 2432895
E_mail : info@bmc.gov.in
Web : bmc.gov.in
No. 41548/Date 21.08.2025

ଭୁବନେଶ୍ୱର ମହାନଗର ନିଗମର ପକ୍ଷରୁ ସାଧାରଣ ସୂଚନା

ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ ଦ୍ୱାରା ଜଣାଇ ଦିଆ ଯାଉଛି ଯେ; ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲଫେଆର ଆସୋସିଏସନ୍ (RWA) ଓ ବେସରକାରି ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲି ଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ, ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ ହିତକର ପରିବେଶ ସୃଷ୍ଟି ହେବ। ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ-ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ। ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷ ରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି।

ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** C-951
No. 10222 Dated 21/08/2025
Bid Identification No.: MC/RMC/33/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/33/2025 for 15 nos. Civil work with value of Rs. 2.49 lakh to 42.72 lakh.
1. Bid documents will be available in website www.tendersorissa.gov.in from 22.08.2025.
2. Bids must be submitted on "online" on or before 06.09.2025 by 17.00 hours.
3. Bids shall be opened at 11.00 hours on 08.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

OIPR-13131/11/0162/2526
Municipal Commissioner,
Rourkela Municipal Corporation

**AFFIDAVIT**

By virtue of an affidavit no-1124 dtd 19.08.2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 14.08.2025 I, Sabita Bhue , Address At/Po-Bagmunda, Ps- Larambha, Dist- Balangir, Odisha, Pin-767025 declare that I have changed my name from Sabita Nag to Sabita Bhue. Henceforth, I shall be known as Sabita Bhue for all purposes.
**Sabita Bhue**

**AFFIDAVIT**

By virtue of an Affidavit before Notary Public, Malkangiri, I, **Mudha Kabasi,** aged about 70 years, S/o.: Late Deba Kabasi, resident of Village: Rauliguda, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1314/2025, Dated:21/08/2025 that I have changed my name from Kabasi Muda to **Mudha Kabasi**. Henceforth I shall be known as "**Mudha Kabasi**" for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.: ELOP-T-10-2025
**କାର୍ଯ୍ୟର ନାମ :** ପାଞ୍ଚ ବର୍ଷ ଅବଧି ନିମନ୍ତେ MEMU କାର୍ ସେଡ୍, ଖୋର୍ଦ୍ଧା ରୋଡ୍ ଠାରେ HYT/ପୁନେ ନିର୍ମିତ CNC ଅଣ୍ଡର ଫ୍ଲୋର ପିଟ୍ ହ୍ୱିଲ୍ ଲେଦ୍ (Lathe) ମେସିନ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**ବିଜ୍ଞାପିତ ମୂଲ୍ୟ :** ₹ 1,35,70,178/-, EMD : ₹ 2,17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 60 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.08.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.09.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-504/Q/25-26

**AFFIDAVIT**

By virtue of an affidavit before The Notary Public, Titilagarh, on dated- 19/08/2025. I, **Kamadhari Bagartti** (new name) formerly called as **Kanadhari Bagartti** (old name), S/o Bhagaban Bagartti, Permanent resident of At- Naren, P.O. Naren, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Kanadhari Bagartti** (old name) to **Kamadhari Bagartti** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kamadhari Bagartti** (new name).
**Kamadhari Bagartti**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 18/08/2025. I, **Keshab Ratei** (Applicant name), S/O- Jogi Ratei, Permanent resident of At- Burdipada (Bandupala), P.O. Desil, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Ispari Ratei** (old name) to **Iswari Ratei** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Iswari Ratei** (new name).
**Keshab Ratei**

**AFFIDAVIT**

I, SK Muktar Ali, aged about 58 years, S/o- Shaikh Khurshid Ali, resident of At- Biritol, PO- Rasulpur, Dist- Jagatsinghpur, PIN- 754104, Odisha declared by this affidavit No. 1672, dtd- 19/08/2025 that now onwards I shall be known as **SHAIKH MUKHTAR ALI** for all future purposes.

**AFFIDAVIT**

I, Subhashree Nayak, aged about 32 years, W/o- Dilip Kumar Nayak, resident of At- Rout Sahi, PO- Budheswar Colony, PS- Laxmisagar, Bhubaneswar, Dist- Khurda, PIN- 751006, Odisha declared by this affidavit No. 1671, dtd- 19/08/2025 that now onwards I shall be known as **SUBHASHREE MOHANTY** for all future purposes.

**AFFIDAVIT**

By virtue of an affidavit (CF No. 05) sworn before The Notary Public, Padampur, on dated- 18/08/2025. I, **Tejash Sahu,** S/o- Dillip Sahu, permanent & current resident of At- Padampur (Bijayanagar), PO- Rajborasambar, PS- Padampur, DIst- Bargarh, PIN- 768036, Odisha declare that I have changed my name from **Sonu Sahu** (old name) to **Tejash Sahu** (new name). Henceforth, I shall be known as **Tejash Sahu** (new name) for all future purposes.
**Tejash Sahu**

**AFFIDAVIT**

By virtue of an affidavit (CF No. 01) sworn before The Executive Magistrate, Padampur, on dated- 22/08/2025. I, **Tapa Barik,** W/o- Ballabh Barik, permanent & current resident of At- Ghesara, PO- Saplahar, PS- Jagadalpur, Dist- Bargarh, PIN- 768036, Odisha declare that I have changed my name from **Ballav Barik** (old name) to **Tapa Barik** (new name). Henceforth, I shall be known as **Tapa Barik** (new name) for all future purposes.
**Tapa Barik**

**AFFIDAVIT**

I, Alok Kumar Pachisia, S/o-Bal Krishna Pachisia, At-Godavari enclave, Biju Patnaik Chhak, Opposite Sarala Bhawan, PO -Tulasipur, Dist -Cuttack, Pin - 753008, Odisha, declare by this affidavit No -7322, dated- 20.02.2016, that now onwards I shall be known as **ALOK PACHISIA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dtd- 20/08/2025, affidavit No-11. My name and address is **Manoj Das** (Age 36 year), S/o- Tukuna Das, resident of At/Po: Gopalpur, Ps: Bhadreswar, Dist: Cuttack, Odisha the same name and adress is recorded in my Aadhar Card & Central Bank of India passbook A/c No: 3526613204 but my name and adress has been wrongly recorded as **Manoj Kumar Das**, At-Gangarampur, Po-Gunupur via-Jaria, Ps-Pattamundai, Dist-Kendrapada in my Postal SB Passbook A/c No: 6274871229. I declare that my self **Manoj Das,** At/Po-Gopalpur, PS-Bhadreswar, Dist-Cuttack and **Manoj Kumar Das,** At-Gangarampur, Po-Gunupur, Ps-Pattamundai, Dist-Kendrapada is one and same person for all purposes.

## ବ୍ରାଉନସୁଗର, ଦେଶୀମଦ ଜବତ; ୩ ଗିରଫ




ଜଗତସିଂହପୁର,୨୨।୮ (ସମିସ): ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଚୋରା ନିଶା କାରବାର ଆଡ୍ଡା ଉପରେ ଚଢ଼ଉ ଜାରି ରହିଛି। ଏହି କ୍ରମରେ ପାରାଦୀପଗଡ଼ ବିଦ୍ୟୁତ କାର୍ଯ୍ୟାଳୟ ନିକଟରୁ ୮୫ ଗ୍ରାମ ବ୍ରାଉନସୁଗର ଜବତ କରିଛି ପାରାଦୀପ ଅବକାରୀ ଥାନା। ଯାହାର ଆନୁମାନିକ ମୂଲ୍ୟ ୮,୫୦,୦୦୦ ଟଙ୍କା। ଏହି ଅଭିଯାନରେ ଶମ୍ଭୁ ବିଶ୍ୱାସ ଓ ଶଙ୍କର ବେହେରା ନାମକ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟଏକ ଘଟଣାରେ ଜଗତସିଂହପୁର ସଦର ଥାନା ପୁଲିସ ପଟେଣିଗାଁ ଅଞ୍ଚଳରୁ ୫.୬ ଲିଟର ଦେଶୀମଦ ସହିତ ଗୋଟିଏ ଦୁଇଚକିଆ ଯାନ ଜବତ କରିଛି। ଜଗତସିଂହପୁର ସଦର ଅବକାରୀ ଥାନା ଓ ଘଟଣାସ୍ଥଳରୁ ପ୍ରଭାତ ପାତ୍ର ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କ୍ଲଷ୍ଟରସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା



ଡେରାବିଶ, ୨୨।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ କୁସୁନୁପୁର ଉପମଣ୍ଡଳ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ବାଲିଆସ୍ଥ ବାବା ସନାତନ ବିଦ୍ୟାପୀଠରେ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁସୁନୁପୁର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା କୁସୁନୁପୁର ଜୋନ୍‌ର ସଭାପତି ଅନୀତା ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପମଣ୍ଡଳର ସମ୍ପାଦକ ସୁବ୍ରତ ଦାସ ଚଳିତ ବର୍ଷର କ୍ରୀଡ଼ା ବିବରଣୀ ପାଠ କରିଥିବାବେଳେ ବ୍ଲକ୍ କ୍ରୀଡ଼ା ସମ୍ପାଦକ ଶିକ୍ଷକ ମଧୁସୂଦନ ଦାଶ ସଭା ପରିଚାଳନା ସହ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଉପମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଉଚ୍ଚବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ୧୨୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼କୁଦ, ଯୋଗ, ଚେସ୍, ବ୍ୟାଡ଼ମିଣ୍ଟନ, ଭଲିବଲ୍, କବାଡ଼ି, ଖୋ-ଖୋ, କ୍ରିକେଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ସୀମାରାଣୀ ନାୟକ, ଧନଞ୍ଜୟ ଦାସ, ସୁଶ୍ରୀ ସଂଗୀତା ଜେନା, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ନିରଞ୍ଜନ ଦାସ, ବାନାମ୍ବର ଜେନା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

## ଦାନପୁର ଇଣ୍ଡିଆନ୍ ବ୍ୟାଙ୍କର ଗ୍ରାହକ ସେବା ଶିବିର



ଡେରାବିଶ,୨୨।୮ (ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁରସ୍ଥ ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିସରରେ ବ୍ୟାଙ୍କ ଗ୍ରାହକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଡାଲଟନ୍ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ବ୍ୟାଙ୍କ ଓ ଗ୍ରାହକ ଉଭୟଙ୍କ ଉନ୍ନତି ନିମନ୍ତେ ଶାଖା ପରିଚାଳକଙ୍କ ସହ ଗ୍ରାହକ ମତ ବିନିମୟ କରିଥିଲେ। ବୈଠକରେ ଗ୍ରାହକଙ୍କ ପକ୍ଷରୁ ଶାଖା ପରିଚାଳନା ପାଇଁ ଆବଶ୍ୟକ ହେଉଥିବା କର୍ମଚାରୀଙ୍କଠାରୁ ଢେର କମ୍ କର୍ମଚାରୀ ରହିଥିବା ଅଭିଯୋଗ କରିଥିଲେ। ଶାଖା ପରିଚାଳକ, ସହପରିଚାଳକ ଓ ଏକମାତ୍ର କର୍ମଚାରୀଙ୍କୁ ନେଇ ବ୍ୟାଙ୍କ ଚାଲୁଥିବା କାରଣରୁ ଗୋଟିଏ ଦିନରେ ଜମାଖାତା ଖୋଲି ପାସ୍‌ବୁକ୍ ଦିଆଯାଇପାରୁନାହିଁ, କେୱାଇସି ନିୟମିତ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା କେବଳ ବିଏସଏନଏଲ୍‌ର ନେଟ୍ ବ୍ୟବହାର କରାଯାଉଥିବାରୁ ବିଏସ୍ଏନ୍ଏଲ୍‌ର ସରଭର ଡାଉନ୍ କିମ୍ବା ଅନ୍ୟକୌଣସି ତ୍ରୁଟି ଘଟିଲେ ବ୍ୟାଙ୍କ ସେବା ଠପ୍ ହୋଇଯାଉଛି। ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଗ୍ରାହକ ଦାବି କରିଥିଲେ। ବରିଷ୍ଠ ନାଗରିକ ତଥା ବୃଦ୍ଧବୃଦ୍ଧାଙ୍କ ପାଇଁ ର୍ୟାମ୍ପୀ ବ୍ୟବସ୍ଥା ପାଇଁ ଗ୍ରାହକଙ୍କ ପକ୍ଷରୁ ଦାବି କରାଯାଇଥିଲା। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମାଞ୍ଚଳରେ ସେବା ଯୋଗାଇ ଆସୁଥିବା ଏହି ବ୍ୟାଙ୍କର ଉନ୍ନତି ପାଇଁ ବ୍ୟାଙ୍କର ଉଚ୍ଚପଦାଧିକାରୀଙ୍କୁ ଅବଗତ କରିବାକୁ ଶାଖା ପରିଚାଳକଙ୍କୁ ଅନୁରୋଧ କରାଯାଇଥିଲା। ଶାଖା ପରିଚାଳକ ଶ୍ରୀ ନାୟକ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶାଖା ସହପରିଚାଳକ ଅନୀଲ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାହକଙ୍କ ପକ୍ଷରୁ ଡକ୍ଟର ରାଜକିଶୋର ସ୍ୱାଇଁ, ବିଧୁପ୍ରସାଦ ପଣ୍ଡା, ଅଶୋକ ମହାପାତ୍ର, ବିଷ୍ଣୁପ୍ରସାଦ ରଥ, ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଡାକବଙ୍ଗଳା ଶୂନ୍ୟ ସହର ପଟ୍ଟାମୁଣ୍ଡାଇ

# ସରକାରଙ୍କ ନାହିଁ ଆନ୍ତରିକତା; ସାଧାରଣରେ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୨୨।୮ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ପଟ୍ଟାମୁଣ୍ଡାଇରେ କୌଣସି ଡାକବଙ୍ଗଳା ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପଟ୍ଟାମୁଣ୍ଡାଇରେ ପୁନଃ ଡାକବଙ୍ଗଳା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବାରୁ ଡାକବଙ୍ଗଳା ଶୂନ୍ୟ ହୋଇଛି ପଟ୍ଟାମୁଣ୍ଡାଇ ସହର। ତେବେ ବ୍ରିଟିଶ ଅମଳରୁ ବହୁ କିମ୍ବଦନ୍ତୀର ମୂକସାକ୍ଷୀ ପାଲଟିଥିବା ଅଳଭା 'ଓ' ବଙ୍ଗଳା ମାଟିରେ ମିଶିଲାଣି। ରକ୍ଷଣାବେକ୍ଷଣ ଅଭାବରୁ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା 'ଓ' ବଙ୍ଗଳା ଏବେ ନିଜର ସତ୍ତା ହଜେଇବାକୁ ବସିଛି। 'ଓ' ବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯିବା ପରେ ପଟ୍ଟାମୁଣ୍ଡାଇ ହୋଇଛି ଡାକବଙ୍ଗଳା ଶୂନ୍ୟ। ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହର କେନ୍ଦ୍ରସ୍ଥଳରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଉଚ୍ଛେଦ କରାଯାଇ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ମିଶାଇ ଦିଆଯାଇଛି। ଏଣେ ଅଳଭାଠାରେ ଥିବା ଜଳ ସମ୍ପଦ ବିଭାଗ 'ଓ' ବଙ୍ଗଳା ରକ୍ଷଣାବେକ୍ଷଣ ଅଭାବରୁ ଏକ ପ୍ରକାର ମାଟିରେ ମିଶିବାକୁ ବସିଛି। ପଟ୍ଟାମୁଣ୍ଡାଇରେ ନୂତନ ଡାକବଙ୍ଗଳା ନିର୍ମାଣ ପାଇଁ ସରକାରଙ୍କ ଆନ୍ତରିକତା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜନୈତିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରିଆସୁଥିବା ପଟ୍ଟାମୁଣ୍ଡାଇରେ ନୂତନ ଡାକବଙ୍ଗଳା ପ୍ରତିଷ୍ଠା ହୋଇ ନ ପାରିବା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି। ପୂର୍ବରୁ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଏହି ଅଞ୍ଚଳକୁ ଆସୁଥିବା ବିଭିନ୍ନ ପଦାଧିକାରୀଙ୍କୁ ଆତିଥ୍ୟ ଦେଇଆସୁଥିଲା। ଏହା ମଧ୍ୟ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଙ୍କ ପାଇଁ ବିନିଯୋଗ ହୋଇପାରୁଥିଲା। ତେବେ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଭାବେ ନିର୍ମାଣ ହୋଇଥିବା ମାତୃ ଓ ଶିଶୁ ସୌଧ ପାଇଁ ରାତ୍ରୀଯାପନ ପାଇଁ ପଟ୍ଟାମୁଣ୍ଡାଇରେ ଡାକବଙ୍ଗଳା ନ ଥିବାରୁ ବିଭିନ୍ନ ଘରୋଇ ମଣ୍ଡପ ଓ ଲଜରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବଜାରଠାରୁ ଦୂରରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ପାଶ୍ୱର୍ ପୌରପରିଷଦ ଅଧୀନସ୍ଥ ଅଳଭା ଗ୍ରାମ ନିକଟରେ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଅଳଭା 'ଓ' ବଙ୍ଗଳା ଦୀର୍ଘ ୨ ଦଶନ୍ଧି ଧରି ରକ୍ଷଣାବେକ୍ଷଣ ଅଭାବରୁ ଏବେ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଉଚ୍ଛେଦ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ମିଶାଇ ଦିଆଯାଇଛି। ତେବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଜାଗା ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଉଚ୍ଛେଦ ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। କିନ୍ତୁ ପୂର୍ତ୍ତ ବିଭାଗର ମନମାନୀ କାରଣରୁ ପଟ୍ଟାମୁଣ୍ଡାଇରେ ଆଉ ଡାକବଙ୍ଗଳା ପ୍ରତିଷ୍ଠା ହୋଇପାରିନାହିଁ। ପଟ୍ଟାମୁଣ୍ଡାଇ ଭିତରକନିକା ଜାତୀୟ ଉଦ୍ୟାନ ପ୍ରବେଶ ପଥରେ ଅବସ୍ଥିତ ହୋଇଥିବାରୁ ବହୁ ପର୍ଯ୍ୟଟକ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଏହା ଏବେ ମାଟିରେ ମିଶିବାକୁ ବସିଛି। ନିଛାଟିଆ ସ୍ଥାନରେ ବ୍ରିଟିଶ ଅମଳରୁ ପ୍ରତିଷ୍ଠା ହୋଇଥିବା 'ଓ' ବଙ୍ଗଳା ଜଳ ସମ୍ପଦ ଅଧୀନରେ ରହିଆସିଛି। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଏହାର ପୁନଃନିର୍ମାଣ ଓ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଛି। ଏହି 'ଓ' ବଙ୍ଗଳା ଅନେକ ସମୟରେ ରାଜନେତାଙ୍କ ଆମୋଦପ୍ରମୋଦ ସ୍ଥାନ ପାଲଟିଛି। ବହୁ ସମୟରେ ବିଭିନ୍ନ ରାଜନୈତିକ ଦଳ ଏଠାରେ ସଭା ଓ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି। ତେବେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଉଚ୍ଛେଦ ହେବା ପରେ ରାଜନେତା ଅନ୍ୟତ୍ର ବସାଉଠା କରିବା ଓ ନିଜ ନିଜର ଦଳୀୟ କାର୍ଯ୍ୟାଳୟ ଖୋଲିବା ପରେ 'ଓ' ବଙ୍ଗଳାକୁ କ୍ରମେ ଯାତାୟାତ ଠପ ହୋଇଯାଇଛି। ଏଠାରେ ନିଯୁକ୍ତ ରାତ୍ର ଜଗୁଆଳି ରହୁ ନ ଥିବାରୁ ଦୁର୍ବୃତ୍ତମାନେ କବାଟ, ଝରକା ତାଡି ନେଇଗଲେଣି। ରକ୍ଷଣାବେକ୍ଷଣ ଅଭାବରୁ ଲତାବୁଦାରେ ପରିପୂର୍ଣ୍ଣ ଏହି ବଙ୍ଗଳା ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ବହୁ କିମ୍ବଦନ୍ତୀ ବହନ କରୁଥିବା ଓ ପଟ୍ଟାମୁଣ୍ଡାଇର ଶେଷ ସନ୍ତକ 'ଓ' ବଙ୍ଗଳା ମାଟିରେ ମିଶିବାକୁ ଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗ ଏହି 'ଓ' ବଙ୍ଗଳାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ସହିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପଟ୍ଟାମୁଣ୍ଡାଇ ଚୂନଡିଅଠାରେ ପୁନର୍ବାର ନିର୍ମାଣ କରିବା ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ରାଜ୍ୟ ସରକାରଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

## ପରିବାର ଲୋକଙ୍କୁ ମାଡ଼ ମାରିବା ଅଭିଯୋଗରେ ଯୁବକ ଗିରଫ

କୁଜଙ୍ଗ,୨୨।୮ (ସମିସ): ନିଜ ପରିବାର ଲୋକଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଣେ ଜଣାଶୁଣା ଅଭିଯୁକ୍ତ ଗିରଫ ହୋଇଛି। ତାଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲୀ ଗ୍ରାମରେ। ତାଙ୍କ ନାମ ବିକ୍ରମ ପାଲ୍ ଓରଫ ଡନ୍ ବୋଲି ଜଣାପଡିଛି। ଡନଙ୍କ ବାପା ଧୁନଚନ୍ଦ୍ର ପାଲ ଲିଖିତ ଅଭିଯୋଗ ଆଣିଥିଲେ ଯେ, ସେ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ଲିପ୍ତ ରହିଥିବା ନେଇ ପୂର୍ବରୁ ଅନେକ ଥର ଜେଲ୍ ଦଣ୍ଡ କାଟିଛି। କିଛିଦିନ ପୂର୍ବେ ସେ ଜେଲ୍‌ରୁ ବାହାରିଥିବାବେଳେ ପୁନର୍ବାର ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛି। ଏମିତିକି ସେ ଗାଁ, ବଜାର ଓ ଘରେ ମଧ୍ୟ ଅଶାନ୍ତ ପରିବେଶ ସୃଷ୍ଟି କରୁଛି। ଗତକାଲି ତାଙ୍କ ପୁତୁରା ସଂଗ୍ରାମ ପାଲ୍ ଘର ପାଖରେ ଛିଡ଼ା ହୋଇଥିବାବେଳେ ସେ ୧୦ ହଜାର ଟଙ୍କା ମାଗିଥିଲା। ଏଥିରେ ସେ ଅରାଜି ହେବାରୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ଼ ମାରିଥିଲା। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଡନ୍‌କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବନ୍ଦର ସହରରେ ମଶା ଉପଦ୍ରବ

ପାରାଦୀପ, ୨୨।୮ (ସମିସ): ପାରାଦୀପ ପୌରାଞ୍ଚଳରେ ମଶାଙ୍କ ପାଦୁର୍ଭାବ ଲୋକଙ୍କୁ ଅତିଷ୍ଠ କରୁଛି। ମଶାଙ୍କ ଯନ୍ତ୍ରଣାରେ ଲୋକେ ଛଟପଟ ହେଉଛନ୍ତି। ଦିନବେଳେ ବିନା ମଶାରୀରେ ରହି ହେଉନି। ପୌରାଞ୍ଚଳ ଏକ ପ୍ରକାର ମଶାଙ୍କ କବଳକୁ ଚାଲି ଯାଇଛି। ମଶା ନିୟନ୍ତ୍ରଣ କଥା ପାରାଦୀପ ପୌର ପରିଷଦ ଭୁଲିଯାଇଥିବା ଭଳି ଲାଗୁଛି। କାହିଁକି ନାଁ ମଶାଙ୍କ ଉପଦ୍ରବ ସହରରେ ଏତେ ମାତ୍ରାରେ ରହିଛି ଯେ ଯେଉଁଠି ବସିଲେ କି ଠିଆ ହେଲେ ଘେରି ଯାଉଛନ୍ତି। କୌଣସି ପଦକ୍ଷେପ ନାହିଁ କି ପ୍ରତିକାର ବ୍ୟବସ୍ଥା ନାହିଁ। ପୌର ପରିଷଦର ବେପରୁଆ ମନୋଭାବ ଲୋକଙ୍କ ପାଇଁ କାଳ ହୋଇଛି। ଆବଶ୍ୟକ ମଶା ତେଲ ପଡୁ ନ ଥିବା ଓ ମଶା ଧୂଆଁ ଦିଆଯାଉ ନ ଥିବାରୁ ମଶା ବଂଶ ବିସ୍ତାର କରିଚାଲିଛନ୍ତି। ନିମ୍ନମାନର ମଶା ତେଲ ବ୍ୟବହାରକୁ ମଶା ଭ୍ରୁକ୍ଷେପ କରୁ ନ ଥିବା ଅଭିଯୋଗ ହୋଇଛି। ବସ୍ତି ଅଞ୍ଚଳରେ ଲୋକେ ଏବେ ମଶା ଦାଉରେ ରହି ପାରୁନାହାଁନ୍ତି। ସଫେଇ କାମରେ ସ୍ୱଚ୍ଛତା ଅଭାବରୁ ମଧ୍ୟ ମଶା ବଂଶ ବୃଦ୍ଧି ପାଉଛି। ସବୁଆଡେ କୁଡ଼ କୁଡ଼ ଅଳିଆ ପଡିଥିଲେ ମଧ୍ୟ ସଫେଇ ଦାୟିତ୍ୱରେ ଥିବା କର୍ମଚାରୀ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏପରିକି ଗୃହପାଳିତ ପଶୁଙ୍କୁ ରଖିବା ପାଇଁ ମଶାରୀ ଟାଙ୍ଗିବାକୁ ପଡୁଥିବା ଦେଖିବାକୁ ମିଳୁଛି। ପାରାଦୀପ ପୌର ପରିଷଦ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ବନ୍ଦର ଅଞ୍ଚଳର ରାସ୍ତା ପାଶ୍ୱର୍, କ୍ୱାର୍ଟର ପଛ ପାଶ୍ୱର୍ ଏବେ ପରିତ୍ୟକ୍ତ ଜଙ୍ଗଲରେ ପରିଣତ ହୋଇଛି। ଏହାବ୍ୟତୀତ ବହୁ କ୍ୱାଟର ଫାଙ୍କା ହେବା ଦ୍ୱାରା ଚଳପ୍ରଚଳ ନ ହେବାରୁ ମଶା ବଂଶ ବୃଦ୍ଧିର ଆଉଏକ କାରଣ କୁହାଯାଉଛି। ନୂଆବଜାର ଆଜବେସଟ୍ ବି-ଟାଇପ ଘର ବନ୍ଦର ପକ୍ଷରୁ ଅଧା ଭଙ୍ଗା ସାରିଥିବାବେଳେ ଅଧା ଘର ଭଗ୍ନ ଅବସ୍ଥାରେ ରହିଛି। ସେଠାରେ ଚଳପ୍ରଚଳ ହେଉଥିବା ଲୋକଙ୍କ ଦୁଃଖ କହିଲେ ନ ସରେ। ସେ ଅଞ୍ଚଳ ଏବେ ପରିତ୍ୟକ୍ତ ଜଙ୍ଗଲରେ ପରିଣତ ହେବାକୁ ବସିଲାଣି। ପୌର କର୍ମଚାରୀ କେବଳ ସପ୍ତାହକୁ ଟିକେ ଧୂଆଁ ଛାଡ଼ିବା ଓ ରାସ୍ତାଘାଟ ସଫେଇ ଆଦୌ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକ୍ ଭାବେ ଠିକା ସଂସ୍ଥା ଡ୍ରେନଗୁଡିକୁ ସଫା କରୁନାହାନ୍ତି। ତେବେ ପାରାଦୀପ ପୌର ପରିଷଦ ଏହି ମଶା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ସହରରେ ରହିଥିବା କ୍ୱାଟରରେ ବନ୍ଦର ପକ୍ଷରୁ ମଶାଙ୍କ ପାଇଁ ଜାଲି ଲଗାଯାଇଛି। କିନ୍ତୁ ନିକଟରେ ଥିବା ବସ୍ତି ଲୋକେ ମଶା ଦାଉରୁ କଲବଲ ହେଉଛନ୍ତି। ଏଥିପ୍ରତି ପୌର ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

## ଆଇଆରସିଟିସି ପକ୍ଷରୁ ଦେଶ ବିଦେଶ ଭ୍ରମଣ ଯୋଜନା

ପାରାଦୀପ, ୨୨।୮ (ସମିସ): ଭାରତ ସହିତ ଦେଶବିଦେଶ ଭ୍ରମଣ କରିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଆଣିଛି ଇଣ୍ଡିଆନ ରେଲୱେ କ୍ୟାଟରିଂ ଓ ଟୁରିଜମ କାର୍ପୋରେସନ ଲିମିଟେଡ଼ (ଆଇଆରସିଟିସି)। ଆଗାମୀ ପୂଜା ସିଜିନ ଓ ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ଆଇଆରସିଟିସି ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଏହି ପ୍ୟାକେଜରେ ଭାରତବର୍ଷର ବିଭିନ୍ନ କୋଣଅନୁକୋଣରେ ରହିଥିବା ବିଭିନ୍ନ ତୀର୍ଥସ୍ଥାନ ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିଯିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଅଣାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏଥିସହିତ ବିଦେଶରେ ରହିଥିବା ଥାଇଲାଣ୍ଡ, ଶ୍ରୀଲଙ୍କା ସହିତ ବିଭିନ୍ନ ବିଦେଶର ପର୍ଯ୍ୟଟନ ସ୍ଥଳୀ ବୁଲିବା ପାଇଁ ଆଇଆରସିଟିସି ପକ୍ଷରୁ ରେଳସେବା ଓ ବିମାନସେବା ସହିତ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଯାନବାହାନ ଦ୍ୱାରା ତିନି ଓ ଚାରି ତାରକା ହୋଟେଲରେ ଅବସ୍ଥାପିତ କରାଯିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହିତ ଗାଇଡ଼ଙ୍କ ଦ୍ୱାରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଅଣାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଖାଦ୍ୟ, ଗମନାଗମନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି କିପରି ଭ୍ରମଣରେ ଯାଉଥିବା ପର୍ଯ୍ୟଟକ ସୁରକ୍ଷିତ ଭାବେ ଦେଶ ବିଦେଶର ପର୍ଯ୍ୟଟନ ସ୍ଥଳୀ ବୁଲିବାର ଆନନ୍ଦ ନେଇ ପାରିବେ ଏ ନେଇ ଇଣ୍ଡିଆନ ରେଲୱେ ତରଫରୁ କରାଯାଇଛି ସମ୍ପୂର୍ଣ୍ଣ ବ୍ୟବସ୍ଥା। ଏଥିସହିତ ରହିବା ପାଇଁ ସ୍ୱତନ୍ତ୍ର ସୁବ୍ୟବସ୍ଥା କରାଯାଇଥିବାବେଳେ ଯଦି କୌଣସି ପର୍ଯ୍ୟଟନ ସ୍ଥଳୀରେ ଯଦି ପର୍ଯ୍ୟଟକଙ୍କର କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ଇଣ୍ଡିଆନ ରେଲୱେ ତରଫରୁ ସ୍ୱତନ୍ତ୍ର ଟ୍ରାଭେଲ ଇନସ୍ୟୁରାନ୍ସର ବ୍ୟବସ୍ଥା କରାଯାଇଥିବା ନେଇ ଆଇଆରସିଟିସି ତରଫରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।



ବିଗତ ଦିନରେ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ରାଜ୍ୟରେ ଆଇଆରସିଟିସି ପକ୍ଷରୁ ପ୍ରେସମିଟରେ ସୂଚନା ପ୍ରଦାନ କରାଯାଇଥିବାବେଳେ ବନ୍ଦରନଗରୀ ପାରାଦୀପରେ ପ୍ରଥମ ଥର ପାଇଁ ପାରାଦୀପ ପର୍ଯ୍ୟଟକଙ୍କ ନିମନ୍ତେ ସୂଚନା ପ୍ରଦାନ କରିଛନ୍ତି ଆଇଆରସିଟିସିର ଜଏଣ୍ଟ ଜେନେରାଲ ମ୍ୟାନେଜର କ୍ରାନ୍ତି ସାବରକର। ଭାରତବର୍ଷରେ ରହିଥିବା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସମେତ ଥାଇଲାଣ୍ଡର ବ୍ୟାଙ୍କକ, ପଟେୟା ସହିତ ଶ୍ରୀଲଙ୍କା ଓ ବିଭିନ୍ନ ସ୍ଥାନ ଭ୍ରମଣ ପାଇଁ ଆଇଆରସିଟିସି ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଥିବାବେଳେ ରେଳସେବା ହେଉ କିମ୍ବା ବିମାନ ସେବା ଦ୍ୱାରା ଭାରତର ଚାରିଧାମ ବୁଲିବା ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପାଇଁ ଭାରତୀୟ ରେଳସେବା ପକ୍ଷରୁ ଚାରିଦିନରୁ ଏଗାର ରାତି ଓ ପାଞ୍ଚଦିନରୁ ୧୨ ଦିନ ପର୍ଯ୍ୟନ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ଆଇଆରସିଟିସି ତରଫରୁ ବିଭିନ୍ନ ପ୍ରକାର ନିର୍ଦ୍ଦିଷ୍ଟ ରାଶି ସ୍ଥିର କରାଯାଇଛି।

## ବ୍ୟବସାୟୀଙ୍କ ପତ୍ନୀଙ୍କୁ ବଟି ମାଗିବା ଘଟଣାରେ ୨ ଗିରଫ

ପାରାଦୀପ, ୨୨।୮ (ସମିସ): ବ୍ୟବସାୟୀ ବୈଷ୍ଣବ ଚରଣ ନାୟକଙ୍କ ପତ୍ନୀଙ୍କୁ ବଟି ମାଗିବା ଘଟଣାରେ ଆଦର୍ଶ ଥାନା ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳ ବନ୍ଦରେଶ୍ୱରର ପ୍ରତ୍ୟୁଷ ସାମଲ (୨୦) ଓ ପାରାଦୀପଗଡ଼ ଅଞ୍ଚଳର ସୁଶାନ୍ତ ବେହେରା (୪୨)। ଦୁଇ ଯୁବକ ବ୍ୟବସାୟୀଙ୍କ ପତ୍ନୀଙ୍କ ଟେଲିଫୋନ ନମ୍ବରକୁ ବାରମ୍ବାର ଫୋନ କରି ୫ ଲକ୍ଷ ଟଙ୍କା ଦେବା ନେଇ ଧମକ ଦେଉଥିଲେ। ଶ୍ରୀମତୀ ନାୟକ ସେହି ନମ୍ବରକୁ କଳା ତାଲିକାଭୁକ୍ତ କଲେ ମଧ ବିଭିନ୍ନ ନମ୍ବରରୁ ଦୁର୍ବୃତ୍ତମାନେ ବାରମ୍ବାର ଫୋନ କରି ଅଶ୍ଳୀଳ ବ୍ୟବହାର କରିବା ସହ ଟଙ୍କା ମାଗୁଥିବାରୁ ସେ ଭୟଭୀତ ହେବା ସହ ଥାନାରେ ଅଭିଯୋଗ କରିଥିଲେ।

### ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନର ବେଖାତିର

# ଚିଠିର ମାସେ ପରେ ବି ହେଉନି ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ

ଜଗତସିଂହପୁର,୨୨।୮ (ସମିସ)

ଗତ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୫'। ଇତିମଧ୍ୟରେ ଉତ୍ସବ ସରିବାର ୪ ମାସରୁ ଅଧିକ ସମୟ ବିତିଯାଇଥିବାବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ, ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମୀକ୍ଷା ବୈଠକ ଡାକିବାକୁ ଗତ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଇତିମଧ୍ୟରେ ଏକମାସରୁ ଅଧିକ ସମୟ ବିତିଥିଲେ ମଧ କେବେ ଏହି ସମୀକ୍ଷା ବୈଠକ ହେବ ତାହା ଅସ୍ପଷ୍ଟ ରହିଛି। ଶାସକ ଦଳର ଜଣେ ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିବା ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଜେ.ସୋନାଲ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ନିରବତା ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟଧାରା ପ୍ରତି ସନ୍ଦେହ ସୃଷ୍ଟି କରୁଛି। ସମୀକ୍ଷା ବୈଠକ ଡକାଯାଉ ନ ଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗରେ ସତ୍ୟତା ରହିଥିବା ସାଧାରଣରେ ସନ୍ଦେହ ବଢିବା ସ୍ୱାଭାବିକ।

**ସନ୍ଦେହ ଘେରରେ ଜିଲ୍ଲା ସଂସ୍କୃତି ବିଭାଗ**

ଚଳିତ ବର୍ଷ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଓ ପ୍ରଶାସନିକ ଅଧିକାରୀଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍‌କମିଟିର ନିଷ୍ପତ୍ତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସେ ସମୟରେ ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍‌କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବାବେଳେ ଚଳିତବର୍ଷ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏପରିକି ଉତ୍ସବର ଶେଷ ପର୍ଯ୍ୟାୟରେ ଖୋଦ ଜିଲ୍ଲା ସଂସ୍କୃତି ବିଭାଗର ୨ ଜଣ କର୍ମଚାରୀ ମଦ୍ୟପାନ କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଥାନାରେ ଅଟକ ରହିବା ଭଳି ପୀଡ଼ାଦାୟକ ଘଟଣା ଘଟିଥିଲା। ସେହିପରି ଏହି ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକାରେ କେତେକ କମିଟି ସଦସ୍ୟଙ୍କ ନାମ ନ ଥିବା ଦେଖାଯାଇଥିଲା। କିନ୍ତୁ ଜିଲ୍ଲା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିବା ଓ ପୂର୍ବରୁ କୌଣସି କମିଟିରେ ସଦସ୍ୟ ନ ଥିବା ଜଣେ ବ୍ୟକ୍ତିଙ୍କ ନାମ କିପରି ସ୍ମରଣିକା ସବ୍‌କମିଟିରେ ସ୍ଥାନ ପାଇଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଚଳିତବର୍ଷ ଜିଲ୍ଲା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ଭିଭିଆଇପି ଓ ଭିଆଇପି ଯୋଗ ଦେଇଥିବାବେଳେ ଆଖିବୁଜା ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହାସତ୍ତ୍ୱେ ଜିଲ୍ଲା ଉତ୍ସବ ସେତେଟା ଆକର୍ଷଣୀୟ ହୋଇପାରି ନ ଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେଣୁ ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଆୟବ୍ୟୟ ବିବରଣୀ ସାର୍ବଜନୀନ କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

## ଟ୍ରେନ୍‌ରୁ ଖସିପଡ଼ି ଦୁଇଗୋଡ଼ ହରାଇଲେ ଓଡ଼ିଆ ଶ୍ରମିକ



ରାଜନଗର,୨୨।୮ (ସମିସ): ରାଜନଗର ବ୍ଲକ୍‌ରେ ଦାଦନ ଦୁଃଖ ବଢ଼ିବାରେ ଲାଗିଛି। କାମଧନ୍ଦା ଅଭାବରୁ ଯୁବକମାନେ ରାଜ୍ୟ ବାହାରକୁ ଯାଉଛନ୍ତି। ସେଠାରେ ନିର୍ଯାତିତ ହେଉଛନ୍ତି। ବାଙ୍ଗାଲୋରରେ ଦାଦନ ଖଟୁଥିବା ଯୁବକ ଲୋକାଲ ଟ୍ରେନ୍‌ରୁ ଖସିପଡି ଗୁରୁତର ଆହତ ହେବା ଓ ଡାକ୍ତରଖାନାରେ ତାଙ୍କର ଦୁଇ ଗୋଡ କଟାହେବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଛି। ରାଜନଗର ବ୍ଲକ୍ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡ଼ା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ (୩୦) ଦୁଇବର୍ଷ ତଳେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦୁଇଦିନ ତଳେ ଅରୁଣ କମ୍ପାନୀରୁ କାମ ସାରି ରହୁଥିବା ଭଡ଼ା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନ୍‌ରେ ଚଢ଼ିବା ସମୟରେ ପଡ଼ିଯାଇଥିଲେ। ଟ୍ରେନ୍ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା। ଅରୁଣଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କ ଦୁଇ ଗୋଡକୁ ଆଣ୍ଠୁଠାରୁ କାଟିବାକୁ ପଡିଥିଲା। ଅରୁଣଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ଦାଦନ ଖଟିଲେ ପରିବାର ଚଳେ। ଘରେ ତାଙ୍କର ବାପାମାଆ ଓ ପତ୍ନୀ ଅଛନ୍ତି। ତାଙ୍କ ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। କିନ୍ତୁ ଅରୁଣଙ୍କ ପରିବାର ଗରିବ ଦିନମଜୁରିଆ ହୋଇଥିବାରୁ ଅର୍ଥ ଯୋଗାଡ଼ କରିବା ସମ୍ଭବ ନୁହେଁ। ଯଦି କେହି ସହୃଦୟ ବ୍ୟକ୍ତି ଓ ସାମାଜିକ ସଂଗଠନ ସାହାଯ୍ୟ କରନ୍ତି, ତେବେ ଅରୁଣଙ୍କ ଉତ୍ତମ ଚିକିତ୍ସା ହୋଇପାରିବ ବୋଲି ତାଙ୍କ ପରିବାର ଅନୁରୋଧ କରିଛନ୍ତି।

# ହୃଦ୍‌ରୋଗ ପୀଡ଼ିତଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ, ୨୨।୮ (ସମିସ): କୁଜଙ୍ଗ ଥାନା ଅଧୀନ ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ସାନଗବପୁର ଗ୍ରାମର ହୃଦ୍‌ରୋଗରେ ପୀଡ଼ିତ ଆଶୁତୋଷ ସାହୁଙ୍କୁ ସହାୟତାର ହାତ ବଢ଼ାଇଛି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଂ ହ୍ୟାଣ୍ଡସ। ଆଶୁତୋଷ ଗତ କିଛିମାସ ଧରି ହୃଦ୍‌ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ବାପା ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପୁଅର ଚିକିତ୍ସା କରିବାକୁ ଅସମର୍ଥ। ଅର୍ଥ ଅଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଗଣମାଧ୍ୟମରେ ଏହି ଦୁଃଖଦ ଖବର ପ୍ରକାଶ ପାଇବା ପରେ ମା' ତାରିଣୀ ହେଲପିଂ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶକ୍ରମେ ଉପସଭାପତି ବିଜୟ ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ, ସମ୍ବିତ ଦାସ ଓ ରାଜେଶ ତରାଇ ପ୍ରମୁଖ ଆଶୁତୋଷଙ୍କ ବାସଭବନରେ ପହଞ୍ଚି ତାଙ୍କ ମା'ଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଂ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଆଶୁତୋଷଙ୍କ ପରିବାର କୃତଜ୍ଞତା ଜଣାଇଥିବାବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ସାରଳା ପାଠଚକ୍ରର ଆଲୋଚନାଚକ୍ର



ତିର୍ତ୍ତୋଲ, ୨୨।୮ (ସମିସ): ଆଦିକବି ସାରଳା ଦାସ ପୁରାଣ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଯାହା ତାଙ୍କ ରଚିତ ସାରଳା ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀନାରାୟଣୀ ବଚନିକା ଆଦି ଗ୍ରନ୍ଥରେ ଦୃଷ୍ଟିଗୋଚର ହୋଇଥାଏ। ସେ ତାଙ୍କ ରଚିତ ଗ୍ରନ୍ଥରେ ଯେଭଳି ତତ୍କାଳୀନ ସମୟର ସାମାଜିକ ଚାଲିଚଳନ, ରୀତିନୀତି, ସାମାଜିକ ବ୍ୟବସ୍ଥାକୁ ନିଖୁଣ ଭାବେ ଚିତ୍ରିତ କରିଛନ୍ତି, ତାହା ତାଙ୍କର ଅଗାଧ ପାଣ୍ଡିତ୍ୟର ପରିଚୟ ଦେଇଥାଏ ବୋଲି ତାଙ୍କ ଜନ୍ମମାଟି ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦା ଗ୍ରାମରେ ଥିବା ଆଦିକବି ସାରଳା ଦାସ ମିନି ଷ୍ଟାଡିୟମ ସଭାଗୃହରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସାରଳା ପାଠଚକ୍ରର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ତଥା ପରିଷଦର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି ଓ ସମ୍ମାନିତ ଅତିଥି ପରିଷଦର ଉପସଭାପତି ବିରଜା ପ୍ରସନ୍ନ ପରିଜା ଆଦିକବିଙ୍କ ପ୍ରଚାର ପ୍ରସାର ପ୍ରତି ସରକାର ସହାନୁଭୂତିଶୀଳ ହୁଅନ୍ତୁ ବୋଲି ମତ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଗାଳ୍ପିକ ବାଇଧର ନାୟକ ସାରଳା ମହାଭାରତ ପଠନ କଲେ ପରିବାରରେ ସମ୍ପର୍କ ସୁଦୃଢ଼ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଯୁବକବି ଆଶିଷ ପରିଜା, ଅବସରପ୍ରାପ୍ତ କୃଷି ଅଧିକାରୀ ରବୀନ୍ଦ୍ର ସିଂହ, ଶ୍ରଦ୍ଧାଞ୍ଜଳି ଦାସ, ନମିତା ସିଂହ, ପ୍ରଭାତ ପରିଜା, ସୁଶାନ୍ତ ପରିଜା ଓ ଦେବବ୍ରତ ବାରିକ ଯୋଗଦେଇ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ ଆଇନ ସାକ୍ଷରତା କାର୍ଯ୍ୟକ୍ରମ

ଜଗତସିଂହପୁର, ୨୨।୮ (ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପାଟେଣିଗାଁସ୍ଥ ବଟ ବିହାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସାକ୍ଷରତା କ୍ଲବ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇନ ସେବା ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ



ଆଲୋଚନା କରିବା ସହ ବିଦ୍ୟାଳୟରେ ଆଇନ ସାକ୍ଷରତା କ୍ଲବ କିପରି କାର୍ଯ୍ୟ କରିଥାଏ ଓ ବିଦ୍ୟାର୍ଥୀଙ୍କ ଜରିଆରେ ତୃଣମୂଳ ସ୍ତରରେ କିପରି ଆଇନ ସାକ୍ଷରତା ସୃଷ୍ଟି କରିହେବ, ଏ ବିଷୟରେ ଆଲୋଚନା କରିବା ସହ କର୍ମକ୍ଷେତ୍ରରେ ମହିଳାଙ୍କ ସହ ଘଟୁଥିବା ଯୌନ ନିର୍ଯାତନାକୁ କିପରି ରୋକାଯାଇପାରିବ, ସେ ନେଇ ସଚିବ ବିସ୍ତୃତ ଭାବେ ସଚେତନ କରାଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ

# 'ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ସମ୍ଭବ'

ଜଗତସିଂହପୁର, ୨୨।୮ (ସମିସ)




ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା ପରିଷଦର ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ସର୍ବନିମ୍ନ ସ୍ତରର ଲୋକଙ୍କ ବିକାଶ ହୋଇପାରିଲେ ହିଁ ଜିଲ୍ଲା ଓ ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିବ। ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଜନପ୍ରତିନିଧି ଓ ପ୍ରଶାସନ ସମନ୍ୱୟ ରକ୍ଷା କରି ପ୍ରଗତିମୂଳକ କାର୍ଯ୍ୟ କରି ଜିଲ୍ଲାକୁ ବିକାଶ ଦିଗରେ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସମସ୍ୟାକୁ ସଠିକ୍ ଭାବେ ପ୍ରଶାସନ ନିକଟରେ ପହଞ୍ଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ କଳର ସମନ୍ୱୟରେ ଜିଲ୍ଲାର ଅଗ୍ରଗତି ହେବ ବୋଲି କହିଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମଧ୍ୟ ଲୋକ ପ୍ରତିନିଧିଙ୍କ ଦ୍ୱାରା ଲୋକଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ସଠିକ୍ ଭାବେ ପହଞ୍ଚାଇ ବିଭାଗକୁ ତ୍ୱରାନ୍ୱିତ କରିପାରିଲେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବିଶେଷକରି ସ୍ୱାସ୍ଥ୍ୟ ସେବା, ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିବା ସହିତ ଏହାର ସମାଧାନ ପାଇଁ ପ୍ରଶାସନିକ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ। ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଲୋକପ୍ରତିନିଧି ସକାରାତ୍ମକ ଚିନ୍ତାଧାରା ସହ ପ୍ରଶାସନ ସହ ମିଶି କାମ କଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ। ଯୋଜନା ପ୍ରଣୟନ ଓ ଏହାର କାର୍ଯ୍ୟକାରିତା ସଠିକ୍ ଭାବେ ହୋଇପାରିଲେ ବିକାଶ ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ ସମସ୍ତଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ପରିଷଦ ସାଧାରଣ ବୈଠକର ବିଳମ୍ବ ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ସର୍ବସମ୍ମତି କ୍ରମେ ନିୟମିତ ବ୍ୟବଧାନରେ ବୈଠକ ଡାକିବା ପାଇଁ ନିଷ୍ପତ୍ତି ହୋଇଛି। ପରେ ବୈଠକରେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୌଳିକ ସୁବିଧା ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା। ଫିଜିଓଥେରପି ନିଯୁକ୍ତି, ରେଡ଼ିଓଲୋଜିଷ୍ଟ, ଆନାସ୍ଥେସିଆ ଡାକ୍ତର ନିଯୁକ୍ତି ବିଷୟରେ ଆଲୋଚନା କରାଯାଇଥିଲା। ଜଳସେଚନ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ନିୟମିତ ଭାବେ କେନାଲ ସଫେଇ, ଖନନ, ଜଳଯୋଗାଣ ଓ ଆବଣ୍ଟନ ବିଷୟରେ ଆଲୋଚନା ହୋଇଥିଲା। ଦେବୀ ତାଳଦା ଆଇ ଲ୍ୟାଣ୍ଡର ପ୍ରକଳ୍ପ ଉନ୍ନତିକରଣ, ହଁସୁଆକୁ ନଦୀର ମାନ୍ୟତା ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ହେଉଥିବା ପ୍ରାକୃତିକ ବିପର୍ଯ୍ୟୟରେ ଲୋକମାନେ କ୍ଷତିପୂରଣ ପାଇପାରିବେ। ଦେବୀ ନଦୀ ଶିଖର ଘାଟରେ ଇଣ୍ଟେରିମ୍ ଷ୍ଟୋରେଜ ସିଷ୍ଟମ ସ୍ଥାପନ ଦ୍ୱାରା ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ପ୍ରସ୍ତାବ ରଖିଥିଲେ ବାଲିକୁଦା-ଏରସମା ବିଧାୟକ। ସିଙ୍ଗିଟାଳିଠାରେ କଲଭର୍ଟ ନିର୍ମାଣ, ପାରାଦୀପଗଡ଼ ଜୋନ୍ ଓ କୁଜଙ୍ଗ ଜୋନ୍‌ର କିଛି ଗ୍ରାମ ଜଳନିଷ୍କାସନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି, ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ ଗୃହ ମରାମତି, ଆବଶ୍ୟକ ସ୍ଥଳେ ସମ୍ପୂର୍ଣ୍ଣ ଭାଙ୍ଗି ନୂତନ ଗୃହ ନିର୍ମାଣ ଓ ପରେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ସାର, ଖତ ଆଦି କ୍ରୟ ବିକ୍ରୟରେ ଜନପ୍ରତିନିଧି, ଚାଷୀ ଓ କୃଷିବିଭାଗ ମିଶି କାମ କରିବାକୁ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ କୃଷିମନ୍ତ୍ରୀଙ୍କ ଜରିଆରେ ଲୋକଙ୍କ ପାଖରେ ପହଞ୍ଚାଇବା, ଜିଲ୍ଲାରେ ମୃତ୍ତିକା ସର୍ବେକ୍ଷଣ କରାଯାଇ କେଉଁଠାରେ କେଉଁ ଚାଷ କରାଯିବ, ତାହାର ତାଲିକା ପ୍ରସ୍ତୁତ ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜଳସେଚନ ବିଭାଗ, ଉଠାଜଳସେଚନ ବିଭାଗ, ଡ୍ରେନେଜ୍ ବିଭାଗ, ମହାନଦୀ ଦକ୍ଷିଣ ବିଭାଜନ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାର ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ, ସାଧାରଣ ବଣ୍ଟନ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଛତୁଆର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପୂର୍ତ୍ତ, ଗୃହ ନିର୍ମାଣ ଓ ଗ୍ରାମ ଉନ୍ନୟନ ବିଭାଗ, ସମବାୟ ବିଭାଗ, ଶ୍ରମ, ବିଦ୍ୟୁତ୍, ଜଙ୍ଗଲ ବିଭାଗ, ଖଣିଜ ପଦାର୍ଥ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ପରିଷଦ ଉପସଭାପତି ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ବିଡିଓ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଲଣାହାଟ ଉଚ୍ଚବିଦ୍ୟାଳୟରେ ଜନପ୍ରିୟ ବିଜ୍ଞାନ ଆଲୋଚନାଚକ୍ର

ଜଗତସିଂହପୁର, ୨୨।୮ (ସମିସ): ଜିଲ୍ଲାର ଅନନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନ ଅଲଣାହାଟ ଉଚ୍ଚବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଜନପ୍ରିୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କୃତି ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠିତ ସମ୍ପାଦକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଓଡ଼ିଶାର କେତେଜଣ ବରିଷ୍ଠ ବିଜ୍ଞାନବିତ୍‌ଙ୍କ ଦ୍ୱାରା ୧୯୮୧ ଏପ୍ରିଲ୍ ପହିଲା ଦିନ ପ୍ରତିଷ୍ଠିତ ହୋଇଥିବା ଓଡ଼ିଶା ବିଜ୍ଞାନ ଏକାଡେମୀର ଆଭିମୁଖ୍ୟ ସାଙ୍ଗକୁ ଏହାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି ନିମନ୍ତେ ଯଶସ୍ୱୀ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟ ଓ ସେ ସମୟର ବରେଣ୍ୟ ବିଜ୍ଞାନ ଶିକ୍ଷକଙ୍କ ଉନ୍ନତ ଓ ଉଚ୍ଚକୋଟୀର ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ବଖାଣି ଥିଲେ।

ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ମିଖ୍ୟଅତିଥି ଓ ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଶ୍ନୋତ୍ତର, ସହଜ ଓ ସରଳ ପରୀକ୍ଷା ମାଧ୍ୟମରେ ବିଜ୍ଞାନର କଠିନ ତଥ୍ୟ ଓ ତତ୍ତ୍ୱକୁ ପିଲାଙ୍କ ନିକଟରେ ଉପସ୍ଥାପିତ କରି ସେମାନଙ୍କ ମନରେ ବିଜ୍ଞାନ ଶିକ୍ଷା ପ୍ରତି ବିଶେଷ ଆଗ୍ରହ ଓ ଉଦ୍ଦୀପନା ସୃଷ୍ଟି କରିବାରେ ସଫଳ ହୋଇଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଅତିଥିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଫଳଚାରା ରୋପଣ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ମାସିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ' ଉପସ୍ଥିତ ଥିବା ନବମ ଓ ଦଶମ ଶ୍ରେଣୀର ୨୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଅନ୍ୟତମ ବରିଷ୍ଠ ବିଜ୍ଞାନ ଶିକ୍ଷକ ଅମ୍ବିକାପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଡେମୀର କର୍ମଚାରୀ କୃଷ୍ଣଚନ୍ଦ୍ର ପ୍ରଧାନ, ସର୍ବେଶ୍ୱର କର ଓ ଚନ୍ଦ୍ରକାନ୍ତ ଜେନା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପଞ୍ଚମ ଦିନରେ ବାଲିକୁଦା କଲେଜ କାମ ବନ୍ଦ ଆନ୍ଦୋଳନ

ବାଲିକୁଦା, ୨୨।୮ (ସମିସ): ଜଗତସିଂହପୁର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ମହାବିଦ୍ୟାଳୟ ବାଲିକୁଦା କଲେଜ ପରିସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡକରାରେ ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦେବା ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସାରା ଓଡ଼ିଶାରେ ୧୮ ତାରିଖରୁ ଜାରି ରହିଛି। ସରକାରୀ ଅନୁଦାନ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ଘୋଷଣା କରିଛନ୍ତି। ଏଥିରେ ଚଗଲି ଚରଣ ସ୍ୱାଇଁ, ବସନ୍ତ କୁମାର ମହାନ୍ତି, ଦିଲ୍ଲୀପ କୁମାର ବିଶ୍ୱାଳ, ରୂପାଲିନ ମହାନ୍ତି, ସ୍ୱର୍ଣ୍ଣମୁଦ୍ରା ରାଉତ, ମିହିର କୁମାର ଚୌଧୁରୀ, ଅପରାଜିତା ମଲ୍ଲ, ଦେବକୀ ଦାସ, ତପନ କୁମାର ରାଉତ, ବୈକୁଣ୍ଠ ଦାସ, ତପନ ଦାସ, ସୂର୍ଯ୍ୟକାନ୍ତ ଦାସ, ଦେବାଶିଷ ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟରେ




ଉକ୍ତ ଆନ୍ଦୋଳନ ଆଜି ପଞ୍ଚମ ଦିନରେ ପହଞ୍ଚିଥିବା ଜଗତସିଂହପୁର ଜିଲ୍ଲା ସଂଯୋଜକ ଚଗଲି ଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଯେପର୍ଯ୍ୟନ୍ତ ଅନୁଦାନ ଦିଆ ନ ଯାଇଛି, ସେପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ବସନ୍ତ ମହାନ୍ତି ମତବ୍ୟକ୍ତ କରିଛନ୍ତି।

# ସନ୍ଧ୍ୟାରାଣୀ ଆବାସରୁ ବଞ୍ଚିତ

ତିର୍ତ୍ତୋଲ, ୨୨।୮ (ସମିସ): ସରକାର ଅନ୍ତୋଦୟ ଗୃହ ଯୋଜନାରେ ଗରିବ ଶ୍ରେଣୀର ଲୋକଙ୍କୁ ବାସଗୃହ ଯୋଗାଇ ଦେଉଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର



ବଡଜିଙ୍ଗଲ ଗ୍ରାମର ବିଧବା ମହିଳା ସନ୍ଧ୍ୟାରାଣୀ ଦାସୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସନ୍ଧ୍ୟାରାଣୀଙ୍କ ସ୍ୱାମୀ ୪ ବର୍ଷ ପୂର୍ବେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ବେସାହାରା ହୋଇଯାଇଥିବା ସନ୍ଧ୍ୟାରାଣୀ ଛୋଟ ପୁଅ ସହିତ ଏକ କୁଡ଼ିଆ ଘରେ ରହୁଛନ୍ତି। ବହୁ କଷ୍ଟରେ ପୁଅକୁ ବିଦ୍ୟାଳୟରେ ପାଠ ପଢ଼ାଇବା ସହ ପରିବାର ପ୍ରତିପୋଷଣ କରୁଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଗୃହ ପାଇବା ପାଇ ସେ ଆବେଦନ କରିଥିଲେ ମଧ୍ୟ ସେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତାଙ୍କୁ ଏହି ଯୋଜନାରେ ଗୃହ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# ସମାଜସେବୀଙ୍କ ପରଲୋକ



ତିର୍ତ୍ତୋଲ, ୨୨।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସମାଜସେବୀ ରମେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କନିଷ୍ଠ ପୁତ୍ର ଅଂଶୁମାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କଟରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅନ୍‌ଲାଇନ୍ ଠକେଇର ଶିକାର ଯୁବକ ଥାନାର ଦ୍ୱାରସ୍ଥ

ବାଲିକୁଦା, ୨୨।୮ (ସମିସ)



ବାଲିକୁଦା ବ୍ଲକର ଅନନ୍ତପୁର ଫାଣ୍ଡି ଓ ବନ୍ଦର ସାମୁଦ୍ରିକ ଥାନା ଅଞ୍ଚଳରେ ହିରଜ ଇଣ୍ଡିଆ ନାମକ ଏକ ଅନଲାଇନ ଆପ୍ ଦ୍ୱାରା ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ଠକେଇର ଶିକାର ହୋଇଥିବା ଶତାଧିକ ଯୁବକ ଓ ମହିଳା ଅନନ୍ତପୁର ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୫ ମାସ ପୂର୍ବେ ଅଞ୍ଚଳର ଅବଲ ମହାନ୍ତି ନାମକ ଜଣେ ବ୍ୟକ୍ତି ଯିଏକି କଟକରେ ଘରଭଡ଼ା ନେଇ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି, ସେ କଟକରୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଜରିଆରେ ଏହି ଆପ ଅଞ୍ଚଳରେ ପ୍ରବେଶ କରାଇବା ସହ ସେ ଗ୍ରାମରେ ଥିବା ପରିବାର ଓ ପଡୋଶୀଙ୍କୁ ସାମିଲ କରାଇଥିଲେ। ପରବର୍ତ୍ତୀ ସମୟରେ ଏହି ସଂସ୍ଥାରେ ୫୫୦୦ ଓ ୧୬୫୦୦ ଅର୍ଥ ନିବେଶ କରି ଦିନକୁ ୨୦୦ ଓ ୬୧୫ ଟଙ୍କା ଆୟ କରି ଲାଭବାନ ହୋଇଥିବା କାରଣରୁ ଅନ୍ୟମାନେ ମଧ୍ୟ ଆକର୍ଷିତ ହୋଇ ଏହି ଆପରେ ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକ ଏଥିରେ ଅର୍ଥ ନିବେଶ କରିଥିଲେ। ପରେ ଅତ୍ୟଧିକ ଲାଭ ଉଦ୍ଦେଶ୍ୟରେ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଉକ୍ତ ଠକ ସଂସ୍ଥା ଲୋଭନୀୟ ଅଫର ଯେପରି ଫ୍ରିଜ, କୁଲର, ଏୟାର ଫେୟାର, ଆପଲ ମୋବାଇଲ, କାର ଭଳି ପୁରସ୍କାର ରଖିବା ସହ ଜଣେ ଅନ୍ୟ ଜଣଙ୍କୁ ନିଜ ଆଇଡିରେ ସାମିଲ କଲେ ୧୦୫୦୦ ଭଳି ଅର୍ଥ ୱାଲେଟକୁ ଆସୁଥିଲା। ଯାହା ଏହି ଆପରେ ନିବେଶ କରିବା ପାଇଁ ଆକୃଷ୍ଟ କରିଥିଲା। ଫଳରେ ଅନେକ ମହିଳା ନିଜର ସୁଭଦ୍ରା ଟଙ୍କା ଓ ସୁଧକୁ ଆଣି ଏଥିରେ ଅର୍ଥ ବିନିଯୋଗ କରିଥିଲେ। ତେବେ ଗତ ଏକ ସପ୍ତାହ ତଳେ ଏହି ଆପରୁ ଟଙ୍କା ଉଠାଣ ପ୍ରକ୍ରିୟା ବନ୍ଦ ହୋଇଥିଲା। ଏପରିକି ଆପକୁ ମଡିଫାଏ କରାଯାଇ ସପ୍ତାହରେ ଥିବା ଥରେ ଉଠାଣ ପ୍ରକ୍ରିୟାକୁ ଦୈନିକ କରାଯିବ ବୋଲି ଲୋଭ ଦିଆଯାଇଥିଲା। ପରେ ଆପରେ ୫୫୦୦, ୧୬୫୦୦, ୪୯୦୦୦ ଟଙ୍କା ନିବେଶ କରିଥିବା ବ୍ୟକ୍ତି ୧୬୫୦, ୪୯୫୦, ୧୪୫୦୦ ଟଙ୍କା ନିବେଶ କଲେ ଦୈନିକ ୱାଲେଟରେ ଥିବା ଅର୍ଥ ଉଠାଣ କରିବେ ବୋଲି ମେସେଜ ଆସିଥିଲା। ଫଳରେ ଅନେକ ନିବେଶକାରୀ ଏହି ଅର୍ଥ ବିନିଯୋଗ କରିବା ପରେ ଉକ୍ତ ଆପକୁ ସଂସ୍ଥା ପକ୍ଷରୁ ଡିଲେଟ କରିଦିଆଯାଇଥିଲା। ଫଳରେ ଅଞ୍ଚଳରୁ ପ୍ରାୟ ୨୦ କୋଟିର ଅର୍ଥ ଠକେଇ ହୋଇଥିବା ଅଭିଯୋଗ କରିଛନ୍ତି ଶତାଧିକ ଯୁବକ ଓ ମହିଳା। ଏ ଅଭିଯୋଗ ଗ୍ରହଣ କରିବା ସହ ଫାଣ୍ଡି ଅଧିକାରୀ କହିଛନ୍ତି, ଅଭିଯୋଗ ସମ୍ପର୍କରେ ମୁଁ ବାଲିକୁଦା ଥାନା ଅଧିକାରୀଙ୍କୁ ଅବଗତ କରାଇବି।

# ବଡ଼କୋରକୋର ଗାଁ ରାସ୍ତା କାଦୁଅ ପଚ ପଚ

ରଘୁନାଥପୁର, ୨୨।୮ (ସମିସ): ସରକାର ଗଗନରଗମନର ସୁବିଧା ପାଇଁ ଗାଁରୁ ସହର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ପ୍ରଶାସନର ଅଣଦେଖା କାରଣରୁ ଏବେବି ବହୁ ଗାଁ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଏଭଳି ଚିତ୍ର ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଅଢେଇକୂଳ ପଞ୍ଚାୟତର ବଡ଼କୋରକୋର ଗ୍ରାମରେ ଦେଖିବାକୁ ମିଳିଛି। ବଡ଼କୋରକୋର ଗାଁ ରାସ୍ତାର ଉନ୍ନତିକରଣ ହୋଇନାହିଁ। ଛାତ୍ରଛାତ୍ରୀ ବିଦ୍ୟାଳୟକୁ କାଦୁଅ ପଚ ପଚ ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି।

ବଡ଼କୋରକୋର ଗ୍ରାମରେ ୧୯୫୮ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏକ ଚାଳଘରେ ଗଢି ଉଠିଥିଲା। ସେ ଚାଳଘର କୋଠା ଘରେ ପରିଣତ ହୋଇଥିବାବେଳେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଯାତାୟାତ ନିମନ୍ତେ ଢଳେଇ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଚପଲ ହାତରେ ଧରି ବିଦ୍ୟାଳୟକୁ ଯାଉଛନ୍ତି। ଏପରିକି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏହି ବିଦ୍ୟାଳୟରେ ହିଁ କୋମଳମତି ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ପଢ଼ିବାକୁ ଆସୁଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏହି କାଦୁଅ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରିବାକୁ ଅଢେଇକୂଳ ସରପଞ୍ଚ ରୀନା ସ୍ୱାଇଁ ଓ ସମିତିସଭ୍ୟା ମିତାଞ୍ଜଳି ପଣ୍ଡା, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୨୫ • ପାଉଣ୍ଡ ୧୧୭.୧
- ୟୁରୋ ୧୦୧.୭୪ • ୟେନ୍ ୦.୫୮

### ସୁନା, ରୂପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୧୫୦ (ଭୁବନେଶ୍ୱର)
- ରୁପା : ୧,୧୮,୪୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅନ୍‌ଲାଇନ୍ ଗେମିଂରେ ତାଲା; ବନ୍ଦ ହେଲା ଫାଣ୍ଟାସୀ ଗେମ୍ସ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):




ରିଅଲ୍ ମନି ଗେମିଂ ଅର୍ଥାତ୍ ଆରଜିଏମ୍‌କୁ ଡ୍ରଗ୍ସଠାରୁ ବି ଅଧିକ ହାନିକାରକ କୁହାଯାଉଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଏହାଦ୍ୱାରା ଦେଶରେ ଆତ୍ମହତ୍ୟା ବଢୁଛି ଓ ନିମ୍ନ ମଧ୍ୟବିତ୍ତ ପରିବାର ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ପ୍ରମୋସନ ଆଣ୍ଡ ରେଗୁଲେସନ୍ ଅଫ୍ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ଆସିବା ଭାରତର ରିଅଲ୍-ମନି ଗେମିଂ ଶିଳ୍ପରେ ହଇଚଇ ସୃଷ୍ଟି ହୋଇଛି। ବଡ଼ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକ ଟଙ୍କା ଲଗାଯାଉଥିବା ଖେଳଗୁଡ଼ିକୁ ବନ୍ଦ କରିଦେଇଛନ୍ତି । ତେବେ ଆପ୍ ଷ୍ଟୋର ଓ ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଏହି ଆପ୍‌ଗୁଡ଼ିକ ଉପଲବ୍ଧ। ଏହି ନୂଆ ବିଲ୍ ଆସିବା ପରେ ହଠାତ୍ ଏହି ଅନ୍‌ଲାଇନ୍ ଗେମିଂରେ ତାଲା ଲାଗିଯାଇଛି। ବନ୍ଦ ହୋଇଯାଇଛି ଫାଣ୍ଟାସି ଗେମ୍ସ। ଅନ୍‌ଲାଇନ୍ ଗେମିଂର ସବୁ ପ୍ଲାଟଫର୍ମଗୁଡିକ ନୂଆ ଜମା ଉପରେ ରୋକ୍ ଲଗାଇଛନ୍ତି। ଏଥିରେ କମ୍ପାନୀଗୁଡିକ ଜମାକାରୀଙ୍କୁ ସେମାନଙ୍କର ଟଙ୍କା ସୁରକ୍ଷିତ ଥିବା ଏବଂ ତାହା ଫେରସ୍ତ କରିବାର ଭରସା ଦେଇଛନ୍ତି।

ଏକ ଖବର ଅନୁଯାୟୀ, ଭାରତର ବଡ଼ ବଡ଼ ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଯେପରିକି ଡ୍ରିମ୍ ୧୧ର ମୂଳ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ, ଗେମ୍ସ କ୍ରାଫ୍ଟ,ମୋବାଇଲ ପ୍ରିମିୟର ଲିଗ(ଏମ୍‌ପିଏଲ) ,ଜୁପି ଏବଂ ପ୍ରୋବୋ ଭଳି କମ୍ପାନୀ ସେମାନଙ୍କ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ରିଅଲ ମନି ଗେମ୍‌ଗୁଡ଼ିକୁ ବନ୍ଦ କରିବା ଆରମ୍ଭ କରିଛନ୍ତି। ସଂସଦରେ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ଅନୁଯାୟୀ, ଏବେ ଯେ କୌଣସି ଖେଳ ଯେଉଁଥିରେ ଖେଳାଳି ଟଙ୍କା ଜମା କରନ୍ତି ଏବଂ ଜିତିବାକୁ ଆଶା କରନ୍ତି ତାହାକୁ ବେଆଇନ ବୋଲି ବିବେଚନା କରାଯିବ। ଡ୍ରିମ୍ ସ୍ପୋର୍ଟସ୍ ଏହାର ନୂତନ ଆପ୍ସ ଡ୍ରିମ୍ ପିକ୍ସ ଏବଂ ଡ୍ରିମ୍ ପ୍ଲେରେ ଚାଲୁଥିବା ସମସ୍ତ ପେ ଟୁ ପ୍ଲେ ପ୍ରତିଯୋଗିତାକୁ ବନ୍ଦ କରିଦେଇଛି। କମ୍ପାନୀ କହିଛି ଯେ ସମସ୍ତ ଖେଳାଳିଙ୍କ ଟଙ୍କା ସୁରକ୍ଷିତ ଅଛି ଏବଂ ଯେକୌଣସି ସମୟରେ ଡ୍ରିମ୍ ୧୧ ଆପ୍ ରୁ ଉଠାଯାଇପାରିବ। ଆଗାମୀ ସମୟରେ, ଡ୍ରିମ୍ ୧୧ ର ମୁଖ୍ୟ ଆପ୍ ଉପରେ ମଧ୍ୟ ଏହି ପ୍ରତିବନ୍ଧକ ଲଗାଯାଇପାରେ। ଜଣାପଡିଛି ଯେ ଆର୍ଥିକବର୍ଷ ୨୩ ରେ କମ୍ପାନୀ ୧୮୮ କୋଟି ଟଙ୍କା ଲାଭ ଏବଂ ୬,୩୮୪ କୋଟି ଟଙ୍କା ରାଜସ୍ୱ ପଞ୍ଜୀକୃତ କରିଥିଲା।

- ସବୁ ପ୍ଲାଟଫର୍ମ ନୂଆ ଜମା ଉପରେ ଲଗାଇଲେ ରୋକ୍
- ଟଙ୍କା ସୁରକ୍ଷିତ, ଫେରସ୍ତର ଭରସା ଦେଲେ କମ୍ପାନୀ
- ଆପ୍ ଷ୍ଟୋର, ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଗେମିଂ ଆପ୍ ଉପଲବ୍ଧ

ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ଲାଟ୍‌ଫର୍ମରେ ନିଜ ନିଜ ୱେବସାଇଟ୍‌ରେ ୟୁଜର୍ସଙ୍କ ପାଇଁ ବାର୍ତ୍ତ ଦେଇଛନ୍ତି । ସଂସ୍ଥାଗୁଡିକ ୱେବ୍‌ସାଇଟ୍‌ରେ ଲେଖିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ପରେ ଏବେ କାରବାର ବନ୍ଦ କରିବାକୁ ପଡୁଛି। ତେବେ କମ୍ପାନିଗୁଡିକ ୟୁଜର୍ସମାନଙ୍କୁ ସେମାନଙ୍କ ଟଙ୍କା ସୁରକ୍ଷିତ ଥିବା ଓ ଫେରସ୍ତ କରାଯିବ ବୋଲି ଭରସା ଦେଇଛନ୍ତି। ନୂଆ ଆଇନରେ ସ୍ପଷ୍ଟ କରାଯାଇଛି ଯେ କୌଣସି ପ୍ରକାର ରିୟଲ୍-ମନି ଗେମ୍‌ର ପ୍ରମୋସନ କିମ୍ବା ଟ୍ରାଞ୍ଜେକ୍ସନ ପାଇଁ ଏବେ ଅନୁମତି ଦିଆଯିବନାହିଁ । ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କ ବିରୋଧରେ କଠୋର ଆକ୍ସନ ନିଆଯିବ। ଏପରି କମ୍ପାନୀ ଉପରେ ଏକ କୋଟି ଟଙ୍କାର ଜରିମାନା ଓ ୩ ବର୍ଷ ଯାଏ ଜେଲ୍ ମଧ୍ୟ ହୋଇପାରେ। ଅନ୍ୟପଟେ ପ୍ରମୋଟର୍ସଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା ଓ ୨ବର୍ଷ ଯାଏ ଜେଲ୍ ଦଣ୍ଡ ପ୍ରାବଧାନ କରାଯାଇଛି। ସରକାର ଏହା ବି କହିଛନ୍ତି ଯେ ଇ-ସ୍ପୋର୍ଟ୍ସ ଓ ସୋସିଆଲ୍ ଗେମ୍ସକୁ ପ୍ରୋମୋଟ୍ କରାଯିବ। ଏଥିପାଇଁ ନ୍ୟାସନାଲ୍ ଗେମିଂ କମିଶନ ଗଠନ କରାଯିବ।

# ଅନ୍‌ଲାଇନ୍ ଗେମିଂ ବିଧେୟକ ଆଇନରେ ପରିଣତ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପାଇବା ପରେ, ଅନଲାଇନ୍ ଗେମିଂ ବିଧେୟକ ଏବେ ଏକ ଆଇନରେ ପରିଣତ ହୋଇଛି। ଏବେ ରିଅଲ ମନି ଖେଳ ଉପରେ ପ୍ରତିବନ୍ଧକ ଲାଗିଯିବ। ସଂସଦରେ ଗୃହୀତ ହେବାର ଗୋଟିଏ ଦିନ ପରେ, ଅନଲାଇନ୍ ଗେମିଂ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଏବେ ଏହା ଏକ ଆଇନରେ ପରିଣତ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର କାର୍ଯ୍ୟକାରୀ ତାରିଖ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରାଯିବ। ଏହି ଆଇନ ଅନୁଯାୟୀ, ସମସ୍ତ ପ୍ରକାରର ଟଙ୍କା ଖେଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ, ଯେତେବେଳେ କି ସରକାର ଇ-କ୍ରୀଡା ଏବଂ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବେ। କେନ୍ଦ୍ର ସରକାର କହିଛନ୍ତି ଯେ ଅନଲାଇନ୍ ଟଙ୍କା ଖେଳ ଆଜି ଏକ ଗମ୍ଭୀର ସାମାଜିକ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଏଗୁଡ଼ିକ କେବଳ ଯୁବପିଢ଼ିଙ୍କ ମଧ୍ୟରେ ନିଶା ଏବଂ ଆର୍ଥିକ ନଷ୍ଟ ବୃଦ୍ଧି କରିନାହିଁ, ବରଂ ସମାଜ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନଲାଇନ୍ ଟଙ୍କା ଖେଳ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ପାଲଟିଛି। ପରିବାରର ସଞ୍ଚୟ ନଷ୍ଟ ହେଉଛି, ଅନେକ ଯୁବକ ମାନସିକ ବିକାର, ହିଂସାତ୍ମକ ଆଚରଣ ଏବଂ ବାଧ୍ୟତାମୂଳକ ଗେମିଂ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନିଶା ଦ୍ୱାରା ୪୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ଏଥିରେ ୨୦,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ବୋଲି ଆକଳନ କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି- ଏହା କେବଳ ନିଶା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ମନି ଲଣ୍ଡରିଂ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଣର ମାମଲା ମଧ୍ୟ ସାମ୍ନାକୁ ଆସିଛି। ସଂସଦରେ ବିଲ୍ ପାସ୍ ହେବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହି ଆଇନ ସମାଜକୁ ଅନଲାଇନ୍ ମନି ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ। ଏହା ଭାରତକୁ ଇ-କ୍ରୀଡା, ନବସୃଜନ ଏବଂ ସୃଜନଶୀଳତାର ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବାରେ ମଧ୍ୟ ସାହାଯ୍ୟ କରିବ। ମୋଦି କହିଥିଲେ, ସରକାର ଚାହାଁନ୍ତି ଯେ ଭାରତରେ ଗେମ୍ ବିକାଶ ଶିଳ୍ପକୁ ପ୍ରୋତ୍ସାହିତ କରାଯାଉ ଏବଂ ଯୁବପିଢ଼ିଙ୍କ ସୃଜନଶୀଳତାକୁ ଠିକ୍ ଦିଗରେ ବ୍ୟବହାର କରାଯାଉ।

**ବିଲ୍‌କୁ ରାଷ୍ଟ୍ରପତି ଦେଲେ ମଞ୍ଜୁରୀ**

# ଅଗଷ୍ଟ ୨୭ରେ 'ଭାରତ ପ୍ରତିଭା' ସମ୍ମାନ

କଟକ, ୨୨।୮ (ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି। ବାରଙ୍ଗ ରାମଦାସପୁରସ୍ଥିତ ଭାରତ ମସଲା ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାମାନଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ। ୧୯୭୧ରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରାଯିବ। ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ', ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ 'କଥା ଭାରତ', ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି ।ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଚି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତିଭାଧାରୀ ମାନଙ୍କୁ ନଗଦ ଅର୍ଥ ରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆରଓ ଆଶିସ ମଣ୍ଡନ ପ୍ରମୁଖ ସହଯୋଗ କରିଥିଲେ ।




- ୨୬ ବର୍ଷରେ ଭାରତ ମସଲା
- କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ 'ଭାରତ ଗୌରବ' ସମ୍ମାନ

# ଟ୍ରମ୍ପ ଶୁଳ୍କକୁ ଚ୍ୟାଲେଞ୍ଜ
# ମଜଭୁତ ହେଉଛି ଭାରତ-ବ୍ରାଜିଲ ତୈଳ ସମ୍ପର୍କ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ପରେ ଏହି ଘଟଣା ଭାରତ ଏବଂ ବ୍ରାଜିଲକୁ ତୈଳ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବାକୁ ପ୍ରେରଣା ଦେଉଛି। କାରଣ ନୂଆଦିଲ୍ଲୀ ସମ୍ପ୍ରତି ରୁଷୀୟ ତୈଳର ବିକଳ୍ପ ଖୋଜୁଛି। ଯେତେବେଳେ କି ବ୍ରାଜିଲ ଏହାର ବର୍ଦ୍ଧିତ ଅଶୋଧିତ ତୈଳ ଉତ୍ପାଦନ ପାଇଁ ନୂତନ ବଜାର ସନ୍ଧାନରେ ଅଛି। ଏସ୍‌ଆଣ୍ଡପି ଗ୍ଲୋବାଲ୍ କମୋଡିଟି ଇନସାଇଟ୍ସର ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଇତିମଧ୍ୟରେ ବ୍ରାଜିଲ୍‌ରୁ ଭାରତକୁ ତୈଳ ଆମଦାନୀରେ ୭୫% ବୃଦ୍ଧି ପରିଲକ୍ଷିତ ହୋଇଛି।

ଭାରତରେ ରୁଷୀୟ ତୈଳ ପ୍ରବାହ ଜାରି ରହିଛି, କିନ୍ତୁ ଭାରତୀୟ ରିଫାଇନାରୀମାନେ ସେମାନଙ୍କର ଉତ୍ସଗୁଡ଼ିକୁ ବିବିଧ କରି ସବୁଠାରୁ ତୈଳ ଆମଦାନୀ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏପରି ଏକ ପଦକ୍ଷେପ ଯାହା ଭାରତକୁ ବ୍ରାଜିଲୀୟ ଅଶୋଧିତ ତୈଳ ପ୍ରବାହକୁ ଖୁବ୍ ଉପରକୁ ନେଇଯାଇପାରେ, ଯାହା ୨୦୨୫ ର ପ୍ରଥମାର୍ଦ୍ଧରେ ସମସ୍ତ ଯୋଗାଣକାରୀଙ୍କ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏଥିରେ ଆହୁରି ବୃଦ୍ଧି ଘଟିଛି। ମାଲ ପରିବହନ, ମଧ୍ୟସ୍ଥତା ସୁଯୋଗ ଏବଂ ଅତିରିକ୍ତ କାର୍ଗୋର ଉପଲବ୍ଧତା ଭାରତୀୟ ବିଶୋଧନାକାରୀଙ୍କ ମଧ୍ୟରେ ବ୍ରାଜିଲୀୟ ଅଶୋଧିତ ତୈଳର ବାଣିଜ୍ୟିକ କାର୍ଯ୍ୟକ୍ଷମତା ନିର୍ଣ୍ଣୟ କରିବ, ଭାରତ ଏବଂ ବ୍ରାଜିଲ ସରକାରଙ୍କ ମଧ୍ୟରେ ବଢୁଥିବା କୂଟନୈତିକ ପ୍ରୟାସ ସକାରାତ୍ମକ ଫଳାଫଳ ଆଣିବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରାଜିଲିଆନ୍ ଅଶୋଧିତ ତୈଳର ପ୍ରାଥମିକ କ୍ରେତା ହୋଇଛନ୍ତି। ଭାରତ ଦକ୍ଷିଣ ଆମେରିକୀୟ ଦେଶରୁ ଅଶୋଧିତ ତୈଳ ଆମଦାନୀ କିପରି ବୃଦ୍ଧି କରିପାରିବ ଏବଂ ଅଫଶୋର ଗଭୀର ଏବଂ ଅତି-ଗଭୀର ଜଳ ଅନୁସନ୍ଧାନ ଏବଂ ଉତ୍ପାଦନ ପ୍ରକଳ୍ପରେ ସହଯୋଗ ପାଇଁ ସୁଯୋଗ ଅନୁସନ୍ଧାନ କରିପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିକଟରେ ବ୍ରାଜିଲ ଗସ୍ତ କରିଥିଲେ।

**ବ୍ରାଜିଲ୍‌ରୁ ତୈଳ ଆମଦାନୀ ୭୫% ବୃଦ୍ଧି**

# ବ୍ରିଟିଶ ଶିଳ୍ପପତି ଲର୍ଡ୍ ସ୍ୱରାଜ ପଲ୍‌ଙ୍କ ନିଧନ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ କିମ୍ବଦନ୍ତୀ ବ୍ରିଟିଶ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଦେହାନ୍ତ ଘଟିଛି। ୯୪ ବର୍ଷ ବୟସରେ ପଲ୍ ଦୀର୍ଘ ଅସୁସ୍ଥତାରେ ପୀଡିତ ଥିଲେ। ହାଉସ୍ ଅଫ୍ ଲର୍ଡସ୍ ସଦସ୍ୟ ସ୍ୱରାଜ ପଞ୍ଜାବର ଜଳନ୍ଧରର ବାସିନ୍ଦା। ପଲ୍ ବ୍ୟବସାୟ ଏବଂ ଅର୍ଥ କ୍ଷେତ୍ରରେ ସଫଳ ଥିଲେ, କିନ୍ତୁ ତାଙ୍କ ପରିବାର ସବୁବେଳେ ଦୁଃଖରେ ଘେରି ରହୁଥିଲା। ୨୦୧୫ ମସିହାରେ ତାଙ୍କ ପୁଅ ଅଙ୍ଗଦ ପଲ ୮ମ ମହଲାରୁ ପଡ଼ି ମୃତ୍ୟୁବରଣ କରିଥିଲେ। ୨୦୨୨ ମସିହାରେ ତାଙ୍କ ପତ୍ନୀ ଅରୁଣାଙ୍କ ମଧ୍ୟ ଦେହାନ୍ତ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସ୍ୱରାଜ ପଲ ୧୯୩୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ଲଣ୍ଡନ ଚାଲିଯାଇଥିଲେ। ସେଠାରେ କାପାରୋ ଗ୍ରୁପ୍ ଆରମ୍ଭ କରିଥିଲେ। ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ ଅନୁଯାୟୀ, ସେ ବ୍ରିଟେନର ଧନୀମାନଙ୍କ ତାଲିକାରେ ସାମିଲ ଅଛନ୍ତି। ଏହି ବର୍ଷ ସେ ଧନୀ ତାଲିକାର ୮୧ତମ ସ୍ଥାନ ହାସଲ କରିଛନ୍ତି। ୨ ବିଲିୟନ ପାଉଣ୍ଡ ଅର୍ଥାତ୍ ପ୍ରାୟ ୨୧୦୦୦ କୋଟି ଟଙ୍କାର ସମ୍ପତ୍ତି ସହିତ, ସେ ବ୍ରିଟେନ୍‌ରେ ନିଜର ଦବ୍‌ଦବା ଜାହିର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଜ ପଲଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ପୁରୀରେ ଭାରତୀୟ ଟୁର୍ ଅପରେଟର୍ ସଂଘ ସମ୍ମିଳନୀ ଆରମ୍ଭ

## ଯୋଗଦେଲେ ୧୭ ରାଜ୍ୟର ଏକହଜାର ଟୁର୍ ଅପରେଟର୍




ଭୁବନେଶ୍ୱର,୨୨।୮ (ସମିସ)

ପୁରୀରେ ଆରମ୍ଭ ହୋଇଛି ପର୍ଯ୍ୟଟନ ମହାକୁମ୍ଭ। ଭାରତୀୟ ଟୁର୍ ଅପରେଟରର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୧୭ଟି ରାଜ୍ୟରୁ ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର, ଟୁରିଷ୍ଟ ଟ୍ରାନ୍ସପୋର୍ଟ ଅପରେଟର ପ୍ରମୁଖ ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗଦେଇଥିଲେ।

ଏଥିରେ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଡ. ଜେ.କେ ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଶା ଏପରି ଏକ ଭୂମି ଯାହାର କୌଣସି ପରିଚୟର ଆବଶ୍ୟକତାନାହିଁ। ଏହା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରକୃତି ନିର୍ବିଶେଷରେ ମିଶ୍ରିତ। ପୁରୀର ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଚମତ୍କାରଠାରୁ ଆରମ୍ଭ କରି ଖଣ୍ଡଗିରି ଏବଂ ଉଦୟଗିରିର ପ୍ରାଚୀନ ଗୁମ୍ଫା, ଏସିଆର ସର୍ବବୃହତ ଲୁଣିଆ ଜଳାଭୂମୀ ଚିଲିକା ହ୍ରଦଠାରୁ ଆରମ୍ଭ କରି ସିମିଳିପାଳ ଏବଂ ଭିତରକନିକାର ବନ୍ୟପ୍ରାଣୀ ସମ୍ପଦ ପର୍ଯ୍ୟନ୍ତ, ଓଡ଼ିଶା ଆକର୍ଷଣର ଏକ ଅତୁଳନୀୟ ବିବିଧତା ପ୍ରଦାନ କରେ। ପ୍ରକୃତରେ, ଓଡ଼ିଶା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଉଜ୍ଜ୍ୱଳ ଭାବରେ ଝଲସାଇବାକୁ ଅପେକ୍ଷା କରିଥିବା ଏକ ଲୁକ୍କାୟିତ ରତ୍ନ। ପୂର୍ବରୁ ଦୁଇଥର ଓଡ଼ିଶାରେ ଏହାର ସମ୍ମିଳନୀ ଆୟୋଜନ କରିଛି । ୨୦୦୮ ଏବଂ ପୁଣି ୨୦୧୭ରେ। ଉଭୟ ଥର, ରାଜ୍ୟକୁ ପ୍ରଚଣ୍ଡ ଦୃଶ୍ୟମାନତା, ନିବେଶ ଏବଂ ଆନ୍ତର୍ଜାତୀୟ ଦୃଷ୍ଟି ମିଳିଥିଲା। ଆଜି ତୃତୀୟ ଥର ପାଇଁ, ଓଡ଼ିଶା ଆପଣମାନଙ୍କୁ ସମସ୍ତଙ୍କୁ ଆତିଥ୍ୟ କରିବାର ଗୌରବ ପାଇଛି, ଏବଂ ଆମେ ନିଶ୍ଚିତ ଯେ ଏହି ୪୦ତମ ସମ୍ମିଳନୀ ନୂତନ ମାନଦଣ୍ଡ ସ୍ଥାପନ କରିବ ଏବଂ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ସାଧାରଣ ଜନତାଙ୍କ ସ୍ୱର ସାଜିଛି ଗୋଷ୍ଠୀ ବେତାର

# ଲୋକାଲ୍ ରେଡିଓ ୮୮.୮ ଏଫ୍‌ଏମ୍ ଲୋକାର୍ପିତ

ଭୁବନେଶ୍ୱର,୨୨।୮ (ସମିସ)




ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗ ଇଣ୍ଡିଆ ପକ୍ଷରୁ ଗୋଷ୍ଠୀ ବେତାର କେନ୍ଦ୍ର 'ଲୋକାଲ ରେଡ଼ିଓ' ୮୮.୮ ଏଫ୍.ଏମ.ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ ଇଣ୍ଡିଆ ପକ୍ଷରୁ ଗତ ୨୦୧୦ ମସିହାରେ କୋଣାର୍କରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର ପ୍ରତିଷ୍ଠା କରାଯାଇଥିଲା। ୟଙ୍ଗ ଇଣ୍ଡିଆର ଏହା ଦ୍ୱିତୀୟ ପଦକ୍ଷେପ। 'ଲୋକାଲ ରେଡ଼ିଓ' ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀର ସାଧାରଣ ଜନତାଙ୍କ ସ୍ୱର ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲୋକାର୍ପଣ ଉତ୍ସବର ପ୍ରଥମ ଅଧିବେଶନରେ ପିରାମଲ୍ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ବି.ଏନ୍.ଦୁର୍ଗାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଆକ୍ସନ୍‌ଏଡ୍‌ର ସହନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ସାଧାରଣ ଜନତାଙ୍କ ସ୍ୱର ସାଜିଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାରର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସଂପ୍ରତି ଗୋଷ୍ଠୀ ବେତାର କେନ୍ଦ୍ରର ସାମାଜିକ ପ୍ରଭାବ ସୁଦୂରପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ୟଙ୍ଗ ଇଣ୍ଡିଆ ଓ ରେଡ଼ିଓ ନମସ୍କାରର ପ୍ରତିଷ୍ଠାତା ଏନ୍.ଏ.ଶାହଃ ଅନସାରୀ ଦ୍ୱୈତ ନଗରୀବାସୀଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ 'ଲୋକାଲ ରେଡ଼ିଓ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ରେଡ଼ିଓ ନମସ୍କାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିପୁଣ ଓଡ଼ିଶା ଅଭିଯାନ'ର ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନିପୁଣ ଓଡ଼ିଶା ଅଭିଯାନର ସଫଳ ରୂପାୟନ ସଂପର୍କରେ ଯୁବ ଗବେଷକ ଅବ୍ଦାଜ ଆରନ୍ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କମ୍ୟୁନିଟି ରେଡ଼ିଓ ଅଫ୍ ଓଡ଼ିଶାର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଏସ୍.ଏ.ସଫିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡି.ଏନ୍. ଜେନା, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିବେଶୀ ରେଡ଼ିଓ ସାଥୀ 'ରେଡ଼ିଓ ଆଉଟ୍ ରିଚ୍', 'ରେଡ଼ିଓ ଜୁହାର', 'ରେଡ଼ିଓ ସମ୍ପର୍କ', 'ରେଡ଼ିଓ ମହକ', 'ରେଡ଼ିଓ ଗାର୍ଡେନ', 'ରେଡ଼ିଓ ସ୍ୱରାଜ' ଓ 'ରେଡ଼ିଓ ନମସ୍କାର'କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ସମାଜସେବୀ କୁମୁଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଲୋକାଲ ରେଡ଼ିଓର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, ଏସ୍. କାଜଲ, ଏମ୍. ନିୟାଜ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ନିହାର ରଞ୍ଜନ ବେଉରା ଓ ଜ୍ଞାନ ରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୨-ସ୍ପେନ୍ ବିପକ୍ଷରେ ମରକ୍କୋରେ ବିଦ୍ରୋହ।
- ୧୯୪୭- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶର ଉପ ପ୍ରଧାନମନ୍ତ୍ରୀ ହେଲେ।
- ୧୯୭୬- ଚୀନ୍‌ରେ ଭୂମିକମ୍ପ ଯୋଗୁଁ ହଜାରେ ଲୋକଙ୍କ ମୃତ୍ୟୁ।
- ୧୯୯୫- ଦେଶର ପ୍ରଥମ ସେଲୁଲାର ଫୋନ୍‌କୁ କଲିକତାରେ ବ୍ୟବସାୟିକ ପ୍ରବେଶ କରାଗଲା।
- ୨୦୦୮- ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ନିଜ ପଦବୀରୁ ଇସ୍ତଫା ଦେଲେ।

## ଆଜି ବାହୁଡ଼ିଥିଲେ
# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ



ସ୍ୱାଧୀନତା ପାଇଁ ଯେତେବେଳେ ବ୍ରିଟିଶମାନଙ୍କ ସହ ଭାରତୀୟମାନେ ଲଢୁଥିଲେ ସେହି ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ। ଏକାଧାରରେ ସେ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବୀ। ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା। ଜାତିଆଣ ଭାବ ଓ ବାଲ୍ୟବିବାହ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ପେସାରେ ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଲେଖାଲେଖିରେ ତାଙ୍କର ଗଭୀର ରୁଚି ଥିଲା। ଓଡ଼ିଶାର ସେ ପ୍ରଥମ ମହିଳା ଡାକ୍ତର ଥିଲେ। ସ୍ୱଳ୍ପ ଅବଧିର ଜୀବନ କାଳରେ ସେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ। ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଗତ ବାଛବିଚାର ବିରୋଧରେ ସେ ଲେଖୁଥିଲେ। ଏହାଛଡ଼ା ବିଧବା ବିବାହ ଓ ନାରୀ ସଶକ୍ତୀକରଣ ନିମନ୍ତେ ସେ କାମ କରୁଥିଲେ। ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା। ତାଙ୍କ ଚର୍ଚ୍ଚିତ କବିତାଗୁଡ଼ିକ ମଧ୍ୟରେ ଥିଲା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଆହ୍ୱାନ', 'ଅଭିଶପ୍ତର ଅଭିମାନ', 'ପୂଜା' ଏବଂ 'ଶେଫାଳି ପ୍ରତି'। କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ ଦିଲ୍ଲୀରେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ। ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା। ୧୯୦୧ ମସିହା ଫେବୃଆରୀ ୮ ତାରିଖରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର(ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ। ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ। ଶୈଶବ ଓ କୈଶୋର ତାଙ୍କର କଟିଥିଲା ବର୍ମାର ଅଣଓଡ଼ିଆ ପରିବେଶରେ। ତେଣୁ ସେ ଆରମ୍ଭରୁ ହିନ୍ଦୀ ଭାଷା ସହିତ ପରିଚିତ ହେଲେ। ତେବେ ଘରୋଇ ଉଦ୍ୟମରେ 'ମଧୁ ବର୍ଣ୍ଣବୋଧ', 'ଶିଶୁପାଠ', 'ସାହିତ୍ୟ କୁସୁମ', 'ସାହିତ୍ୟ ତରଙ୍ଗ' ଆଦିର ସହାୟତାରେ ସେ ଓଡ଼ିଆ ଶିଖିଲେ। ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ। ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ। ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରିଣୀ କୁନ୍ତଳା କୁମାରୀଙ୍କର ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।


## ସୂର୍ଯ୍ୟକିରଣ ଓ ଟେକ୍ନୋଲୋଜିଠୁ ଦୂରରେ
# ପାତାଳକୋଟ



ପ୍ରାଚୀନ ଗ୍ରନ୍ଥ ଓ ପୁରାଣଗୁଡ଼ିକରେ ପାତାଳକୁ ଏକ ରହସ୍ୟମୟ ଏବଂ ଆଶ୍ଚର୍ଯ୍ୟଜନକ ଦୁନିଆ ଭାବରେ ବର୍ଣ୍ଣନା କରାଯାଇଛି। ଏହା ପୃଥିବୀ ତଳେ ଅବସ୍ଥିତ ବୋଲି କୁହାଯାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ଛିନ୍ଦୱାଡା ଜିଲ୍ଲାର ଏକ ସ୍ଥାନ ପାତାଳ ଲୋକଠାରୁ କିଛି କମ୍ ନୁହେଁ। ଏହାର ନାଁ ପାତାଳକୋଟ। ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ପାତାଳ ଲୋକ ନାଁରେ ଜାଣନ୍ତି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୧୨୦୦ରୁ ୧୫୦୦ ଫୁଟ ତଳେ ଅବସ୍ଥିତ। ଆଜିକାଲିର ୫ଜି ଯୁଗରେ ବି ଏଠାକାର ଲୋକେ ଟେକ୍ନୋଲୋଜିଠାରୁ ବହୁ ଦୂରରେ। ଏବେ ବି ସେମାନେ ସେମାନଙ୍କର ପରମ୍ପରା ଏବଂ ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରୁଛନ୍ତି। ତେବେ ପାତାଳକୋଟରେ ୧୨ଟି ଛୋଟ ଛୋଟ ଗାଁ ରହିଛି। ତନ୍ମଧ୍ୟରୁ ୩ଟି ଗାଁ ଏମିତି ରହିଛି ଯେଉଁଠି ସକାଳ ବି ସନ୍ଧ୍ୟା ଭଳି ଲାଗିଥାଏ। କାରଣ ଏହି ଗାଁଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ମୁଖ୍ୟତଃ ପାତାଳକୋଟରେ ଗୋଣ୍ଡ ଏବଂ ଭାରିୟା ଜନଜାତିର ଲୋକେ ବସବାସ କରନ୍ତି। ଏଠାକାର କିଛି ଲୋକ ଚାଷ କାମ କରି ଜୀବନ ନିର୍ବାହ କରୁଥିବାବେଳେ ଆଉ କିଛି ଲୋକେ ଜଙ୍ଗଲଜାତ ଜିନିଷ ଓ ଜଡ଼ିବୁଟି ବିକ୍ରିକରି ଦୁଇ ପଇସା ଉପାର୍ଜନ କରିଥାନ୍ତି। ସବୁଠୁ ଭଲ କଥା ହେଉଛି, ପେଟ ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉ କି ଶର୍କରା ସମସ୍ୟା, ସମସ୍ତ ରୋଗର ଉପଶମ ପାଇଁ ଏମାନଙ୍କ ପାଖେ ଜଡ଼ିବୁଟି ରହିଛି। ଏହାବାଦ୍ ପାତାଳକୋଟରେ ଏକ ସୁନ୍ଦର ଝରଣା ରହିଛି। ଏହି ଝରଣାର ପାଣିକୁ ହିଁ ଏଠାକାର ଲୋକେ ପିଇବା ଓ ଖାଦ୍ୟ ରାନ୍ଧିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ୧୨ଟି ଗାଁର ଲୋକଙ୍କର ବାହାର ଦୁନିଆ ସହିତ ଏତେଟା ସମ୍ପର୍କ ନ ଥିବାରୁ କରୋନା ମହାମାରୀ ସମୟରେ ଏଠାରେ ଗୋଟିଏ ବି କୋଭିଡ୍ ମାମଲା ଦେଖିବାକୁ ମିଳି ନଥିଲା।

# ସୁଗ୍ରୀବ ଭୂମିକାରେ ଅମିତ

ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ନୀତେଶ ତିୱାରୀଙ୍କ 'ରାମାୟଣ'। 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ୍, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେୱଲ, କୈକେୟୀଙ୍କ ଭୂମିକାରେ ଲାରା ଦତ୍ତା ନଜର ଆସିବେ। ନମିତ ମଲହୋତ୍ରା ଓ ଯଶ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏବେ 'ରାମାୟଣ'ରେ ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି। 'ମହାରାନୀ' ୱେବ୍ ସିରିଜ୍, ଅଜୟ ଦେବଗନଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରେଡ୍-୨' ରେ ଅଭିନୟ କରିଥିବା ଅମିତ ସିୟାଲ ଏବେ 'ରାମାୟଣ'ରେ ସୁଗ୍ରୀବଙ୍କ ଭୂମିକାରେ ଦେଖାଯିବେ। ଦିନକୁ ଦିନ 'ରାମାୟଣ'ରେ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ନିୟମିତ ବ୍ୟବଧାନରେ ନୂଆ ନୂଆ କଳାକାରମାନଙ୍କ ଏଣ୍ଟ୍ରି ହେଉଛି। ତେବେ ୨୦୨୬ ଦୀପାବଳିରେ 'ରାମାୟଣ'ର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଏହାର ଦ୍ୱିତୀୟ ପାର୍ଟ ଆସିବ।



## ଆସ ପ୍ରଭୁ ଗଣନାଥ



ଭୋଦୁଅ ମାସର ଚତୁର୍ଥୀ ତିଥିରେ
ଆସ ପ୍ରଭୁ ଗଣନାଥ,
ଜାତି ଜାତି ଫୁଲ ଚାହିଁ ବସିଛନ୍ତି
ତୁମ ଆସିବାର ପଥ ।
ଶୁଖି ଯାଇଅଛି ମାଟିର ସଡ଼କ
ନାହିଁ ଓଦା ପଚା ସଢ଼ା,
ତୁମ ଆସିବାର ଆଗମନ ଜାଣି
ତୋରଣ ହେଲାଣି ଗଢ଼ା।
ଆଲୋକ ମାଳାରେ ସଜା ହୋଇଲାଣି
ସହର ବଜାର ଗାଆଁ,
ପୂରୁବ ଦିଗରେ ସୂରୁଜ ଦେବତା
ଉଇଁଲେଣି ଛାଆଁ ଛାଆଁ ।
ପୂଜା ମଣ୍ଡପକୁ ସଜଉଛୁ ଆମେ
ବିବିଧ ରଙ୍ଗରେ ମାଖି,
ଦେଖି ଦେଲେ ଥରେ ନୂଆ ବାଟୋଇର
ଝଲସି ଉଠିବ ଆଖି ।
ସୁନାରେ, ଚାନ୍ଦିରେ ମେଢ଼ ଗଢୁଅଛି
ଶିଳିପି ନ ଶୋଇ ରାତି,
ଜାତି ଜାତି ଫୁଲ କାନରେ କହୁଛି
ଭଅଁର ସକାଳୁ ନିତି ।
ଧୂପ, ଦୀପ, ଲଡୁ, କଦଳୀ, ନଡ଼ିଆ
ସଜ ହୋଇଲାଣୀ ଯେତେ,
ଚନ୍ଦନ, କର୍ପୂର ମନ୍ଦାର ମାଳକୁ
ଯୋଗାଡ଼ କରିଛି କେତେ ।
ପାଦ ଦିଅ ଥରେ ମରତ ମାଟିରେ
ମରତର ହେଉ ଶୁଭ,
ସକଳ ପ୍ରାଣୀକୁ ଦିଅ ବୁଦ୍ଧି ବିଦ୍ୟା
ଦିଅ ମନେ ଭକ୍ତି ଭାବ ।■



ତପନ କୁମାର ସ୍ୱାଇଁ

ଅଇଁବିଲି, ତିର୍ତ୍ତୋଲ
ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

## ନୂଆଁଖାଇ



ଭାଦରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇ ପର୍ବ ଆସି
ବରଷାରେ ଭିଜି ଡାକଇ ଦୁଆରେ
ବାଣ୍ଟିବାକୁ ତା'ର ଖୁସି ।
ତା'ର ସୁଗନ୍ଧେ ପଶ୍ଚିମ ଓଡ଼ିଶାର
ପଲ୍ଲୀଠୁ ସହର ହସେ
ମା'ଙ୍କର ଅପାର କରୁଣାରୁ ସିଏ
ମହମହ ହୋଇବାସେ ।
ମା' ସମଲେଇଙ୍କୁ ଭକ୍ତି ଭରେ ସର୍ବେ
ନବାନ୍ନ ସମର୍ପି ଦେଇ
ପ୍ରଫୁଲ୍ଲ ଚିତ୍ତରେ କରନ୍ତି ଭୋଜନ
ଦୁଃଖ ଶୋକ ଭୁଲି ଯାଇ ।
ଆବାଳ ବୃଦ୍ଧ ବନିତା ଏ ପରବେ
ନୂତନ ବସନ ପିନ୍ଧି
ପରସ୍ପରେ ଆଜି ଜୁହାର ହୁଅନ୍ତି
ସ୍ନେହ ପ୍ରେମ ଡୋରେ ବାନ୍ଧି ।
ଭୁଲନ୍ତି ସଭିଏଁ ଭେଦ ଭାବ ଯେତେ
ଅବା ହିଂସା ରାଗ ରୋଷ
ପ୍ରଣତି ଜଣାନ୍ତି ମା'ଙ୍କ ପଦ୍ମପାଦେ
ପୂର୍ଣ୍ଣ କରିବାକୁ ଆଶ ।
ଅତି ନିଆରା ଏ ଗଣ ପରବଟି
ଓଡ଼ିଶା ରାଇଜେ ଆମ
ଗରବ ଗୌରବ ଗାଥା ଗାଇ ତା'ର
ରଖିଛି ସ୍ୱତନ୍ତ୍ର ନାମ ।■



ସୁଧାକର ରାଉତ

ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୮୨୯

## ଆସୁଛି ଗଣେଶ ପୂଜା

ଭୋଦୁଅ ଶୁକ୍ଳ ପୂଣ୍ୟ ଚତୁର୍ଥୀରେ
ଆସୁଛି ଗଣେଶ ପୂଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା।
ସ୍କୁଲ ଫାଟକରୁ ଶ୍ରେଣୀଗୃହ ତକ
ଦିଶେ ସ୍ୱଚ୍ଛ ଶୋଭାବନ
ରଙ୍ଗୀନ ଜରୀର ଅପୂର୍ବ ତୋରଣ
କିଣିନିଏ ସର୍ବ ମନ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ପିନ୍ଧିବେ ଗଜରା ମାଳ
ନାନା ଜାତି ଫଳ ରାଶିଲଡୁ ଭୋଗ
ଲଗାଇବେ ଛାତ୍ରଗଣ।
ନୂଆ ବସନରେ ସଭିଏଁ ଆସିବେ
ଗାଇବେ ଗଣେଶ ସ୍ତୁତି
ପୁଷ୍ପାଞ୍ଜଳି ଦେଇ ପ୍ରଣତି କରିବେ
ବିଦ୍ୟା ଦେବେ ବିଦ୍ୟାପତି।
ଶିଶୁ ଭକ୍ତି ଦେଖି ଖୁସିହେବେ ପ୍ରଭୁ
ଢାଳିବେ କରୁଣା ବାରି
ଅଜ୍ଞାନ ତିମିର ଦୂରକରି ପ୍ରଭୁ
ଦିବ୍ୟଜ୍ଞାନ ଦେବେ ଭରି।
କୋମଳ ଶିଶୁଙ୍କ କୋମଳ ପରାଣେ
ଭରିବେ ଧର୍ମ ବିଚାର
ଜ୍ଞାନଦାତାଙ୍କର ଜ୍ଞାନ ଆଲୋକରେ
ହସିବ ସାରା ସଂସାର।■




ରାମଚନ୍ଦ୍ର ବେହେରା

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୪୫୫୬୩୪୨୪୬

# ସୁମନ

## ସହନଶୀଳତା



ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ । ସେ ଶ୍ରେଣୀରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି। ସ୍କୁଲରେ ସମସ୍ତଙ୍କ ସହିତ ତା'ର ଉତ୍ତମ ସମ୍ପର୍କ। ମନକୁ ତା'ର ଯାହା ଆସେ ତାହା କରି ପକାଏ ଯେତେ ବୁଝାଇଲେ ମଧ୍ୟ ସେ କାହା କଥା ଶୁଣେନାହିଁ। ସେ ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁ ଲୋକଙ୍କୁ ଗୋଟେ ଆମ୍ବଗଛ ମୂଳରେ ବସିଥିବାର ଦେଖେ। ଖରାଦିନ ହୋଇ ଥିବାରୁ ପାଚିଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁ ଲୋକ ଜଣଙ୍କ ମନଖୁସିରେ ନେଇ ତାକୁ ଖାଇ ଦିଅନ୍ତି । ଚିନୁ ଏ ସବୁ ଦେଖି ତା' ମନରେ ଈର୍ଷା ଜାତ ହେଲା। ସେ ଭାବିଲା- ବିନା କାରଣରେ ସାଧୁ ଜଣକ ଏଠାରେ ଖାଲି ବସି ରହୁଛନ୍ତି ଓ ଆମ୍ବ ନେଇ ଖାଇ ଦେଉଛନ୍ତି । ସେ ମନେମନେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଆମ୍ବ ଖାଇବେ। ରବିବାର ଛୁଟି ଦିନ ହୋଇଥିବାରୁ ଚିନୁ ସାଙ୍ଗମାନଙ୍କୁ ନେଇ ଆମ୍ବ ଗଛ ମୂଳରେ ପହଞ୍ଚିଲା । ଆଗଭଳି ସାଧୁ ଜଣଙ୍କ ସେଠାରେ ବସି ରହିଥିଲେ । ଚିନୁ ଓ ତାର ସାଙ୍ଗମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ପକାଇବା ପାଇଁ ପ୍ରସ୍ତୁତ ହେଲା ବେଳେ ସେ ଏପରି କରିବାକୁ ମନା କଲେ। ଚିନୁ ସାଧୁ ଜଣଙ୍କୁ ଆପଣଙ୍କର କ'ଣ ଅସୁବିଧା ହେଉଛି ବୋଲି ରାଗିକି ପଚାରିଲା। ସେ ନମ୍ର ହୋଇ ସମସ୍ତଙ୍କୁ ଗୋଟିଏ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ଆଉ ଅଟକାଇ ବି ନାହିଁ ବୋଲି ହସି ଦେଇ କହିଲେ। ସମସ୍ତେ ଭାବିଲେ ସାଧୁଙ୍କ କଥା ଶୁଣି ସାରିବା ପରେ ଆମ୍ବ ଗଛକୁ ଟେକା ପକାଇବେ। ସାଧୁ ଜଣଙ୍କ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା' ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ । ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ । ଆମ୍ବ ଗଛଟିର ଡାଳରେ ଅନେକ ଆମ୍ବ ଭରି ରହିଛି ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି। ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ। ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ସୁଝାଇ ତା' ଠାରୁ ଭଲ ଗୁଣ ଗ୍ରହଣ ଉଚିତ। ଏମିତି ହେଲେ ଜଣେ ଉତ୍ତମ ଚରିତ୍ରର ମଣିଷ ହୋଇ ସମାଜର ମଙ୍ଗଳ କରିପାରିବ। ଚିନୁ ଆଉ ତା ସାଙ୍ଗମାନେ ନିଜ ନିଜର ଭୁଲ ବୁଝି ପାରି ଜୀବନରେ ଆଉ କେବେ ଏପରି କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ ।■



ସତ୍ୟନାରାୟଣ ପ୍ରଧାନ

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪

## ତୁମ ଅଙ୍କନ













**ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର



**ସିଦ୍ଧ ମନୀଷ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ୍
କାଟ୍ରା, ଜମ୍ମୁ କାଶ୍ମୀର

## ଚୟନ କମିଟିରେ ସାମିଲ ହେବେ ପ୍ରଜ୍ଞାନ; ଶିବଙ୍କୁ ନେଇ ଅନିଶ୍ଚିତତା



ମୁମ୍ବଇ, ୨୨।୮ (ଏଜେନ୍ସି): ଭାରତୀୟ ଦଳର ଚୟନ କମିଟିରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏଥିଲାଗି ଜାତୀୟ ପୁରୁଷ ଓ ମହିଳା ଦଳ ଚୟନ କମିଟିର ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଯେଉଁଥିରେ ପୁରୁଷ ଚୟନ କମିଟିରେ ୨ଜଣ ଓ ମହିଳା ଚୟନ କମିଟିରେ ୪ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ଅତିକମ୍‌ରେ ୧୦ଟି ଏକଦିବସୀୟ, ୭ଟି ଟେଷ୍ଟ କିମ୍ବା ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ସେ ୫ ବର୍ଷ ତଳୁ ଅବସର ନେଇଥିବେ ଓ ବିସିସିଆଇର କୌଣସି ଚୟନ କମିଟିରେ କ୍ରମାଗତ ୫ବର୍ଷ ଧରି ରହି ନ ଥିବେ। ପୁରୁଷ ଚୟନ କମିଟିର କେଉଁ ଜୋନରୁ ପ୍ରାର୍ଥୀଙ୍କୁ ବଦଳାଯିବ କିମ୍ବା କେଉଁ ଜୋନରୁ ନୂତନ ପ୍ରାର୍ଥୀ ଆସିବେ ସେ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତଥାପି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଦୁଇ ନୂଆ ସଦସ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନରୁ ଆସିବେ। ଦକ୍ଷିଣ ଜୋନ୍‌ର ଏସ୍. ଶରତ ତାଙ୍କ କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ପୂର୍ବତନ ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ତାଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ରୀୟ ଜୋନରୁ କାହାକୁ ନିଆଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟ ଜଣାପଡ଼ିନି। ବର୍ତ୍ତମାନର ଚୟନ କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ କେନ୍ଦ୍ରୀୟ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ସ୍ଥାନରେ ନୂଆ ସଦସ୍ୟକୁ ନେବାକୁ ବିସିସିଆଇ ଚିନ୍ତା କରୁଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଚୟନ କମିଟିରେ ପଶ୍ଚିମ ଜୋନ ଓ ଉତ୍ତର ଜୋନର ସଦସ୍ୟଙ୍କ କାର୍ଯ୍ୟକାଳ ବଢ଼ିବା ନିଶ୍ଚିତ ହୋଇଛି। ପଶ୍ଚିମ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଅଗରକରଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବଢ଼ିଥିବା ରିପୋର୍ଟ ଗତ ୨ ଦିନ ତଳେ ପ୍ରକାଶ ପାଇଥିଲା। ସେହିଭଳି ଉତ୍ତର ଜୋନର ଅଜୟ ରାତ୍ରାଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ପୂର୍ବ ଜୋନରୁ ସୁବ୍ରତ ବାନାର୍ଜୀ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଛନ୍ତି।

## ଗୋଟିଏ ସପ୍ତାହରେ ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଆଇଏସ୍‌ଏଲ୍ ବିବାଦ**

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶର ସର୍ବବୃହତ ଫୁଟବଲ ଲିଗ୍‌ର ମାନ୍ୟତା ପାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଚାଲିଥିବା ବିବାଦ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିକ୍ରମରେ କୋର୍ଟ ସମାଧାନ ବାହାର କରିବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଆୟୋଜନକାରୀ କମ୍ପାନୀ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପିଏସ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଏକାଠି ବସି ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ (ଏମ୍‌ଆରଏ)ର ନବୀକରଣ ନେଇ ଦୁଇ ସଂସ୍ଥା ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ୨୦୧୦ରେ ଏହି ଦୁଇ ସଂସ୍ଥା ମଧ୍ୟରେ ୧୫ ବର୍ଷ ପାଇଁ ଏମ୍‌ଆରଏ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁସାରେ ଏଫ୍‌ଏସ୍‌ଡିଏଲ୍ ପ୍ରତିବର୍ଷ ଏଆଇଏଫ୍‌ଏଫ୍‌କୁ ୫୦ କୋଟି ଟଙ୍କା ପ୍ରଦାନ କରିଥାଏ। ବଦଳରେ ଏଫ୍‌ଏସ୍‌ଡିଏଲ୍‌କୁ ଭାରତୀୟ ଜାତୀୟ ଫୁଟବଲ ଦଳ ସହିତ ଆଇଏସଏଲ୍‌ର ପ୍ରସାରଣ, ପ୍ରବନ୍ଧନ ଓ ପ୍ରଚାର ଅଧିକାର ପ୍ରାପ୍ତ ହୋଇଥାଏ। ବର୍ତ୍ତମାନ ଚୁକ୍ତି ଅବଧି ଶେଷ ହୋଇଛି। ବିଭିନ୍ନ କାରଣରୁ ଏମ୍‌ଆରଏ ଚୁକ୍ତିର ନବୀକରଣ ହୋଇ ନଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେଣୁ ସମାଧାନ ବାହାର କରିବାକୁ ଏବେ ସମୟ ଉପନୀତ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

**ଅନ୍‌ଲାଇନ ଗେମିଂ ବିଲ୍‌ର ପ୍ରଭାବ**

# ଏସିଆ କପ୍ ପୂର୍ବରୁ ମୁଖ୍ୟ ପ୍ରାୟୋଜକ ହରାଇବ ଭାରତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):



ଅନ୍‌ଲାଇନ ମନି ଗେମିଂ ବିଲ୍ ଉପରେ ଲାଗିଛି ପ୍ରତିବନ୍ଧକ। ସଂସଦର ଉଭୟ ଗୃହରେ ଏହା ପାରିତ ହେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଏହି ବିଲ୍ ଉପରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ବିଲ୍ ନୂତନ ଆଇନରେ ପରିଣତ ହୋଇଛି। ଏବେ ଏହାର ସିଧାସଳଖ ପ୍ରଭାବ ଭାରତୀୟ କ୍ରିକେଟ୍ ଦଳ ଉପରେ ପଡ଼ିଛି। ଭାରତୀୟ କ୍ରିକେଟ୍ ଦଳ ଏହାର ଜର୍ସି ତଥା ମୁଖ୍ୟ ପ୍ରାୟୋଜକ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଯାହା ଫଳରେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବିନା ଲୋଗୋରେ ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇପାରେ।

ଅନ୍‌ଲାଇନ ଫାଣ୍ଟାସି କ୍ରୀଡ଼ା 'ଡ୍ରିମ ୧୧' ଜୁଲାଇ ୨୦୨୩ରେ ତିନି ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ରିପୋର୍ଟ ମୁତାବକ ୩୫୮ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଥିଲା। ଏହାପରେ 'ବାୟଜୁସ'ର ସ୍ଥାନରେ 'ଡ୍ରିମ ୧୧' ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିଥିଲା। ସେବେଠାରୁ ଭାରତର ପୁରୁଷ, ମହିଳା, ଜୁନିଅର ଆଦି ଦଳର ଖେଳାଳିଙ୍କ ଜର୍ସିରେ ଏହାର ଲୋଗୋ ରହୁଥିଲା। କିନ୍ତୁ ଏବେ ଅନ୍‌ଲାଇନ ଗେମିଂ ବିଲ୍ ଆସିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବିସିସିଆଇ କିମ୍ବା 'ଡ୍ରିମ ୧୧' ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ତଥାପି ବିସିସିଆଇର ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ବିସିସିଆଇ ଦେଶର ଆଇନକୁ ସମ୍ମାନ କରେ ଏବଂ ଏହାକୁ ପାଳନ କରିବ।

ଉଲ୍ଲେଖଯୋଗ୍ୟ ଡ୍ରିମ ୧୧' ଏକମାତ୍ର କମ୍ପାନୀ ନୁହେଁ ଯାହାର ଭାଗ୍ୟ ବିସିସିଆଇ ସହ ଜଡ଼ିତ ହେବାପରେ କ୍ଷତିଗ୍ରସ୍ତ ହୋଇଛି। ଏଥିପୂର୍ବରୁ ବିସିସିଆଇର ମୁଖ୍ୟ ପ୍ରାୟୋଜକ ରହିଥିବା ବିଭିନ୍ନ କମ୍ପାନୀ ଯଥା ସାହାରା, ଷ୍ଟାର୍ ଇଣ୍ଡିଆ, ଓପୋ, ବାୟଜୁସ୍ ବିସିସିଆଇର ପ୍ରାୟୋଜକ ରହି ପ୍ରଚୁର ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

## ନେସନ୍ସ କପ୍: ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ଆକାଶ



ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଦୃଷ୍ଟିବାଧିତ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ନେସନ୍ସ କପ୍ ଓ ଏସିଆ ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିହୀନ ଫୁଟବଲ୍ ମହାସଂଘ ପକ୍ଷରୁ ଶୁକ୍ରବାର ଦଳ ଘୋଷଣା କରାଯାଇଛି। ଓଡ଼ିଶାର ଆକାଶ ପଡ଼ିଆମୀ ଗୋଲ୍‌କିପର ଭାବେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର କୋଚିଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର 'ବ୍ଲୁ ଆଇ' ସଂଗଠନ ପକ୍ଷରୁ ଆଶିଷ ସାହୁ ଓ ଆକାଶ ପଡ଼ିଆମୀ ଭାଗନେଇଥିଲେ। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ଆକାଶ ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏବେ ସେ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଶିବିରରେ ଭାଗନେବେ। ଏହି ଅବସରରେ 'ବ୍ଲୁଆଇ'ର ଅଧକ୍ଷ ତ୍ରିଲୋଚନ ବେଉରା ଓ ଅନ୍ୟ କର୍ମକର୍ତ୍ତା ଆକାଶଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**● ଆଜି ଡୁରାଣ୍ଡ କପ୍ ଫାଇନାଲ୍**

## ଟାଇଟଲ୍ ପାଇଁ ଲଢ଼ିବେ ନର୍ଥଇଷ୍ଟ-ଡାଏମଣ୍ଡ ହାର୍ବର୍

କୋଲକାତା, ୨୨।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ୍ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଓ ପଦାର୍ପଣକାରୀ ଡାଏମଣ୍ଡ ହାର୍ବର୍ ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୫ଟା ୩୦ରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ନର୍ଥଇଷ୍ଟ ଚାମ୍ପିଅନ ହୋଇଥିବାରୁ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଡାଏମଣ୍ଡ ହାର୍ବର୍ ଦଳ ପ୍ରଥମଥର ଲାଗି ଡୁରାଣ୍ଡ କପ୍ ଖେଳୁଛି। ପଦାର୍ପଣରେ ଦଳ ସେମିଫାଇନାଲରେ ୧୬ଥରର ଚାମ୍ପିଅନ ଇଷ୍ଟବେଙ୍ଗଲକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ମଧ୍ୟ ଡାଏମଣ୍ଡ ହବର୍ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି।

**ଫାଇନାଲ ମ୍ୟାଚ୍**
ଆରମ୍ଭ : ସନ୍ଧ୍ୟା ୫ଟା ୩୦
ପ୍ରସାରଣ : ସୋନୀ ଟେନ୍-୨

## ବୁଚି ବାବୁ କ୍ରିକେଟ: ଓଡ଼ିଶା ୨୨୨/୧୦

କଟକ,୨୨।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୂର୍ବତଟ ରେଳବାଇକୁ ଭେଟିଛି ଓଡ଼ିଶା। ଶୁକ୍ରବାରଠାରୁ ଚେନ୍ନାଇର ଏସ୍‌ଆରଏମସି ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ୍ ୨୨୨ ରନରେ ସୀମିତ ରହିଯାଇଛି। ଏହାପରେ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ବିନା ୱିକେଟରେ ୧୯ ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୱିକେଟକିପର ରାଜେଶ ଧୂପରଙ୍କ ୪୩, ସମ୍ବିତ ବରଲାଙ୍କ ୩୭, ବାଦଲ ବିଶ୍ୱାଳଙ୍କ ୩୪ ଓ ଅଧିନାୟକ ସ୍ୱସ୍ତିକଙ୍କ ୩୩ ରନ ବଳରେ ଦଳ ସମ୍ମାନଜନକ ରନ ସଂଗ୍ରହ କରିଥିଲା। ଅନ୍ୟସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ରେଳବାଇର ବାମହାତୀ ସ୍ପିନର ରାଜ ଚୌଧୁରୀ ୧୦୪ରନ ବ୍ୟୟ କରିବା ସତ୍ତ୍ୱେ ୬ଟି ୱିକେଟ ଦଖଲ କରିଥିଲେ। ଆକାଶ ପାଣ୍ଡେ ଓ ବିଶାଲ ହର୍ଷ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସ୍ପିନରଙ୍କ ସହଯୋଗରେ ୧୦ଟି ଯାକ ୱିକେଟ ରେଳବାଇ ହାସଲ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରେଳବାଇ ୪ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୯ ରନ କରିଛି। ମୃଣାଳ ଦେବଧର ୬ ଏବଂ ଆଶିଷ ସିଂହ ୧୨ ରନରେ ଅପରାଜିତ ଅଛନ୍ତି।

## ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଓଡ଼ିଶାକୁ ଆଉ ଦୁଇ ରୌପ୍ୟ

କଟକ,୨୨।୮ (ସମିସ): ଶ୍ରୀନଗରରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ଆଉ ଦୁଇ ରୌପ୍ୟ ପଦକ ଜିତିଛି। ଏଥିସହିତ ଓଡ଼ିଶାର ପଦକ ସଂଖ୍ୟା ମୋଟ ୪ରେ ପହଞ୍ଚିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ରହିଛି। ଆଜି ପୁରୁଷ କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ନାଓରାମ ଜମେଶ ଓ ସନ୍ତୋଷଙ୍କ ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ଓନିମା ବିଦ୍ୟାଦେବୀ ଓ ଶ୍ରୁତି ଚୌଗୁଲଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ବିଜୟୀ ହୋଇଛି।

**ମହିଳା ଦିନିକିଆ ବିଶ୍ୱକପ୍**

## ଚିନ୍ନାସ୍ୱାମୀରୁ ଡିୱାଇ ପାଟିଲକୁ ସ୍ଥାନାନ୍ତରିତ ହେଲା ମ୍ୟାଚ୍

ମୁମ୍ବାଇ, ୨୨।୮: ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଭାରତ ଏହି ମେଗା ଟୁର୍ଣ୍ଣାମେଣ୍ଟର ଏଥର ଆୟୋଜକ ରହିଥିବାବେଳେ ପାକିସ୍ତାନ ଦଳ ଏହାର ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ତେବେ ଏଥିପୂର୍ବରୁ ଭେନ୍ୟୁ ପରିବର୍ତ୍ତନକୁ ନେଇ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକୁ ନବୀ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି। ଆଇସିସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ଗତ ଆଇପିଏଲ୍‌ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଚିନ୍ନାସ୍ୱାମୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜଷ୍ଟିସ ଜନ ମାଇକେଲ ଡି'ଚୁନା କମିଶନ ଏହାର ରିପୋର୍ଟରେ ଦର୍ଶାଇଥିଲା କି ଚିନ୍ନାସ୍ୱାମୀ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ। ଯେଉଁଥି ପାଇଁ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ଅଧିକାରୀଙ୍କ ନିକଟରୁ ଅନୁମତି ମିଳିପାରି ନ ଥିଲା। ଯେଉଁଥି ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଶେଷ ମୁହୂର୍ତ୍ତରେ ଭେନ୍ୟୁ ତାଲିକାରୁ ବାଦ୍ ଦେବାକୁ ବିସିସିଆଇ ବାଧ୍ୟ ହୋଇଥିଲା। ଚିନ୍ନାସ୍ୱାମୀ ଏବେ ଉଦ୍‌ଘାଟନୀ ଓ ଫାଇନାଲ ସମେତ ୫ଟି ମ୍ୟାଚ୍ ଆୟୋଜନ ଅଧିକାର ହରାଇଛି। ଅପରପକ୍ଷରେ ନବୀ ମୁମ୍ବଇ ଏବେ ବିଶ୍ୱକପ୍ ଆୟୋଜନର ୫ ଭେନ୍ୟୁ ତାଲିକାରେ ଯୋଡ଼ି ହୋଇଛି।

**ବିଶ୍ୱକପ୍‌ର କେଉଁ କେଉଁ ମ୍ୟାଚ୍ ହରାଇଲା ଚିନ୍ନାସ୍ୱାମୀ**

| | |
|---|---|
| ସେପ୍ଟେମ୍ବର ୩୦ | ଭାରତ-ଶ୍ରୀଲଙ୍କା |
| ଅକ୍ଟୋବର ୩ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା |
| ଅକ୍ଟୋବର ୨୬ | ଭାରତ-ବାଂଲାଦେଶ |
| ଅକ୍ଟୋବର ୩୦ | ଦ୍ୱିତୀୟ ସେମିଫାଇନାଲ |
| ନଭେମ୍ବର ୨ | ଫାଇନାଲ |

**ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍**

## ସନ୍ନି ଏକ୍ସପ୍ରେସ୍ ଚାମ୍ପିଅନ



ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦୁଝରର ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍)ର ସିଏସ୍‌ଆର୍ ପଦକ୍ଷେପ 'ଉଡାନ' ମାଧ୍ୟମରେ ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ପ୍ରାୟୋଜକ ଭୂମିକା ନିର୍ବାହ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ୨୪୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ୍ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଫାଇନାଲରେ ସନ୍ନି ଏକ୍ସପ୍ରେସ ୧-୦ ଗୋଲରେ ଖୁସି-୧୧'କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକକଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସିଏସ୍‌ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶିବ ମୁଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ଅଜୟ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ଅବିନାଶ ମୁଣ୍ଡା ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷରେ ଦ. ଆଫ୍ରିକାର କ୍ରମାଗତ ୫ମ ସିରିଜ୍ ବିଜୟ

ମାକୟ, ୨୨।୮ (ଏଜେନ୍ସି)



ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮୪ ରନରେ ଶୋଚନୀୟ ଭାବେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟବରଣ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୯୮ ରନରେ ଜିତିଥିଲା। ଫଳରେ ସିରିଜର ଗୋଟିଏ ମ୍ୟାଚ୍ ବଳକା ଥାଇ ଭ୍ରମଣକାରୀ ଦଳ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା କମ୍ରାଗତ ୫ମ ଦିନିକିଆ ସିରିଜ ବିଜୟ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଶେଷ ୮ଟି ଦିନିକିଆ ସିରିଜରୁ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଜିତିବାରେ ସମର୍ଥ ହୋଇଛି।

ଦ୍ୱିତୀୟ ଦିନିକିଆରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ ମାର୍କରମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୨୩ ରନ ମଧ୍ୟରେ ଦଳ ଦୁଇ ଓପନର୍ ର୍ୟାନ ରିକ୍ଲେଟନ (୮) ଓ ଅଧିନାୟକ ମାର୍କରମ (୦)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ମାଥ୍ୟୁ ବ୍ରିଜକେ (୮୮ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୪୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶଙ୍କ ୮୭ ରନ ସତ୍ତ୍ୱେ ୩୭.୪ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ପହଞ୍ଚାଇଥିବା ଦ୍ରୁତ ବୋଲର ଲୁନଗି ଏନଗିଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଖେଳାଯିବ। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜକେ ଏହି ଅର୍ଦ୍ଧଶତକୀୟ ପାଳିରେ ଏକ ବିଶ୍ୱରେକର୍ଡ କରିଛନ୍ତି। ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ପ୍ରଥମ ଖେଳାଳି ଭାବେ ସେ ପଦାର୍ପଣ ପରେ କ୍ରମାଗତ ୪ଟି ଅର୍ଦ୍ଧଶତକ ମାରିଛନ୍ତି। ବ୍ରିଜକେ ଏଥିପୂର୍ବରୁ ପାକିସ୍ତାନ ବିପକ୍ଷ ପଦାର୍ପଣ ମ୍ୟାଚରେ ୧୫୦ ରନ, ପରେ ସେହି ଦଳ ବିପକ୍ଷରେ ୮୩ ଏବଂ ଅଷ୍ଟ୍ରେଲିଆ ସହ ପ୍ରଥମ ମ୍ୟାଚରେ ୫୭ ରନ କରିଥିଲେ। ଭାରତର ନବଜୋତ୍ ସିଂହ ସିଦ୍ଧୁ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS